

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୭ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 FEBRUARY 2022

Vol.No. 33 ■ No. 56 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର

ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ :

ତାରିଣୀ ବିଦ୍ୟା ଭଣ୍ଡାର

ଷ୍ଟେସନ ରୋଡ,

ବାଲେଶ୍ୱର-୧

ମୂଲ୍ୟ ଟ୧୫୦/-


# ଆଭିମୁଖ୍ୟ ବଦଳାଇଲା ଆମେରିକା : ୟୁକ୍ରେନ୍ ପାଇଁ ବଡ଼ଧରଣର ଘୋଷଣା କଲା



ନୂଆଦିଲ୍ଲୀ, ୨୬/୦୨ : ଆଭିମୁଖ୍ୟ ବଦଳାଇଲା ଆମେରିକା । ଶେଷରେ ୟୁକ୍ରେନ୍‌କୁ ସାହାଯ୍ୟ କରିବା ପାଇଁ ରାଜି ହୋଇଛି ଆମେରିକା । ଯୁଦ୍ଧରେ ଥରହର ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଛି ଆମେରିକା। ୟୁକ୍ରେନ୍‌କୁ ୩୫୦ ମିଲିଅନ୍ ଡଲାରର ସାମରିକ ସହାୟତା ଯୋଗାଇ ଦେବାକୁ ଆମେରିକା କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ଆମେରିକା ସରକାରଙ୍କ କୁଟନୈତିକ ଅଧିକାରୀ ତଥା ସଚିବ ଆଣ୍ଟୋନୀ ବ୍ଲିନକେନ୍ ଟ୍ୱିଟ୍ କରି ଏହି ଘୋଷଣା କରିଛନ୍ତି । ସେ ଆଜି ଅମେରିକାର ପ୍ରତିରକ୍ଷା ବିଭାଗକୁ ୟୁକ୍ରେନ୍‌କୁ ସାହାଯ୍ୟ ପାଇଁ କହିଛନ୍ତି। ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ଙ୍କୁ ତୁରନ୍ତ ୩୫୦ ମିଲିଅନ୍‌ର ସାମରିକ ସହାୟତା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରୁଷର ଅକାରଣ ଓ ଅଯୁକ୍ତିକର ଯୁଦ୍ଧରୁ ୟୁକ୍ରେନକୁ ରକ୍ଷା ପାଇଁ ସେ ଆମେରିକାର ପ୍ରତିରରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଫ୍ରାନ୍ସ ଏବଂ ଚେକ୍‌ଗଣରାଜ୍ୟ ୟୁକ୍ରେନକୁ ସାମରିକ୍ ସହାୟତା ପାଇଁ ରାଜି ହୋଇଛନ୍ତି। ଫ୍ରାନ୍ସର ସହାୟତା ସମ୍ପର୍କରେ ୟୁକ୍ରେନ୍ ରାଷ୍ଟ୍ରପତି ସ୍ପଷ୍ଟ କରିଛନ୍ତି। ତେବେ ଯୁଦ୍ଧରେ ସହାୟତା ପାଇଁ ଗୋଟିଏ ପରେ ଗୋଟିଏ ଦେଶ ଆଗେଇ ଆସିବା ▶▶ପୃଷ୍ଠା ୭

# ପ୍ରଥମ ଦିନର ଟ୍ରେଣ୍ଡରୁ ବିଜେଡି ବିପୁଳ ବିଜୟ ପଥରେ ଅଗ୍ରସର



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ରାଜ୍ୟରେ ସମ୍ପନ୍ନ ହୋଇଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ମତଗଣନା ଶନିବାର ଦିନ ଆରମ୍ଭ ହୋଇଛି । ପ୍ରଥମ ଦିନର ଟ୍ରେଣ୍ଡରୁ ବିଜେଡି ବିପୁଳ ବିଜୟ ଆଡକୁ ଅଗ୍ରସର ହେଉଥିବା ସ୍ପଷ୍ଟ ହେଉଛି । ପ୍ରଥମ ଦିନ ଗଣତିରେ ୩୧୫ ଟି ଆସନର ଟ୍ରେଂଡ ଜଣା ପଡିଥିଲା ବେଳେ ବିଜେଡି ପ୍ରାର୍ଥୀ ମାନେ ମୋଟ ୨୮୦ ଟି ଆସନରେ ଆଗୁଆ ରହିଛନ୍ତି। ସେହିପରି ବିଜେପି ୧୭ଟି ତଥା କଂଗ୍ରେସ ୧୬ଟି ଆସନରେ ଆଗୁଆ ରହିଛି । ଅନ୍ୟାନ୍ୟ ୪ଟି ଆସନରେ ଆଗୁଆ ଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ମୋଟ ୧୮ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୮ଟି ଆସନର ଟ୍ରେଣ୍ଡ ସମ୍ପର୍କରେ ଜଣା ପଡିଛି । ସବୁ ୮ଟି ଆସନରେ ବିଜେଡି ଆଗୁଆ ରହିଛି। ବୌଦ୍ଧ ଜିଲ୍ଲାର ମୋଟ ୯ଟି ଆସନ ମଧ୍ୟରୁ ୩ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଗୋଟିଏ ଆସନରେ ବିଜେପି ଆଗୁଆ ରହିଛି। ବଲାଙ୍ଗୀର ଜିଲ୍ଲାର ମୋଟ ୩୪ଟି ଆସନ ମଧ୍ୟରୁ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି। ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୨ ଆସନରେ ବିଜେପି ଆଗୁଆ ରହିଛି। ବରଗଡ ଜିଲ୍ଲାର ମୋଟ ୩୪ଟି ଆସନ ମଧ୍ୟରୁ ୧୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୦ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୨ ଆସନରେ ବିଜେପି ଆଗୁଆ ରହିଛି। ବାଲେଶ୍ୱର ଜିଲ୍ଲାର ମୋଟ ୪୫ଟି ଆସନ ମଧ୍ୟରୁ ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି। ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି । ଭଦ୍ରକ ଜିଲ୍ଲାର ମୋଟ ୨୮ଟି ଆସନ ମଧ୍ୟରୁ ୭ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୭ଟି ଆସନରେ ବିଜେଡି ଆଗୁଆ ରହିଥିବା ଜଣା ପଡିଛି । କଟକ ଜିଲ୍ଲାର ମୋଟ ୪୬ଟି ଆସନ ମଧ୍ୟରୁ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ଓ କଂଗ୍ରେସ ୧ -୧ ଆସନରେ ଆଗୁଆ ରହିଛନ୍ତି । ଦେବଗଡ ଜିଲ୍ଲାର ମୋଟ ୭ ଟି ଆସନ ମଧ୍ୟରୁ ୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି। ଏଥି ମଧ୍ୟରୁ ସମସ୍ତ ୩ଟି ଆସନରେ ବିଜେଡି ଆଗୁଆ ରହିଛି । ଢେଙ୍କାନାଳ ଜିଲ୍ଲାର ମୋଟ ୨୭ଟି ଆସନ ମଧ୍ୟରୁ ୮ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୭ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି । ଗଂଜାମ ଜିଲ୍ଲାର ମୋଟ ୬୯ ଟି ଆସନ ▶▶ପୃଷ୍ଠା ୭

## ରାଜ୍ୟରେ କରୋନାରେ ଆଉ ୪ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୫୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ବରଗଡ,ଦେବଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରୁ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ହେମାନନ୍ଦ ବିଶ୍ୱାଳଙ୍କୁ ଜନ୍ମ ମାଟିରେ ଶେଷ ବିଦାୟ



ଭୁବନେଶ୍ୱର, ୨୬/୦୨ (ନି.ପ୍ର): ନିଜ ଜନ୍ମମାଟିରେ ପଞ୍ଚଭୂତରେ ବିଲୀନ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ। ତାଙ୍କୁ ତାଙ୍କ ପୈତୃକ ଗାଁ ଝାରସୁଗୁଡ଼ା ଜିଲ୍ଲା କିରିମିରା ବ୍ଲକ ଠାକୁରପଡ଼ା ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ବିଦାୟ ଜଣାଇଛନ୍ତି ଆତ୍ମୀୟ ସ୍ୱଜନ, ରାଜନୈତିକ ସଥୀ ଓ ସମର୍ଥକ। ହେମାନ୍ଦଙ୍କ ପୁତୁରା ଦିନେଶ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ଠାକୁରପଡ଼ା ଶ୍ମଶାନରେ ବିଶାଳ ଜନସମାଗମ ଭିତରେ ତାଙ୍କ ଶେଷକୃତ୍ୟ ପାଇଁ ବିଶେଷ ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ଠାକୁରପଡ଼ା ବାସଭବନରେ ହେମାନନ୍ଦଙ୍କ ଶେଷ ଦର୍ଶନ କରିଥିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସ, ରାଜଗାଙ୍ଗପୁର ବିଧାୟକ, ତଳସରା ବିଧାୟକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ, ଏସ୍‌ପି ପ୍ରମୁଖ ହେମାନ୍ଦଙ୍କ ବାସଭବନରେ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କୁ ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଏପଟେ ବିଧାନସଭାରେ ମଧ୍ୟ ହେମାନନ୍ଦଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସେହିଭଳି କଂଗ୍ରେସ ଭବନରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜିତ ହୋଇଥିଲା।

## ମହାଶିବରାତ୍ରୀ ପାଇଁ କୋଭିଡ କଟକଣା ଲାଗୁ କରିଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୧ ତାରିଖରେ ପାଳିତ ହେବାକୁ ଥିବା ମହାଶିବରାତ୍ରୀ ପାଇଁ କୋଭିଡ କଟକଣା ଲାଗୁ କରିଛନ୍ତି ରାଜ୍ୟ ସରକାର। ଶିବରାତ୍ରୀରେ ମନ୍ଦିରରେ ଭକ୍ତଙ୍କ ଗହଳି ଉପରେ ଜିଲ୍ଲାପାଳ ଓ ମ୍ୟୁନିସିପାଲଟି କମିଶନର ନଜର ରଖିବେ । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଶିବରାତ୍ରି ସମ୍ପର୍କିତ ମାର୍ଗଦର୍ଶିକା ରେ ଏହି ସୂଚନା ଦିଆଯାଇଛି। ମନ୍ଦିର ଭିତରେ ଯେଭଳି ଅଯଥା ଭିଡ ନ ହେବ ସେଥିପ୍ରତି ଦୃଷ୍ଟି ଦେବା ସହ ମନ୍ଦିର ବାହାରେ କୌଣସି ମେଳା ସହ ଯେଭଳି ବହୁ ସଂଖ୍ୟାରେ ଲୋକ ଗହଳି ନ କରିବେ ସେ ବାବଦରେ ପଦକ୍ଷେପ ନେବେ। ସେହିପରି ମନ୍ଦିରକୁ ଆସୁଥିବା ଭକ୍ତ ଯେଭଳି ମାସ୍କ ପିନ୍ଧିବା ସହ ହାତ ଧୋଇବେ ସେ ଦିଗରେ ଦୃଷ୍ଟି ଦେବାକୁ କୁହାଯାଇଛି ।

## ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲେ ମୋଦି



ନୂଆଦିଲ୍ଲୀ, ୨୬/୦୨ : ଯୁଦ୍ଧ ସଙ୍କଟରେ ଫସିଥିବା ୟୁକ୍ରେନ୍‌ରେ ଏବେ ହାହାକାର ପରିସ୍ଥିତି। ରୁଷର ଘନ ଘନ ରକେଟ୍ ମାଡ଼, ବୋମା ବିସ୍ଫୋରଣ ଓ ପ୍ରଚଣ୍ଡ ଗୁଳିଗୋଳା ଶବ୍ଦରେ ପ୍ରକମ୍ପିତ ହେଉଛି ସମଗ୍ର ଦେଶ। ସବୁଠି ନୀରବତା। ଶୋକର ଛାୟା। ପୁଣି କାହାର ଆକୁଳ ଚିତ୍କାର। ଆକ୍ରମଣରୁ ବର୍ତ୍ତିବା ପାଇଁ ଲୋକେ ବିକଳ ହୋଇ ଏଠିସେଠି ଆଶ୍ରୟ ନେବା ଅତ୍ୟନ୍ତ ହୃଦୟ ବିଦାରକ। ତେବେ ଏଭଳି ଏକ ଘୋର ବିପଦ ସମୟରେ ବିଶ୍ୱ ସମୂହକୁ ସାହାଯ୍ୟ ପାଇଁ ଭିକ୍ଷା ମାଗୁଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି। ଆଜି ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ସହାୟତା କରିବାକୁ ନିବେଦନ କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି ଯେ, 'ଆମ ମାଟିରେ ଲକ୍ଷେରୁ ଅଧିକ ଆକ୍ରମଣକାରୀ ପ୍ରବେଶ କରିଛନ୍ତି। ସେମାନେ ଆମର ସାଧାରଣ ନାଗରିକ ଏବଂ ସେମାନଙ୍କ ବାସଗୃହ ଗୁଡ଼ିକୁ ଟାର୍ଗେଟ କରି ବିସ୍ଫୋରଣ କରୁଛନ୍ତି। ତେଣୁ ଜାତିସଂଘ ନିରାପତ୍ତା ପରିଷଦରେ ୟୁକ୍ରେନଙ୍କୁ ରାଜନୈତି ସମର୍ଥନ କରିବାକୁ ସେ ନିବେଦନ କରିଛନ୍ତି। ସମସ୍ତେ ମିଳିମିଶି ଆକ୍ରମଣକାରୀ ରୁଷକୁ ଅଟକାଇବା ଉଚିତ ବୋଲି ସେ କହିଛନ୍ତି। ୟୁକ୍ରେନ୍ ଉପରେ ଯେତେବେଳେ ▶▶ପୃଷ୍ଠା ୭

## ବିପର୍ଯ୍ୟୟ ପରେ ନରସିଂହ ମିଶ୍ରଙ୍କ କଟାକ୍ଷ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଆଜି ଯେତେବେଳେ ନିର୍ବାଚନ ଫଳାଫଳର ଟ୍ରେଣ୍ଡ ଆସୁଥିଲା, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଏକ ବୟାନକୁ ନେଇ ଚର୍ଚ୍ଚା ହୋଇଥିଲା । ବଲାଙ୍ଗିରରେ ବି କଂଗ୍ରେସର ପ୍ରଦର୍ଶନ ସେତେ ଭଲ ନଥିଲା ଆଉ ନରସିଂହ କହିଥିଲେ, ଓଡିଶାବାସୀ ସରକାରଙ୍କୁ ଏକଛତ୍ରବାଦୀ ହେବା ପାଇଁ ଭୋଟ୍ ଦେଉଛନ୍ତି । ତେବେ ଏମିତି କାହିଁକି କହିଲେ ନରସିଂହ ? ଭୋଟ ଗଣତିର ପ୍ରଥମ ଦିନର ଆସୁଥିବା ଟ୍ରେଣ୍ଡକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି, ଶାସକ ଦଳ ସପକ୍ଷରେ ରହିଛି ଜନମତ । ଆଉ ବିରୋଧୀ ବିଜେପି ଓ କଂଗ୍ରେସ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ଯାଉଛନ୍ତି । ତେବେ ଭୋଟ ଗଣତି ଜାରି ରହିଥିବାବେଳେ, ଆସୁଥିବା ପ୍ରାଥମିକ ଟ୍ରେଣ୍ଡକୁ ଦେଖି, କଂଗ୍ରେସ ବିଧାୟକ ଦଳ ନେତା ତଥା ରାଜ୍ୟର ଅନୁଭବୀ ନେତା ନରସିଂହ ମିଶ୍ରଙ୍କ ଏହି କଥା ଚର୍ଚ୍ଚାର ବିଷୟ ହୋଇଛି । ସେ କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକଛତ୍ରବାଦୀ ସରକାର ହେବା ପାଇଁ ଏଥର ଭୋଟ ଦେଇଛନ୍ତି ଓଡିଶା ବାସୀ । ସାଧାରଣତଃ ନିର୍ବାଚନରେ ଜନମତକୁ ଦଳ ଏବଂ ନେତା ମାନି ନିଅନ୍ତି । କୌଣସି ପରିସ୍ଥିତିରେ ଜନତାଙ୍କୁ ଦୋଷ ଦିଅନ୍ତି ନାହିଁ । ଏହି ପ୍ରସଙ୍ଗରେ ଜଣେ ରାଜନୈତିକ ସମୀକ୍ଷକ ତାଙ୍କୁ ପଚାରିଥିଲେ ସେ କଣ ଏଥିପାଇଁ ଲୋକଙ୍କୁ ଦୋଷ ଦେଉଛନ୍ତି । ଏହାର ଉତ୍ତର ଦେଇ ଏମିତି କହିଥିଲେ ନରସିଂହ ମିଶ୍ର । ଓଡିଶାର ହୁଏତ କୌଣସି ଏକଛତ୍ରବାଦୀ ଶାସକ ଶାସନ କରିବା ସମ୍ଭବ ହୋଇନପାରେ । କିନ୍ତୁ ନରସିଂହ କହିବା ପାଇଁ ଚାହିଁଛନ୍ତି, ରାଜ୍ୟରେ ଯେଉଁଭଳି ଭାବେ ଶାସକ ଦଳ ସପକ୍ଷରେ ଏକତରଫା ଭୋଟ୍ ହୋଇଛି, ତାହା ରାଜ୍ୟକୁ ବିରୋଧୀ ଶୂନ୍ୟ କରିବା ଭଳି ପରିସ୍ଥିତି ସୃଷ୍ଟି କରିଛି ।

## କୋଟିଆରେ ସର୍ବଦଳୀୟ ପ୍ରାର୍ଥୀଙ୍କୁ ଚକ୍‌ମା ଦେଲେ ସ୍ୱାଧୀନ ପ୍ରାର୍ଥୀ !

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୋଟିଆକୁ ନେଇ ଦେଖିବାକୁ ମିଳିଥିଲା ନିଆରା ଚିତ୍ର। ଏଠାରେ ଆନ୍ଧ୍ର ପ୍ରଦେଶ ବାରମ୍ବାର ଅନୁପ୍ରବେଶ କରି ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ପ୍ରୟାସ କରୁଥିବା ବେଳେ ଏହାକୁ ଚେକ୍ ଦେବାକୁ ସବୁଦଳ ମିଶି ଦେଇଥିଲେ ଜିଲ୍ଲା ପରିଷଦ ପ୍ରାର୍ଥୀ। ସେମାନେ ମମିତା ଜାନିଙ୍କୁ ପ୍ରାର୍ଥୀ କରିଥିଲେ। ମମିତା ହୋଇଥିଲେ କୋଟିଆ ସହିତ ଆଉ ୬ଟି ପଞ୍ଚାୟତକୁ ମିଶାଇ ଗଠନ ହୋଇଥିବା ପଟାଙ୍ଗୀ ଜିଲ୍ଲା ପରିଷଦ ଜୋନ୍-୧ର ସର୍ବଦଳୀୟ ପ୍ରାର୍ଥୀ। ତେବେ ଏହାକୁ ଗ୍ରହଣ କରି ନଥିଲେ ଟିକାଇ ଗେମେଲ। ସେ ସର୍ବଦଳୀୟ ପ୍ରାର୍ଥୀଙ୍କୁ ଚ୍ୟାଲେଞ୍ଜ ଦେଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଫଳରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ମମିତା ଜାନିଙ୍କୁ ଜିଲ୍ଲା ପରିଷଦ ସଭ୍ୟ କରିବା ନେଇ ସବୁ ଦଳ ଯେଉଁ ଲକ୍ଷ୍ୟ ରଖିଥିଲେ, ତାହା ବିଫଳ ହୋଇଥିଲା। ଆଉ ଆଜି ପଞ୍ଚାୟତ ନିର୍ବାଚନର ଭୋଟ୍ ଗଣତି ଚାଲିଥିବା ବେଳେ ଖବର ଲେଖାଯିବା ସୁଦ୍ଧା ଯେଉଁ ସୂଚନା ଆସିଛି, ତାହା ସମସ୍ତ ଦଳକୁ ନିଶ୍ଚିତ ନିରାଶ କରିଥିବ। କାରଣ ପଟାଙ୍ଗୀ ଜୋନ୍-୧ର ସର୍ବଦଳୀୟ ପ୍ରାର୍ଥୀ ମମିତା ଜାନି ପଛୁଆ ଚାଲିଛନ୍ତି। ଆଉ ଦୁଇଟି ରାଉଣ୍ଡ ଗଣତି ବାକି ଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲ ସର୍ବଦଳୀୟ ପ୍ରାର୍ଥୀ ମମିତା ଜାନିଙ୍କ ଠାରୁ ୩୦୦୦ ଭୋଟ୍‌ରେ ଆଗରେ ଅଛନ୍ତି।

## ଭାରତୀୟଙ୍କ ପାଇଁ ଜାରି ହେଲା ନୂଆ ସର୍ତ୍ତକ ସୂଚନା, ୟୁକ୍ରେନ ସୀମାକୁ ନ ଯିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୬/୦୨ : ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନରେ ଫସିଥିବା ଭାରତୀୟଙ୍କ ଅଡୁଆ ଆହୁରି ବଢ଼ିଛି। ୟୁକ୍ରେନର ବାୟୁସୀମା ବନ୍ଦ ହୋଇଯାଇଥିବା ଭାରତ ସରକାର ସେଠାରେ ଫସିଥିବା ଭାରତୀୟ ଶିକ୍ଷାର୍ଥୀ ଓ ନାଗରିକଙ୍କୁ ବିକଳ୍ପ ବାଟରରେ ସ୍ୱଦେଶ ଆଣିବାକୁ ଯୋଜନା କରିଛନ୍ତି। ହଙ୍ଗେରୀ ଓ ରୋମାନିଆ ଦେଇ ସେମାନେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ଶହଶହ ଭାରତୀୟ ସୀମାନ୍ତ ଅଞ୍ଚଳକୁ ସଡ଼କ ପଥରେ ଯିବାରେ ଲାଗିଛନ୍ତି। ଗୋଟିଏ ପଟେ ୟୁକ୍ରେନ ଓ ରୁଷ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ସଡ଼କ ପଥରେ ଭାରତୀୟମାନେ ସୀମାନ୍ତ ଅଞ୍ଚଳକୁ ଯିବା ନୂଆ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ୟୁକ୍ରେନରେ ଫସିଥିବା ଭାରତୀୟମାନଙ୍କୁ ସୀମାନ୍ତ ଅଞ୍ଚଳକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି। ୟୁକ୍ରେନର କିଭ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏ ସଂକ୍ରାନ୍ତରେ ଗୋଟିଏ ସତର୍କ ସୂଚନା ବା ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ ୟୁକ୍ରେନରେ ଥିବା ଭାରତୀୟମାନେ ସରକାରୀ ଅଧିକାରୀଙ୍କ ବିନା ଯୋଗାଯୋଗରେ କୌଣସି ସୀମାନ୍ତ ଅଞ୍ଚଳକୁ ଯିବେ ନାହିଁ ବୋଲି କୁହଯାଇଛି। ଭାରତୀୟମାନେ ପ୍ରଥମେ ହେଲ୍ପଲାଇନ ଓ କିଭ୍ ସ୍ଥିତ ଦୂତାବାସ ସହ ଯୋଗାଯୋଗ କରିବା ପରେ ହିଁ ସୀମାନ୍ତ ଅଞ୍ଚଳକୁ ଯିବେ। ବର୍ତ୍ତମାନ ବିଭିନ୍ନ ସୀମାନ୍ତ ଚେକପୋଷ୍ଟରେ ସମ୍ବେଦନଶୀଳ ସ୍ଥିତି ସୃଷ୍ଟି ହୋଇଛି। ପଡ଼ୋଶୀ ଦେଶଗୁଡ଼ିକରେ ଥିବା ଦୂତାବାସଗୁଡ଼ିକ ସହ ନିୟମିତ ଭାବେ ଅଧିକାରୀମାନେ କାମ କରୁଛନ୍ତି। ପ୍ରାକ୍ ସୂଚନା ନ ଦେଇ ସୀମାନ୍ତ ଅଞ୍ଚଳରେ ପହଞ୍ଚୁଥିବା ଭାରତୀୟଙ୍କୁ ସହଯୋଗ କରିବାରେ ଦୂତାବାସ ଅଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ କେହି ବି ବିନା ଅନୁମତିରେ ସୀମାନ୍ତ ଅଞ୍ଚଳକୁ ଯାଆନ୍ତୁ ନାହିଁ।

## ସଦର ବ୍ଲକ ପଞ୍ଚାୟତ ନିର୍ବାଚନ ଭୋଟ ଗଣତି



ବାଲେଶ୍ୱର,୨୬/୦୨ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁସାରେ ଚଳିତ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ପ୍ରକ୍ରିୟା ସମଗ୍ର ରାଜ୍ୟରେ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ୧୨ବ୍ଲକ ପକ୍ଷରୁ ସକାଳ ୮ଟାରୁ ୧୨ ଗୋଟି କେନ୍ଦ୍ରରେ ମୋଟ ୧୩ ଗୋଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ପଞ୍ଚାୟତର ଭୋଟ ଗଣତି ଏବେ ଜାରି ରହିଛି। ଅନୁରୂପ ଭାବେ ବାଲେଶ୍ୱର ସଦର ବ୍ଲକର ୨୫ ନଂ ଜୋନ ଅନ୍ତର୍ଗତ ୭ ଗୋଟି ଗ୍ରାମ ପଞ୍ଚାୟତ ଭୋଟ ଗଣତି ସ୍ଥାନୀୟ ସରକାରୀ ଆଇଟିଆଇ ପରିସରରେ ହେଉଛି। ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ଟେବୁଲ ବ୍ୟବସ୍ଥା ହୋଇଛି। ବ୍ଲକ ନିର୍ବାଚନ ଅଧିକାରୀ ସଦର ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ପ୍ରଥମ ଦିନରେ ୭ ଗୋଟି ଟେବୁଲରେ ଗଣତି ପ୍ରକ୍ରିୟା ଚାଲିଛି। ପ୍ରତି ଟେବୁଲରେ ଜଣେ ସୁପରଭାଇଜର ଓ ୩ ଜଣ ସହାୟକ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ପ୍ରତି ପଞ୍ଚାୟତର ବୁଥୱାରୀ ବ୍ୟାଲଟ ବାକ୍ସ ପ୍ରାର୍ଥୀଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟଙ୍କ ଉପସ୍ଥିତିରେ ଖୋଲାଯାଇ ସମସ୍ତ ବ୍ୟାଲଟ କାଗଜ ଗୋଟିଏ ବଡ଼ ପ୍ଲାଷ୍ଟିକ ପାତ୍ରରେ ରଖାଯାଇ ୱାର୍ଡ଼ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ବ୍ୟାଲଟ କାଗଜ ପୃଥକ କରାଯାଉଛି। ପରେ ୱାର୍ଡ଼ ସଭ୍ୟଙ୍କ ବ୍ୟାଲଟ କାଗଜରୁ ଗଣତି ଆରମ୍ଭ ହେଉଛି। ତେବେ ଭୋଟ ଗଣତି କେନ୍ଦ୍ରର ବାହାରେ ପ୍ରତ୍ୟେକ ବର୍ଗର ପ୍ରାର୍ଥୀଙ୍କ ସହଯୋଗୀ, ସମର୍ଥକ ଓ ଦଳୀୟ କର୍ମୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ୭ ଗୋଟି ପଞ୍ଚାୟତରୁ ହଜାର ହଜାର ଲୋକେ ଆଇଟିଆଇ ମୁଖ୍ୟ ଫାଟକ ସମ୍ମୁଖରେ ନିଜ ନିଜର ଇପ୍ସିତ ପ୍ରାର୍ଥୀଙ୍କ ବିଜୟ ଫଳାଫଳ ଆଶାରେ ଅପେକ୍ଷା କରିଛନ୍ତି। ପ୍ରତି ରାଉଣ୍ଡରେ ଘୋଷଣା କରାଯାଉଥିବା ଫଳକୁ ନେଇ କେତେକ ଖୁସୀରେ ଚିତ୍କାର କରୁଥିବା ବେଳେ ତ କିଛି ସମର୍ଥକ ଚିନ୍ତାରେ ପଡ଼ିଯାଉଛନ୍ତି। ପୁଣି ପରବର୍ତ୍ତୀ ରାଉଣ୍ଡର ଫଳ ଘୋଷଣାକୁ ଅପେକ୍ଷା କରୁଛନ୍ତି। କଡ଼ା ନିରାପତ୍ତା ବଳୟରେ ଏହି ଗଣତି କାର୍ଯ୍ୟ ଜାରି ରହିଛି। ଗଣତି କେନ୍ଦ୍ର ଭିତରେ ଓ ବାହାରେ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଛି। ଓଟିରୋଡ଼ରେ ହଜାର ହଜାର ଲୋକେ ରୁଣ୍ଡ ହେବା ଫଳରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନାରେ ସାମାନ୍ୟ ବ୍ୟାଘାତ ହେଉଥିଲେ ବି ଲୋକଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ▶▶ପୃଷ୍ଠା ୭

# ଗୋଲ୍ଡକପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମି ଫାଇନାଲ: ୟୁ ଏଣ୍ଡ ମି ଫାଇନାଲକୁ ଉତ୍ତୀର୍ଣ୍ଣ

ବାଲେଶ୍ୱର,୨୬/୨ (ନି.ପ୍ର): ବାଲେଶ୍ୱର ସମ୍ରାଟ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ବିଜୟ ମହାନ୍ତି ମେମୋରିଆଲ ଗୋଲ୍ଡକପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଜଗତ କ୍ରିକେଟ ଏକାଡେମୀ ଓ ୟୁ ଏଣ୍ଡ ମି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୪୦ ଓଭର ବିଶିଷ୍ଟ ମ୍ୟାଚରେ ଜଗତ ଦଳ ଟସି ଜିଣି ପ୍ରଥମେ ବ୍ୟାଟିଂ କରି ୩୭ ଓଭରରେ ସମସ୍ତ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ସର୍ବାଧିକ ୫୪ରନ୍ ସଂଗ୍ରହ କରିଥିଲା । ଜବାବରେ ୟୁ ଏଣ୍ଡ ମି ୩୯.୧ ଓଭରରେ ୯ ଉଇକେଟ ହରାଇ ୧୯୭ରନ୍ ସଂଗ୍ରହ ସହ ବିଜୟ ହାସଲ କରିଥିଲା । ଦଳ ପକ୍ଷରୁ ସରୋଜ ବେହେରା ସର୍ବାଧିକ ୬୨ ରନ ଓ ସୁକାନ୍ତ ମହାନ୍ତି ଅପରାଜିତ ୪୮ ରନ ସଂଗ୍ରହ କରିଥିଲେ । ଜଗତ କ୍ରକେଟ ଏକାଡେମୀର ପ୍ରଶାନ୍ତ ଗଙ୍ଗୋଇ ଓ କିଶାନ ମନୋହର ମହାନ୍ତି ୩ଟି ଲେଖାଏଁ ଉଇକେଟ ନେଇଥିଲେ । ୟୁ ଏଣ୍ଡ ମିର ଖେଳାଳି ସୁକାନ୍ତ କୁମାର ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଛି । ଦିଲୀପ କୁମାର ଜେନା ଓ ଗିରିଶ ସାହୁ ଆମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥଲେ । ରାହୁଲ ସିଂ ସ୍କୋରର ଓ ନୀଲେଶ କୁମାର ରାଉତ ଅନଲାଇନ ଲାଇଭ ଷ୍ଟ୍ରିମର ଭାବେ ଭାବେ ଦାୟିତ୍ୱ ତୁଲାଇଥିଲେ । ଏସ ବି ସିମରନ ଏହି ମ୍ୟାଚରେ କମେଣ୍ଟେଟର ଭାବେ କାର୍ଯ୍ୟ କରିଥିଲେ । ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସମ୍ରାଟ କ୍ରିକେଟ କ୍ଲବ ଓ କ୍ଲବ ୟୁ ଏଣ୍ଡ ମି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

# ଜିଲ୍ଲା ଅମଲା ସଂଘ ତରଫରୁ ସମାନ କାମକୁ ସମାନ ଦରମା ଦାବି

କେନ୍ଦ୍ରାପଡ଼ା,୨୬/୨ (ନି.ପ୍ର): ଓଡିଶା ଅମଲା ସଂଘ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଅମଲା ସଂଘ ପକ୍ଷରୁ ସମାନ କାମକୁ ସମାନ ଦରମା ଦାବିକରି ସଂଘ ପକ୍ଷରୁ ଏକ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି । ଏନେଇ ସଂଘର ଏକ ବୈଠକ ଇଛାପୁର ସ୍ଥିତ ବାରଙ୍ଗେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅଞ୍ଜନ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂପାଦକ ବିଶ୍ୱ ପ୍ରକାଶ ଲେଙ୍କା ସହ ସଂପାଦକ ଭୂମୀସ୍ୱତା ମହାନ୍ତି, ଦେବେନ୍ଦ୍ର ନାଥ କୁଣ୍ଡୁ, ସଂଜୀବ କୁମାର ସ୍ୱାଇଁ, ଅବିନାଶ ଲେଙ୍କା, ଦିପକ କୁମାର ମହାରଣା, ଦେବସ୍ମିତା ନାୟକ, ସୁଷମା ସ୍ୱାଇଁ, ତାପସ ମହାନ୍ତି ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଅମଲା ମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁଯାୟୀ ଦରମା ସପ୍ତମ ବେତନ ଆୟୋଗ ଅନୁସାରେ ପ୍ରଦାନ କରାଯିବାକୁ ଦାବି କରିଛନ୍ତି । ଏଥି ସହିତ ଘରଭଡା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇବା ସହ କନିଷ୍ଠ ସହାୟକଙ୍କ ଦରମା ବୃଦ୍ଧି କରିବା ପାଇଁ ଅନୁରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ଅଟୋ ଚାଲକଙ୍କ ଜୁଲମ : ବସ୍‌ରୁ ଘୋଷାରି ଆଣିଲେ ମହିଳାଙ୍କୁ

କେନ୍ଦ୍ରାପଡ଼ା,୨୬/୨ (ନି.ପ୍ର): କେନ୍ଦ୍ରାପଡା ଟାଉନ ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ସାନ୍ତସାହି ପୋଲ ନିକଟରେ ଅଟୋ ଚାଲକଙ୍କ ଦୌରାତ୍ମ୍ୟରେ ମହିଳା ଓ ଶିଶୁ ଯାତ୍ରୀମାନେ ହଟାହଟା ହେବା ସହ ଟାଉନ ଥାନାରେ ଏତଲା ଦେଇଛନ୍ତି । ଏତଲାରୁ ପ୍ରକାଶ ଯେ, କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅନ୍ତର୍ଗତ ଓରତଘାଟ କୁସୁନପୁର ଗ୍ରାମର ମହିଳା ସେମାନଙ୍କ ଛୋଟ ଛୋଟ ଛୁଆଙ୍କୁ ଧରି କେନ୍ଦ୍ରାପଡା ବନ୍ଧୁ ଘରକୁ ଆସିଥିଲେ । ପ୍ରାୟ ସଂନ୍ଧ୍ୟା ୭ଟା ସମୟରେ ଘରକୁ ଯିବା ପାଇଁ ସେମାନେ ଏକ ଅଟୋ ସହିତ କଥାବାର୍ତ୍ତା ବେଳେ ଓରତଘାଟ ଯିବାପାଇଁ ଏକ ଘରୋଇ ବସ ଆସି ପହଁଚିବାରୁ ଏହି ମହିଳା ଓ ପିଲାମାନେ ବସରେ ଚଢିଥିଲେ । କିଛି ଅଟୋ ଚାଳକ ବସକୁ ଅଟକାଇ ବସ ଭିତରେ ପଶି ମହିଳା ଯାତ୍ରୀଙ୍କୁ ତଳକୁ ଭିଡି ଆଣିଥିଲେ । ଏଥିରେ ମହିଳା ଯାତ୍ରୀ ଓ ଶିଶୁ ମାନେ କାନ୍ଦି କାନ୍ଦି ଯେତେ ଅନୁରୋଧ କଲେ ମଧ୍ୟ ଅଟୋ ଚାଳକ ତାଙ୍କ କଥାକୁ କର୍ଣ୍ଣପାତ କରିନଥିଲେ । ବସଟି ପଳାଇଯିବା ପରେ ଏହି ଅସହାୟ ମହିଳା ମାନେ ଟାଉନ ଥାନାରେ ପହଁଚି ଲିଖିତ ଅଭିଯୋଗ କରିଛନ୍ତି । ତେବେ ଥାନା ଅଧିକାରୀ ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଏହି ଘଟଣା ଜଣାପଡିବା ପରେ ସଧାରଣରେ ଉତେଜନା ପ୍ରକାଶ ପାଇଛି ।

# ଜଳେଶ୍ୱରରେ ମିଳୁନି ଷ୍ଟାମ୍ପ ଓ ଷ୍ଟାମ ପେପର: ନାହିଁନଥିବା ଅସୁବିଧାରେ ଜନସାଧାରଣ

ଜଳେଶ୍ୱର ୨୫/୨(ନି.ପ୍ର): ଗତ କିଛିଦିନ ଧରି ସମଗ୍ର ଉ ର ବାଲେଶ୍ୱରରେ ଷ୍ଟାମ୍ପ ଓ ଷ୍ଟାମ୍ପ ପେପର ଘୋର ଅଭାବ ପରିଲକ୍ଷିତ ହୋଇଛି । ସବ୍ ରେଜେଷ୍ଟ୍ରି ଅଫିସ୍, କୋଟ, ତହସିଲ ଓ ଜନସାଧାରଣଙ୍କ ସାଧାରଣଙ୍କ ସାଧାରଣ କାଯ୍ୟରେ ବ୍ୟବହୃତ ହେଉଥିବା ଷ୍ଟାମ୍ପ ଓ ଷ୍ଟାମ୍ପ ପେପର ମିଳୁନଥିବାରୁ ଉପରୋକ୍ତ ଅଫିସ୍‌ରେ ଠିକ୍‌ଭାବେ କାର୍ଯ୍ୟ ଚାଲିପାରୁନାହିଁ । ସବ୍ ରେଜେଷ୍ଟ୍ରି ଅଫିସ୍‌ରେ ଅର୍ଥ ଜମାକରି ଭେଣ୍ଡରମାନେ ଷ୍ଟାମ୍ପ ଓ ଷ୍ଟାମ୍ପ ପେପର କିଣିଥାନ୍ତି । ସେମାନଙ୍କ ଠାରୁ ଜନସାଧାରଣ କିଣିବାକୁ ଥିବା ବେଳେ ଷ୍ଟାମ୍ପ ପେପର ବିନା ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସୁଯୋଗ ନେଇ କେତେକ ବ୍ୟକ୍ତି କଳାବଜାରୀ କରୁଥିବା ଜଣାଯାଇଛି । ଏ ସମ୍ପର୍କରେ ଜଳେଶ୍ୱର କୋର୍ଟର କେତେକ ଆଇନ୍‌ଜିବୀ ଜନସାଧାରଣଙ୍କ ଲାଗି ମୁହଁ ଖୋଲିଛନ୍ତି । ଆଇନ୍‌ଜିବୀ ପତିତପାବନ ପ୍ରଧାନ, ସୁଧିର କୁମାର ପ୍ରଧାନ, ବ୍ୟମକେଶ ମଣ୍ଡଳ, ଗଣେଶ ମାଇତି, ସତ୍ୟନାରାୟଣ ଦାସ, ମନୋରଂଜନ ମିଶ୍ର, ଗୌର ପ୍ରଧାନ ପ୍ରମୁଖ ଏ ସଂପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଜାତ୍ ଷ୍ଟାମ୍ପ ଓ ଷ୍ଟାମ୍ପ ପେପର ମିଳିପାରିନାହିଁ । ଫଳରେ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

# ରାଇକିଆରେ ବଳଦ ଟଣା ଚାରି ଧାଡିଆ ଲଘୁଦାନ ମଞ୍ଜିବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

କନ୍ଧମାଳ,୨୬/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ଠାରେ ଓଡିଶା କୃଷି ଓ ବୈଷୟୀକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧିନସ୍ଥ ପଶୁ ଶକ୍ତି ର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ତରଫରୁ ମୁଖ୍ୟ କନ୍ଧମାଳ ଜିଲ୍ଲା କୃଷି ଅଧିକାରୀ, କନ୍ଧମାଳ, ସହକାରୀ କୃଷି ଅଧିକାରୀ ରାଇକିଆ ଓ କନ୍ଧମାଳର ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ସ୍ୱାତୀ ତଥା ଓଡିଶା ମିଲେଟ ମିଶନ କନ୍ଧମାଳ ର ସହାୟତାରେ ରାଇକିଆ ବ୍ଲକ ର କରଡା ଗ୍ରାମ ଠାରେ ବଳଦ ଟଣା ଚାରିଧାଡିଆ ଲଘୁଦାନ ମଞ୍ଜିବୁଣା ଯନ୍ତ୍ର ର କ୍ଷେତ୍ର ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କନ୍ଧମାଳ ର ମୁଖ୍ୟ ଜିଲ୍ଲାକୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ , କନ୍ଧମାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡଃ ନାରାୟଣ ବାର, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ସଂଘମିତ୍ରା ବିଶ୍ୱାଳ, ରାଇକିଆ ସହକାରୀ କୃଷି ଅଧିକାରୀ ଶ୍ରୀମତି ସୁଦୀପ୍ତା ପ୍ରଧାନ ଓ ସ୍ୱାତୀ ସଂସ୍ଥା ର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗଦେଇ ଲଘୁଦାନା ଶସ୍ୟ ଚାଷରେ ଧାଡିବୁଣା ପାଇଁ ପ୍ରକଳ୍ପ ତରଫରୁ ବିକଶିତ ଓ ଓୟୁଏଟି ର ବଳଦ ଟଣା ଚାରିଧାଡିଆ ଲଘୁଦାନ ମଞ୍ଜିବୁଣା ଯନ୍ତ୍ର ସାହାଯ୍ୟରେ ମାଣ୍ଡିଆ, ସୁଆଁ, କାଙ୍ଗୁ, ବାଜାରା, ବିଲସୁଆଁ, ଜହ୍ନା ଇତ୍ୟାଦି ଲଘୁଦାନା ଶସ୍ୟ ଧାଡି ବୁଣାର କ୍ଷେତ୍ର ପ୍ରଦର୍ଶନ ଦେଖିଥିଲେ । ପ୍ରକଳ୍ପ ର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରି ପ୍ରକଳ୍ପ ତରଫରୁ ବିକଶିତ ବଳଦଟଣା ଚାରି ଧାଡିଆ ଲଘୁ ଦାନା ମଞ୍ଜି ବୁଣାଯନ୍ତ୍ର ର ବିକାଶ, ବ୍ୟବହାର, ଉପାଦେୟତା, ମରାମତି ତଥା ନିୟନ୍ତ୍ରଣ ବିଷୟ ରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସହକାରୀ କୃଷିଅଧିକାରୀ ସୁଦୀପ୍ତା ପ୍ରଧାନ ଓ ସ୍ୱାତୀ ର ଗିରିଶ ସାମଲ ଏହି ଯନ୍ତ୍ରସାହାଯ୍ୟରେ ବିଭିନ୍ନ ପ୍ରକାରର ଲଘୁଦାନା ଯଥା ମାଣ୍ଡିଆ, ସୁଆଁ, କାଙ୍ଗୁ, ଜହ୍ନା, ବିଲସୁଆଁ ଓ ବାଜରା ଆଦିର ଧାଡିବୁଣା କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କୁ ପ୍ରତ୍ୟକ୍ଷ ଭାବରେ ସଫଳତାର ସହ ପରିଚାଳନା କରିଥିଲେ । ଏହି ଯନ୍ତ୍ର ସାହାଯ୍ୟରେ ମଝିଆଳୀ ବଳଦ ଦ୍ୱାରା ପ୍ରାୟ ଚାରି ଘଂଟା ମଧ୍ୟରେ ଏକ ଏକର ଜମି ରେ ଧାଡି ରେ ଆବଶ୍ୟକୀୟ ବ୍ୟବଧାନ ରେ ଅନୁମୋଦିତ ପରିମାଣରେ ଅର୍ଥାତ ଏକର ପିଛା ୨ କେଜି ହିସାବରେ ମଞ୍ଜି ବୁଣାଯାଇପାରୁଛି । ପ୍ରକାଶ ଥାଉକି ଗତ ଖରିଫ ଋତୁ ରେ କନ୍ଧମାଳ ଜିଲ୍ଲାରେ ୫ ଟି ବ୍ଲକ ରେ ଜିଲ୍ଲାକୃଷି ବିଭାଗ, ବେସରକାରି ସଂସ୍ଥା ଓ ଓୟୁଏଟି ର ମିଳିତ ଉଦ୍ୟମରେ ଲଘୁ ଦାନା ଚାଷରେ ଯାନ୍ତ୍ରିକ ପ୍ରଣାଳୀରେ ଧାଡି ବୁଣାପାଇଁ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ଓ ଏଥିନିମନ୍ତେ ମିଳିତ ଉଦ୍ୟମରେ ଏହି ଅଂଚଳ ର ଚାଷୀ ମାନଙ୍କୁ ନେଇ ଅନଲାଇନ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲାକୃଷି ଅଧିକାରୀ, ଓଡିଶା ମିଲେଟ ମିଶନ ର ଜିଲ୍ଲା ସଂଯୋଜକ ଓ ଉପସ୍ଥିତ ଅନ୍ୟ କୃଷିବିଭାଗ ଅଧିକାରୀ ମାନେ ଆଗାମୀ ଦିନରେ ବିଭିନ୍ନ ଲଘୁ ଦାନା ଚାଷ ରେ ଯାନ୍ତ୍ରିକ ପ୍ରଣାଳୀ ରେ ଧାଡି ବୁଣା କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଙ୍କ ସହାୟତା କାମନା କରିଥିଲେ ।

# କାର୍ଯ୍ୟରେ ଯୋଗଦେଲେ ଅତିରିକ୍ତ ତହସିଲଦାର

ଭୁବନ,୨୬/୨ (ନି.ପ୍ର): ଭୁବନ ତହସିଲ କାର୍ଯ୍ୟାଳୟରେ ରାଜୀବ ଲୋଚନ ବେହେରା ନୂତନ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ତହସିଲ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଶ୍ରୀ ବେହେରା ୨୦୦୬ ମସିହାରେ କଟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କିରାଣୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ଓ ୨୦୨୧ ଡିସେମ୍ବର ମାସରେ ଓଆରଏସ (ଓଡିଶା ରେଭେନ୍ୟୁ ସର୍ଭିସ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅତିରିକ୍ତ ତହସିଲଦାର ପଦବୀକୁ ପଦୋନ୍ନତି ପାଇଥିଲେ । ଜଣେ ଅତ୍ୟନ୍ତ ଶାନ୍ତ, ସରଳ, ଦକ୍ଷ, କର୍ମଠ ଓ ଦୁର୍ନୀତିମୁକ୍ତ ଅଫିସର ଭାବେ ତାଙ୍କର ବେଶ ସୁନାମ ରହିଛି । ଗରିବ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ତାଙ୍କର ମୁଖ୍ୟ ଓ ପ୍ରଧାନ କାର୍ଯ୍ୟ ହେବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ସୂଚନା ଦେଇଥିଲେ ।

# ସଡକ ଦୁର୍ଘଟଣାରେ ମୃତ ପ୍ରିଜାଇଡିଂ ଅଫିସରଙ୍କର ଚକ୍ଷୁଦାନ କଲେ ପରିବାର

ବଲାଙ୍ଗିର ,୨୬/୨ (ନି.ପ୍ର): ଗତକାଲି ଟିଟିଲାଗଡ଼ରୁ ନିର୍ବାଚନରେ ପ୍ରିଜାଇଡିଂ ଅଫିସର ଦାୟିତ୍ୱ ସାରି ବାଇକ୍ ଯୋଗେ ନିଜ ଘରକୁ ଆସୁଥିବା ଶିକ୍ଷକ ସୁଦାମ ଚରଣ ପୁରୋହିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ଆଜି ତାଙ୍କ ପରିବାର ତାଙ୍କ ଚକ୍ଷୁ ଦ୍ୱୟକୁ ଭୁବନେଶ୍ୱର ସ୍ଥିତ ଦୃଷ୍ଟି ଆଇ ବ୍ୟାଙ୍କକୁ ଅର୍ପଣ କରାଯାଇଛି । ସୂଚନା ଅନୁସାରେ ସଇଁନ୍ତଲା ବ୍ଲକ କୁଆରଗାଁ ରାଧାକ୍ରିଷ୍ଣା ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁଦାମ ଚରଣ ପୁରୋହିତ(୫୦)ଙ୍କୁ ଟିଟିଲାଗଡରେ ନିର୍ବାଚନ ଡିଉଟି ପଡିଥିଲା । ତେବେ ଗତକାଲି ଖୋଲାନ୍ ଗ୍ରାମରେ ପଞ୍ଚମ ପର୍ଯ୍ୟାୟରେ ପ୍ରିଜାଇଡିଂ ଅଫିସର ଭାବରେ ମତଦାନ କରାଇବା ପରେ ଭୋଟ ବାକ୍ସକୁ ଟିଟିଲାଗଡ ବ୍ଲକରେ ଜିମାଦେଇ ବାଇକ୍ ଯୋଗେ ସଇଁନ୍ତଲା ଅନ୍ତର୍ଗତ ନିଜଗାଁ ଛନ୍‌ଛଡାକୁ ଫେରୁଥିଲେ । ଟିଟିଲାଗଡ ରୁ ସଇଁନ୍ତଲା ରାସ୍ତାରେ ଆସି ଗୋଏଲଭାଟି ଛକଠାରୁ ରାସ୍ତାକାଟି ଆଉ ୧୦ କିଲୋମିଟର ଯାଇଥିଲେ ନିଜ ଗାଁକୁ ପହଞ୍ଚି ଯାଇଥାନ୍ତେ । କିନ୍ତୁ ଆଗରେ ଯାଉଥିବା ପୁଲିସ ଗାଡ଼ି ରେ ଧକ୍କାରେ ଗୁରୁତର ହେବା ପରେ ତାଙ୍କୁ ଟିଟିଲାଗଡ଼ ହସ୍ପିଟାଲ କୁ ନିଆଯାଇଥିଲା ଗୁରୁତର ଅବସ୍ଥାରେ ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ କୁ ଅଣାଯାଇଥିବା ବେଳେ ତାଙ୍କ ତାଙ୍କ ଜୀବନ ଚାଲିଯାଇଥିଲା । ଆଗରୁ ଛିଡା ହୋଇଥିବା ଏକ ପୋଲିସ ଭ୍ୟାନରେ ଧକ୍କା ହୋଇ ସୁଦାମଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି । ସେ ବିବାହିତ ତାଙ୍କ ମୃତ୍ୟୁ ଯୋଗୁଁ ପରିବାର ଅସହାୟ ହୋଇଯାଇଛନ୍ତି । ତେଣୁ ତାଙ୍କୁ ନିର୍ବାଚନରେ କାମ ଯୋଗୁଁ ମୃତ୍ୟୁ ହୋଇଥିବା ରୁ ଉପଯୁକ୍ତ କ୍ଷତି ପୂରଣ ଓ ପରିବାର ରୁ ଜଣଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ ପାଇଁ ଶିକ୍ଷକ ସଂଘ ଓ ଜନସାଧାରଣଙ୍କ ଦାବୀ ହେଉଛି ।

# ୟୁକ୍ରେନରେ ଫଶିଥିବା ଛାତ୍ରଛାତ୍ରୀ ଓ ଭାରତୀୟଙ୍କ ମୁକ୍ତି ପାଇଁ ସାମ୍ବାଦିକ ସଂଘର ପ୍ରାର୍ଥନା

ପୁରୀ,୨୬/୨ (ନି.ପ୍ର): ରୁଷ ଓ ୟୁକ୍ରେନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି । ୟୁକ୍ରେନରେ ଅନେକ ଭାରତୀୟ ଓ ଛାତ୍ରଛାତ୍ରୀ ଫସି ରହିଛନ୍ତି । ପୁରୀର ଡ଼ାକ୍ତରୀ ପାଠ ପଢିବାକୁ ଯାଇଥିବା ଛାତ୍ରୀ ଚନ୍ଦ୍ରିକା ମିଶ୍ର ମଧ୍ୟ ଫସି ରହିଛନ୍ତି । ସମସ୍ତଙ୍କୁ ମୁକ୍ତି ପାଇଁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପୁରୀ ଶାଖା ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି । ଏସଂପର୍କରେ ଏକ ଜରୁରୀ ଏକ୍ରିତୀକରଣ କରାଯାଇଥିଲା । ଏଥିରେ ଜିଲ୍ଲା ସଭାପତି ବିଜୟ ମିଶ୍ର, ସଂପାଦକ ସୁଧାଂଶୁ ଶେଖର କର, ଉପସଭାପତି ବିଶ୍ୱନାଥ ମିଶ୍ର, ଦେବେନ୍ଦ୍ର କୁମାର ନନ୍ଦ, ଡ଼ି.ପି. ଗାଙ୍ଗୁଲି, ସୁବୋଧ କୁମାର ସୁବୁଦ୍ଧି, ସଞ୍ଜୟ ଅଗ୍ରୱାଲ, ଅନିମେଶ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ସତ୍ୟନାରୟଣ ପଟ୍ଟନାୟକ, ସାଗର ମଦନ ମୋହନ ପ୍ରତିହାରୀ, ଦିବ୍ୟରଞ୍ଜନ ବିଶୋଇ, ପ୍ରଦୀପ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା ।

# ଅଙ୍ଗନୱାଡି କର୍ମୀଙ୍କ ଜୟପାଟଣା ଥାନାରେ ଏତଲା

ମୁଖୀଗୁଡା,୨୬/୨ (ନି.ପ୍ର): ଅଙ୍ଗନୱାଡି କର୍ମୀମାନଙ୍କ ସନମାନ ହାନି ହେବା ଭଳି ଏକ ଭିଡ଼ିଓ ଭାଇରାଲ ହେବା ପରେ ଜୟପାଟଣା ଅଳ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏସନ ଜୟପାଟଣା ଥାନାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲା ଦେଇଛନ୍ତି । ଭିଡ଼ିଓରେ ଅଙ୍ଗନୱାଡ଼ି କର୍ମୀଙ୍କୁ ଅସନମାନ କରି ଅଶ୍ଳୀଳ ଭାଷା ରେ କର୍ମୀମାନଙ୍କ କାର୍ଯ୍ୟକୁ ଗୀତ ମାଧ୍ୟମରେ ବଖଣାଯାଇ ଥିବାରୁ ଅଙ୍ଗନୱାଡି କର୍ମୀ ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସେମାନେ ପ୍ରତିକ୍ରିୟାଶୀଳ ହୋଇ ଭିଡ଼ିଓ ରେ ଗୀତ ଗାଇଥିବା ଏବଂ ଭାଇରାଲ କରି ଥିବା ବ୍ୟକ୍ତିଙ୍କ ବୀରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜୟପାଟଣା ଥାନାରେ ଦାବି କରିଥିଲେ ।

# ପାଟଣାଗଡ଼ ଅବକାରୀ ବିଭାଗ ୬୦ ଲିଟର ଦେଶୀ ମଦ ଜବତ ୫୦ କିଲୋ ପୋଚ ନଷ୍ଟ କଲା

ବଲାଙ୍ଗିର ,୨୬/୨ (ନି.ପ୍ର): ବଲାଙ୍ଗିର ପାଟଣାଗଡ଼ ଉପଖଣ୍ଡ ର ଅବକାରୀ ବିଭାଗ ଦ୍ୱାରା ଗୁଦୁରାମୁଣ୍ଡା ଗାଁରେ ଚଢ଼ାଉ କରି ୬୦ ଲିଟର ଦେଶୀମଦ ଜବତ କରିବା ସହ ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି । ଏହା ସହ ଘଟଣାସ୍ଥଳରେ ୫୦ କ୍ୱିଣ୍ଟାଲ ଦେଶୀ ମହୁଲ ପୋଚକୁ ନଷ୍ଟ କରିଥିବା ସହ ମଦରନ୍ଧା ସାମଗ୍ରୀ ଜବତ କରିଥିବା ଅବକାରୀ ଅଧିକାରୀ ବିଶ୍ୱନାଥ ପରିଡ଼ା ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଗୁଦୁରାମୁଣ୍ଡା ଗାଁର କରୁଣାକର ମିର୍ଦ୍ଧା(୬୦) ଦୀର୍ଘ ୩ ବର୍ଷଧରି ନିଜ କ୍ଷେତରେ ବେଆଇନ ଭାବରେ ଦେଶୀମଦ ରାନ୍ଧୁଥିବା ନେଇ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଅତର୍କିତ ଭାବେ ଚଢ଼ାଉ କରି ଜଣେ ଅଭିଯୁକ୍ତକୁ ଅଟକ ରଖିଥିବା ଜଣାପଡ଼ିଛି । ଏହି ଚଢାଉରେ ପାଟଣାଗଡ଼ ଅବକାରୀ ଥାନା ଅଧିକାରୀ ବିଶ୍ୱନାଥ ପରିଡ଼ାଙ୍କ ସମେତ ଷ୍ଟାଫ୍ ଅଜିତ ସାହୁ, ବୁଲୁ ସେଠି, ଗୁଣମତୀ ମାଝୀ, ଦିଲ୍ଲୀପ ମାହାର ସୁଶୀଲ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଶହେ କୋଟି ଟଙ୍କା ବିନିମୟରେ ଜଗନ୍ନାଥ ସାଗର ବିକାଶ ହେବ: ବିଧାୟକ

ଜୟପୁର ,୨୬/୨ (ନି.ପ୍ର): ଶହେ କୋଟି ଟଙ୍କା ବିନିମୟରେ ଜଗନ୍ନାଥ ସାଗର ବିକାଶ ହେବ, ରାଜ୍ୟର ମୁଖ୍ୟ ପର୍ଯ୍ୟଟନ ସ୍ଥଳି ହେବ ଜୟପୁର ଐତିହାସିକ ଜଗନ୍ନାଥ ସାଗର । ଏହି ସାଗରରେ ଶହେ କୋଟି ଟଙ୍କା ବିନିଯୋଗ ହେବ । ଫିସେରି ବିଭାଗ ଅଧିନରେ ଥିବା ସମସ୍ତ ଜମି ସାଗର ଖାତାକୁ ଆସିବ । କାର୍ଯ୍ୟ ଆରମ୍ଭ ହୋଇ ଗାଲଣି । ଟିକେ ବିଳମ୍ବ ହେଉଛି କିନ୍ତୁ ଜୟପୁର ବାସୀ ଙ୍କ ବାହୁ ଦିନର ଦାବି ପୁରଣ ହେବ ବୋଲି ଆଜି ଏକ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହୀନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଶ୍ରୁତି ଦେଇଛନ୍ତି । ଜୟପୁର ଖଜୁରି ବନ୍ଧ, ଗୋବର୍ଦ୍ଧନ ମୁଣ୍ଡା ସାଗର କାର୍ଯ୍ୟ ଶେଷ ହେବାକୁ ଯାଉଥିବା ବେଳେ ନିଳକଣ୍ଠ ସାଗର ପାଇ ମଧ ଟଙ୍କା ମଞ୍ଜୁର ହୋଇଛି । ଖୁବ ଶିଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ । ତେଣୁ ଜୟପୁର ବାସୀ ଦାବୀ ଜଗନ୍ନାଥ ସାଗର ବିକାଶ ପାଇ ଶହେ କୋଟି ଟଙ୍କା ବିନିଯୋଗ କରାଯିବ । ସାଗରର ବିକାଶ ପାଇ ଟଙ୍କାର ଅଭାବ ରହିବ ନାହିଁ । ଅତ୍ୟାଧୁନିକ ରୁପେ ସାଗର କୁ ପୁନଃ ଉଦ୍ଧାର କରାଯାଇ ନିର୍ମାଣ ହେବ । ଯାହାକି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳି ହେବ । ଏହା ଦ୍ୱାରା ଜୟପୁର ର ମଧ ବିକାଶ ହେବା ବୋଲି ବାହୀନିପତି ମତ ବ୍ୟକ୍ତ କରିଥିଲେ । ସାଗରରେ ଦଳ ଓ ପଙ୍କ ଭର୍ତ୍ତି ହେବା ସହ ସହରର ଦୁଷିତ ପାଣି ସାଗରକୁ ପ୍ରବେଶ କରୁଛି । ଏହାକୁ ପୁନରୁଦ୍ଧାର କରିବା ପାଇ ବିଭିନ୍ନ ସଗଠନ ତରଫରୁ ଦାବୀ ଜୋର ଧରିଛି । ବର୍ତ୍ତମାନ ଦଳ ଓ ପଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଦୁଷିତ ପାଣି ସାଗର କୁ ଯେପରି ନପସିବ ସେଥି ପାଇ ସର୍ଭେ କରାଯାଉଛି , ଏହା ମଧ କାମ ହେବ ।

# ଅନ୍ନପୂର୍ଣ୍ଣା ଭବନ କୋଠାଗୃହର ଲୋକାର୍ପଣ

ଜୟପୁର ,୨୬/୨ (ନି.ପ୍ର): ଜୟପୁର ବକ୍ସି ସାହି ଠାରେ ତ୍ରିନାଥ ସେବା ପରିଷଦ ଆନୁକୁଲ୍ୟରେ ନବ ନିର୍ମିତ ଅନ୍ନପୁଣ୍ଣା ଭବନ କୋଠାଗୃହର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । ପରିଷଦରର ଅନୁରୋଧରେ ସମାଜସେବୀ ଅନ୍ନପୁଣ୍ଣା ରଥ ଆର୍ଥିକ ସାହାଯ୍ୟ କରିଥିଲେ । ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ରଥଙ୍କ ସ୍ମୃତିରେ ନିର୍ମିତ ଏହି ଭବନକୁ ଅନ୍ନପୁଣ୍ଣା ରଥ ଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଜୟପୁର ତାରା ପ୍ରସାଦ ବାହନିପତି କରକମଳରେ ଲୋକାର୍ପଣ କରିଥିଲେ । ଏଥି ସହ ତ୍ରିନାଥ ସେବା ପରିଷଦ ଆନୁକୁଲ୍ୟରେ ଦ୍ୱିତୀୟ ଦୈନିକ ବଜାର ବସ ରହଣୀ ଛକ ନିକଟରେ ଏକ ଯାତ୍ରୀ ପ୍ରତିକ୍ଷାଳୟ ଓ ଭବନ କୁ ମୁଖ୍ୟ ଅତିଥି ବାହୀନିପତି ଲୋକାର୍ପଣ କରିଥିଲେ । ଆୟୋଜିତ ସଭାରେ ଭବନ ନିର୍ମାଣରେ ଦାୟିତ୍ୱ ନେଇ ଶେଷ କରିଥିବା ବିଭିନ୍ନ କାରିଗରକୁ ସମ୍ମାନ ପ୍ରଦାନ କରାଯାଇଥିଲା । ପରିଷଦ ତରଫରୁ ଅନ୍ନପୁଣ୍ଣା ରଥ ଓ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ନପୁଣ୍ଣା ଜଣେ ଧର୍ମପ୍ରରାୟଣ ମହିଳା ଅଟନ୍ତି । ତାଙ୍କ ସମାଜ ସେବା ଭାବନାଙ୍କୁ ସମସ୍ତେ ଅନୁକରଣ କରିବା ଉଚିତ ବୋଲି ବିଧାୟକ ବାହୀନିପତି ମତ ବ୍ୟକ୍ତ କରିଥିଲେ । ତ୍ରିନାଥ ସେବା ପରିଷଦ ଜୟପୁର ସହରର ଏକ ପ୍ରଚିନ ସେବା ସଂଗଠନ । ୧୯୮୦ ରୁ ଆରମ୍ଭ ହୋଇଥିବା ପରିଷଦ ଟି ୧୯୮୨ରୁ ପଞ୍ଜିକୃତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଆସୁଛି । ବୃକ୍ଷ ରୋପଣ, ପଖୋରି ସଫେଇ, ଅବହେଳିତ ବସ୍ତିରେ ଶୀତବସ୍ତ୍ର ବଣ୍ଟନ, କାର୍ତ୍ତିକ ମାସରେ ସଂକିର୍ତ୍ତନ ମାଧ୍ୟମରେ ଆଧାତ୍ମିକ ବାତାବରଣ ନିର୍ମାଣ , ଦାସଖାଠିଆ କାର୍ଯ୍ୟକ୍ରମ, ସୁଧିକ୍ରିୟାରେ ମିଳିତ ଭାବେ ସମ୍ପୃକ୍ତ ସହ ଯୋଗ. ସାହି ସାହି ମଧ୍ୟରେ କବାଡି , ଭଳି ବୋଲ ଭଳି ପ୍ରତି ଯୋଗିତା କରି ପୁବରୁ ଜୟପୁର ବାସୀଙ୍କ ଦୃଷ୍ଟି ଆର୍କଷଣ କରି ଏକ ଭାତୃତ୍ୱ ଭାବ ସଂଗଠନର ପରିଚୟ ଅଦ୍ୟାବଧି ଦେଇ ଆସିଛି । ସଭାପତି ପରେଶ କୁମାର ରଥ ଙ୍କ ତତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ଲକ୍ଷ୍ମୀ କାନ୍ତ ମିଶ୍ର ପରିଚାଳନା କରିଥିଲେ ।

# କେନ୍ଦ୍ରାପଡା କଲେଜ ପଡିଆରେ ବାଲାଟ ପେପର ପଡିଥିବା ଘଟଣାର ତଦନ୍ତ ଦାବି

କେନ୍ଦ୍ରାପଡ଼ା,୨୬/୨ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଭୋଟ ଦାନ ପରେ ବାଲାଟ ବକ୍ସ ରଖିବା ପାଇଁ ଷ୍ଟ୍ରଙ୍ଗ ରୁମ କରାଯାଇଛି । ଷ୍ଟ୍ରଙ୍ଗ ରୁମ ବାହାରେ କେନ୍ଦ୍ରାପଡା ବ୍ଲକର କପାଳେଶ୍ୱର ପଂଚାୟତ ଓ କଂସାର ପଂଚାୟତର ବାଲାଟ ପେପର ଗୁଡିକ ଏଣେତେଣେ ପଡିଥିବା ଦେଖି ଗତକାଲି ଷ୍ଟ୍ରଙ୍ଗ ରୁମରେ ଜାଲିଆତି କରାଯାଇ ଫଲସ୍ ଭୋଟିଂ ହୋଇଥିବା ଅଭିଯୋଗ ହୋଇଛି । ଜିଲ୍ଲା ବିଜେପି ପକ୍ଷରୁ ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରାଯିବା ସହ ଶାସକ ଦଳ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପ୍ରଶାସନର ଜ୍ଞାତସାରରେ ଷ୍ଟ୍ରଙ୍ଗ ରୁମ ଖୋଲାଯାଇ ଜାଲିଆତି କରା ଯାଇଥିବା ଜିଲ୍ଲା ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ଏହାର ସତ୍ୟତା ତଦନ୍ତ କରିବା ପାଇଁ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ସୁନାକର ବେହେରା, ଅଭିମନ୍ୟୁ ଗୋଛାୟତ, ସରୋଜ କାନ୍ତ ନାୟକ, ଅର୍ଜ୍ଜୁନ ମଲିକ, ଗୋବିନ୍ଦ ଚନ୍ଦ୍ର ପାଗଳ, ନେହେରୁ ସାହୁ, ରାଜେଶ ରାଉତ, ସୌରଭ ଜେନା ପ୍ରମୁଖ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ।

# ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ ମହିଳା: ପିଟି ଦେଲା ବାଇକ୍

ବୌଦ୍ଧ,୨୬/୨ (ନି.ପ୍ର): ଗତକାଲି ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଏହାକୁ ନେଇ ଲାଗି ରହିଛି ଉତ ଜନା । ଉ ୍ୟକ୍ତ ଲୋକେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ମର୍ଜାଦପୁର ଛକଠାରେ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ସୂଚନା ଥାଉକି, ଗତକାଲି ରାତିରେ ସୋନପୁରରୁ ବୌଦ୍ଧ ଅଭିମୁଖେ ଦ୍ରୁତ ଗତିରେ ଏକ ବାଇକ୍ ଆସୁଥିଲା । ଏହି ସମୟରେ ମାର୍ଜଦିପୁର ଗ୍ରାମର ରାସ୍ତା କଡ଼ରେ ଛିଡା ହୋଇଥିବା କୁନି ସେଠୀଙ୍କୁ ବାଇକ୍‌ଟି ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ କୁନିଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭ ର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ମଧ ଗୁରୁତର ଅବସ୍ଥାରେ ବୌଦ୍ଧ ମେଡ଼ିକାଲରେ ଭ ର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି । ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସ ଟାୟାର ଜାଳି ରାସ୍ତାରୋକ କରିଛନ୍ତି ।

# ନାବାଳିକାକୁ ଅସଦାଚରଣ ମାମଲାରେ ଆସାମୀକୁ ଜେଲ

କେନ୍ଦ୍ରାପଡ଼ା,୨୬/୨ (ନି.ପ୍ର): ଜଣେ ନାବାଳିକାକୁ ଅସାଦାଚରଣ କରିଥିବା ଆସାମୀକୁ ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟ ଦେଢ ମାସ ଜେଲ ସହିତ ୫୦୦ ଜୋରିମାନା କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଜିଆର କେସ ନଂ-୬୮୨/୧୫ ରେ ମହାକାଳପଡାର ବିଜୟନଗର ର ନାବାଳିକାଙ୍କ ମା’ଙ୍କ ଏତଲା କ୍ରମେ ଜୁନ ୧ ତାରିଖ ୨୦୧୫ ମସିହା ସଂନ୍ଧ୍ୟା ସମୟରେ ଏତଲାକାରିଣୀ ତାଙ୍କ ନାବାଳିକା ଝିଅକୁ ସଂନ୍ଧ୍ୟା ସମୟରେ ସାନ୍ତସାହି ପୋଲ ନିକଟରେ ଥିବା ବହି ଦେକାନକୁ ଗଲାବେଳେ ଆସାମୀ ଜଣକ ତାଙ୍କ ଝିଅକୁ ସାଇକେଲ ଧକ୍କା ଦେଇଥିଲା । ଝିଅଟି ତଳେ ପଡିଯାଇଥିଲା । ଝିଅକୁ ଉଠାଇବା ବାହାନାରେ ନାବାଳିକା ସହିତ ଅଶାଳୀନ ବ୍ୟବହାର କରିଥିଲା । ଏନେଇ ଟାଉନ ଥାନାରେ ୯୬/୧୫ରେ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାର କରି ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟର ମାନ୍ୟବର ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ଆସାମୀଙ୍କୁ ଦେଢ ମାସ ଜେଲ ଓ ୫୦୦ ଜୋରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି । ମାମଲାକୁ ସରକାରଙ୍କ ତରଫରୁ ମନୋଜ କୁମାର ସାହୁ ଓ ଅପରପକ୍ଷରୁ ଦିଲିପ ପରିଡା, ଶୋଭନ ସାହୁ ପ୍ରମୁଖ ଆଇନଜିବୀ ପରିଚାଳନା କରିଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୬୪**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୋର ଦରଖାସ୍ତ ନାମଞ୍ଜୁର କଲେ ବୋଲି କହିଲେ । ତତ୍ପରେ ଦ୍ୱିତୀୟ ଦରଖାସ୍ତ । ତହିଁରେ ଲେଖିଥିଲି ଯେ, ମୋକଦ୍ଦମା କୌଣସି ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କଠାକୁ ପଠାଇ ଦିଆଯାଉ । ତାହା ମଧ ନାମଞ୍ଜୁର କଲେ । ତୃତୀୟ ଦରଖାସ୍ତ, ଏଥିରେ ଲେଖିଥିଲି ଯେ, ମୋ ବିରୁଦ୍ଧରେ ଦାଏର ହୋଇଥିବା ମୋକଦ୍ଦମା ବେଆଇନ, ତାହା ମଧ ପ୍ରକୃତ ଓ ପୂର୍ଣ୍ଣଭାବରେ ତଦନ୍ତ ହୋଇନାହିଁ, ମୋର ବନ୍ଧୁକ ସକାଶେ ଲାଇସେନ୍‌ସ ନେବା ଦରକାର ନାହିଁ । ଏହି କାରଣରେ ମୋକଦ୍ଦମାର ପ୍ରକୃତ ତଦନ୍ତପୂର୍ବକ ତାହା ଉଠାଇ ନେବା ସକାଶେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହିତ ଘରୋଇ ଭାବରେ ସାକ୍ଷାତକରି ଏହି ବିଷୟ ଜଣାଇବା ସମୟରେ, ମୁଁ ଦୋଷ ସ୍ୱୀକାର କଲେ ଓ ସେ ମୋ ପ୍ରତି ସଦୟ ବ୍ୟବହାର କରିବେ ଓ ତାହା ନକରି ମୋକଦ୍ଦମା ଲଢ଼ିଲେ ମୋତେ ଜେଲ୍ ଦେବେ ବୋଲି କହିଲେ । ମୁଁ ନିର୍ଦ୍ଦୋଷ ଥିବା ସ୍ଥଳେ ଦୋଷ ସ୍ୱୀକାରର ପ୍ରଶ୍ନ ନାହିଁ ବୋଲି କହିଲି । ଏହି ମୋକଦ୍ଦମା କୌଣସି ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାର୍ଯ୍ୟ ଥିଲେ ମଧ ଜିଲ୍ଲା ମାଜିଷ୍ଟ୍ରେଟ୍ ମୋତେ ଦଣ୍ଡଦେବା ଉଦ୍ଦେଶ୍ୟରେ ଏହା ନିଜେ ବିଚାର କରୁଅଛନ୍ତି, ସୁତରାଂ ଏହାଙ୍କଦ୍ୱାରା ନ୍ୟାୟବିଚାର ହେବନାହିଁ ବୋଲି ମୋର ଆଶଙ୍କା ହେଉଅଛି । ପୁଣି ଅନ୍ୟକୌଣସି ମାଜିଷ୍ଟ୍ରେଟ୍‌ଙ୍କଠାକୁ ଏହା ଉଠାଇଦେଲେ ମଧ ଏ ସମ୍ବନ୍ଧରେ ସଂଘଟିତ ଘଟଣାବଳୀର ବିବେଚନାରେ ସେଠାରେ ମଧ ନ୍ୟାୟବିଚାର ହେବନାହିଁ ବୋଲି ଆଶଙ୍କା ରହିଅଛି । ସୁତରାଂ କେବଳ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରୁ ନୁହେଁ, ଏହି ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଉଠାଇନେବା ସକାଶେ ହାଇକୋର୍ଟରେ ଦରଖାସ୍ତ ଦେବାପାଇଁ ମହଲତ ପ୍ରାର୍ଥନା କଲି । ଦରଖାସ୍ତ ପାଠ କରୁଥିବା ସମୟରେ ସାହେବଙ୍କ ମୁଖମଣ୍ଡଳ ଗମ୍ଭୀର ଅନୁଭବ କଲି । ଏହି ଦରଖାସ୍ତ ପରେ ମୋକଦ୍ଦମା ସ୍ଥଗିତ ରଖିବାକୁ ଓ ମହଲତ ଦେବାକୁ ଅଦାଲତ ବାଧ । ଏଥର ସାହେବ ଧୀର ଭାବରେ କହିଲେ, 'ଆପଣ ଯେ ଲାଇସେନ୍‌ସ ଦାୟରୁ ମୁକ୍ତ ଏ ପର୍ଯ୍ୟନ୍ତ ସେହି ବିଷୟରେ କୌଣସି ଲିଖିତ ପ୍ରମାଣ ଦାଖଲ କରିନାହାଁନ୍ତି । ତାହା ଦାଖଲ କଲେ ମୋକଦ୍ଦମା ଉଠାଇ ନେବାରେ କୌଣସି ଆପତ୍ତି ରହିବନାହିଁ ।' ମୁଁ କହିଲି, ମୋକଦ୍ଦମାର ତଦନ୍ତ ସମୟରେ ପୋଲିସ ଏହି ବିଷୟ ତଦନ୍ତ କରିବା ଉଚିତ ଥିଲା । ଏହି ବିଷୟ ମୁଁ ବାରମ୍ବାର କହିଆସୁଛି । ବଣେଇ ରାଜାଙ୍କ ଦପ୍ତରରେ ଭାରତ ସରକାରଙ୍କ ସେହି ହୁକୁମର ନକଲ ଅଛି । ତାହା ବର୍ତ୍ତମାନ ଆଣିବା ମୋ ପକ୍ଷେ ଅସମ୍ଭବ । ପୋଲିଟିକେଲ୍ ଏଜେଣ୍ଟଙ୍କୁ ଲେଖିଲେ, ମୋର ଆଶା, ତାହା ସେ ପଠାଇଦେବେ । ସାହେବ କହିଲେ, ଏହି ବିଷୟରେ ସେ ଫିଲିପ୍ ସାହେବଙ୍କୁ ପଚାରିଥିଲେ । ସେ କହିଲେ ଯେ, ସେପରି କିଛି କାଗଜପତ୍ର ନାହିଁ । ମୁଁ କହିଲି, ଫିଲିପ୍ ସାହେବ ଭୁଲ୍ କହିଛନ୍ତି । ସେ ବିଷୟରେ ତାଙ୍କର ହୁଏତ ମନେନାହିଁ । କାଗଜ ତାଙ୍କ ଦପ୍ତରରେ ଅଛି । ତତ୍ପରେ ସାହେବ କହିଲେ, 'ଆପଣ ଏହି ଦରଖାସ୍ତ ସବୁ ଫେରାଇ ନିଅନ୍ତୁ । ଆପଣଙ୍କ କଥିତ ଭାରତ ସରକାରଙ୍କ ହୁକୁମ ଦାଖଲ କରିବା ପାଇଁ ମୁଁ ଆପଣଙ୍କୁ ସମୟ ଦେଉଅଛି ।' ତା ୧୯.୧୨.୧୯୨୬କୁ ମୋକଦ୍ଦମା ରହିଲା । ମୁଁ ମନେ କରିଥିଲି ଏଥର ସାହେବ ନିଶ୍ଚୟ ମୋତେ ଦିନକପାଇଁ ହେଲେ ଜେଲ୍ ହାଜତ୍‌କୁ ପଠାଇବେ; କିମ୍ବା ଜାମିନ୍ ସୁଦ୍ଧା ଦେବେନାହିଁ । ସେହି ସମୟରେ ମାନଭୂମ ଓ ସମ୍ବଲପୁର ଜିଲ୍ଲା ମିଶି ଜଣେ ଜିଲ୍ଲା ଓ ସେସନ୍‌ସ ଜଜ୍‌ଙ୍କ ଅଧୀନରେ ଥିଲା । ମାନଭୂମ ଜିଲ୍ଲାର ରାଜଧାନୀ ପୁରୁଲିଆରେ ଜଜ୍ ରହୁଥିଲେ । ସେହି ସ୍ଥାନର ସରକାରୀ ଓକିଲ ଶ୍ରୀ ଅମ୍ବୁଜାକ୍ଷ୍ ସରକାରଙ୍କ ସଙ୍ଗେ ମୋର ବନ୍ଧୁତା ଥିଲା । ଜାମିନ୍ ସକାଶେ ଚେଷ୍ଟା କରିବା ପାଇଁ ମୁଁ ତାଙ୍କୁ ଲେଖିଥିଲି । ଯାହାହେଉ, ଜାମିନ ହେଲେ ମଧ ଜେଲ୍ ହାଜତ୍‌ରେ ଦୁଇ-ତିନି ଦିନ ରହିବା ପାଇଁ ପ୍ରସ୍ତୁତ ହୋଇଥିଲି । କିନ୍ତୁ ସାହେବ ମୋଠାରୁ ଜାମିନ କିମ୍ବା ବ୍ୟକ୍ତିଗତ ମୁଚାଲିକା ସୁଦ୍ଧା ତଲବ କଲେନାହିଁ । ଯେତେବେଳେ ଜାମିନ କିମ୍ବା ମୁଚାଲିକା ବିଷୟରେ ଅର୍ଡର୍‌ସିଟ୍‌ରେ କିଛି ଲେଖା ନଥିବା କହି ପେସ୍କାର ନଥି ତାଙ୍କ ସମ୍ମୁଖରେ ରଖିଦେଲେ, ସାହେବ କହିଲେ, 'ଆସାମୀ ଗଣ୍ୟମାନ୍ୟ ବ୍ୟକ୍ତି । ଏହା ଦରକାର ନାହିଁ ।'

ଅଦାଲତ ମଧ୍ୟରୁ ମୁଁ ଚାଲିଆସୁଥିବା ସମୟରେ କେତେକ ଲୋକ ସହାନୁଭୂତିସୂଚକ ଓ କେତେକ ବିଦ୍ରୂପାତ୍ମକ ମନ୍ତବ୍ୟମାନ ପ୍ରକାଶ କରୁଥିଲେ । ଦ୍ୱିତୀୟ ଶ୍ରେଣୀ ଲୋକଙ୍କ ମଧ୍ୟରେ ସ୍ୱଜାତୀୟ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ । ନାରାୟଣ ବାବୁ କହିଲେ, 'ଧନ୍ୟ ଆପଣଙ୍କ ସାହାସ; ଭାରତ ବାବୁ! ଏତେଦୂର କରିବା ଦରକାର ନଥିଲା । ପରେ ଆପଣ ଅଡୁଆରେ ପଡ଼ିଲେ ମୋତେ ଆଉ କିଛି କହିବେ ନାହିଁ ।' ମୁଁ କହିଲି, 'ଆପଣ ତୁନି ହୋଇ ରୁହନ୍ତୁ । ଆପଣଙ୍କ ଉପଦେଶକୁ ମୁଁ ଆଦୌ ପସନ୍ଦ କରୁନାହିଁ । ଆସାମୀକୁ ବଞ୍ଚାଇବା ସିନା ଓକିଲଙ୍କ କର୍ତ୍ତବ୍ୟ; ମୋତେ ଆହୁରି ବିପଦରେ ପକାଇବାକୁ ଆପଣ ବସିଛନ୍ତି, ଏହାହିଁ ଦୁଃଖର କଥା ।'

ସମ୍ବଲପୁର ପୋଲିଟିକେଲ୍ ଏଜେଣ୍ଟଙ୍କ ଦପ୍ତରରେ ଏ ସମ୍ବନ୍ଧରେ ମୂଳ କାଗଜ ମିଳିଥିବା ସମ୍ବାଦ ସେତେବେଳକୁ ମୁଁ ପାଇଲିଣି । ଏ ସମ୍ବନ୍ଧରେ ମୋର ବନ୍ଧୁ ଓ ସମୁଦି (ଝିଅ ନିରୂପମାର ଶ୍ୱଶୁର) ପୋଲିଟିକେଲ୍ ଏଜେଣ୍ଟଙ୍କ ଅଫିସ୍‌ର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଶ୍ୟାମଚରଣ ପାଢ଼ୀ ବିଶେଷ ଯତ୍ନ ଓ ପରିଶ୍ରମ କରି ତାହା ବାହାର କରିଥିଲେ । ତାହା ପାଇନଥିଲେ ଏହି ଘୋର ବିପଦରୁ ମୁଁ ଅବ୍ୟାହତି ପାଇବା ମୋ ପକ୍ଷରେ ସମ୍ଭବ ନଥିଲା । ଏଥିସକାଶେ ମୁଁ ଶ୍ୟାମଚରଣ ବାବୁଙ୍କଠାରେ ଆଜୀବନ ଋଣୀ ।

ଫିଲିପ୍ ସାହେବ ସେତେବେଳେ ଆଉ ପୋଲିଟିକେଲ୍ ଏଜେଣ୍ଟ ନାହାଁନ୍ତି । ସେ ଦୀର୍ଘ ଛୁଟିନେଇ ସ୍ୱଦେଶକୁ ଗଲେଣି ଓ ତାଙ୍କ ସ୍ଥାନରେ ସ୍କଟ୍ ସାହେବ (scott) ଆସିଛନ୍ତି । ସେ ନୂତନ ଲୋକ ଥିବାରୁ ତାଙ୍କ ନିରପେକ୍ଷତା ଉପରେ ନିର୍ଭର କରାଯାଇପାରେ ବୋଲି ମୋର ବିଶ୍ୱାସ ଜାତ ହେଲା । ସମସ୍ତ ଘଟଣା ଉଲ୍ଲେଖ କରି ମୁଁ ଭାରତ ସରକାରଙ୍କ ସେହି ହୁକୁମର ନକଲ ଦେବାପାଇଁ ଓ ଯେତେଦିନ ଯାଏଁ ମୁଁ ଲାଇସେନ୍‌ସ ଦାୟରୁ ମୁକ୍ତ ସେ ବିଷୟରେ ତାଙ୍କ ମତ ଲେଖିଦେବା ପାଇଁ ଗୋଟିଏ ପ୍ରାର୍ଥନାପତ୍ର ପ୍ରେରଣ କଲି । ଠିକ୍ ତା ୧୯.୧୨.୧୯୨୬ ଦିନ ତାଙ୍କ ଉତ୍ତର ଆସିଲା । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାକୁ ପୋଲିଟିକେଲ୍ ଏଜେଣ୍ଟ ଏ ବିଷୟରେ ଗୋଟିଏ ସ୍ୱତନ୍ତ୍ର ପତ୍ର ଲେଖିଥିଲେ ଓ ତହିଁର ନକଲ ତାଙ୍କ ଦପ୍ତରର ଚପରାସୀ ସେହିଦିନ ମୋତ ଦେଇଗଲା । ତହିଁରେ ସେ ଲେଖିଥିଲେ ଯେ, ଭାରତସରକାରଙ୍କର ହୁକୁମ ଅନୁସାରେ ମୁଁ ବଣେଇ ଷ୍ଟେଟ୍‌ର ଦେୱାନ ଥିବା ପର୍ଯ୍ୟନ୍ତ ଲାଇସେନ୍‌ସ ଦାୟରୁ ମୁକ୍ତ ଓ ଏହି ହୁକୁମ ତା ୨୪.୧୨.୧୯୨୬ ପର୍ଯ୍ୟନ୍ତ କାଏମ ରହିବ । ମୋର ଛୁଟି ସେହିଦିନ ପର୍ଯ୍ୟନ୍ତ ଥିଲା ଓ ଏହାପରେ ମୁଁ ମୋର ସରକାରୀ କାର୍ଯ୍ୟକୁ ଫେରି ଆସିବା ହୁକୁମ ଥିଲା ।

ତା ୧୯.୧୨.୧୯୨୬ରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କଚେରୀକକ୍ଷ ପୁଣି ଲୋକାରଣ୍ୟ ହୋଇଗଲା । ବାହାରେ ଛିଡ଼ାହୋଇ ମୁଁ ସବୁ ଦେଖୁଥିଲି । କୋର୍ଟ ଇନ୍‌ସପେକ୍ଟର ଓ ତାଙ୍କ ପଛକୁ ସରକାରୀ ଓକିଲ ଶ୍ରୀ ଯୋଗୀନ୍ଦ୍ରନାଥ ସେନ ତନ୍ମଧ୍ୟକୁ ପ୍ରବେଶ କଲେ, ଗୋଛା ଗୋଛା ଆଇନବହି ମଧ ବୁହାହୋଇ ଆସୁଥିବା ମୁଁ ଲକ୍ଷ୍ୟକଲି । ଯଥାସମୟରେ ମୋତେ ଡାକରା ହେଲା ଓ ମୁଁ ମୋର କାଠଗଡ଼ା ମଧ୍ୟରେ ପ୍ରବେଶକଲି । ସାହେବ ମୋତେ ଆଇନଗତ ଗୋଟାକେତେ ପ୍ରଶ୍ନକଲେ ଓ ମୁଁ ତାହାର ଉତ୍ତର ଦେଲି । ଅଳ୍ପ ସମୟ ପରେ ସାହେବ ହୁକୁମ ଲେଖି ବସିଲେ ଓ ଲେଖିସାରି କହିଲେ ଯେ, ମୋ ବିରୁଦ୍ଧରେ ଦାଏର ହୋଇଥିବା ମୋକଦ୍ଦମା ଉଠାଇ ନିଆଯାଇ ମୋତେ ଖଲାସ ଦିଆଗଲା । ମୁଁ ତାଙ୍କୁ ଧନ୍ୟବାଦ ଦେଇ ଅଦାଲତ ମଧ୍ୟରୁ ବାହାରି ଆସିଲି । ବାହାରେ ଯେଉଁ ଜଣକେତେ ହିତୈଷୀ ବନ୍ଧୁ ଛିଡ଼ା ହୋଇଥିଲେ, ସେମାନେ ମୋତେ ଅଭିବାଦନ କଲେ । ଜନତା ମଧ୍ୟରେ ସେହି ପୋଲିସ୍ ଇନ୍‌ସପେକ୍ଟର ଅଦାଲତର ଚତୁର୍ଦ୍ଦିଗରେ ନିଶ ମୋଡ଼ି ମୋଡ଼ ଚାଲୁଥିବା ଲକ୍ଷ୍ୟ କରିଥିଲି । ଆଜି ସେ ମୁହଁ ଶୁଖାଇ ଚାଲିଯିବା ଦେଖିଲି ।

(କ୍ରମଶଃ)

## ପର୍ଦ୍ଦା ପଛର କଥା



**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**

ଭାଗ- ୩୮

### ॥ ପ୍ରେମରୋଗୀ ॥

୨୦୦୯ ମସିହାରେ ଆଉ ଗୋଟିଏ ଚର୍ଚ୍ଚିତ ଚଳଚ୍ଚିତ୍ର ମୋର ରିଲିଜ୍ ହୋଇଥିଲା । ଅଶୋକ ପତିଙ୍କ ନିର୍ଦ୍ଦେଶନାରେ ଡ୍ରିମ୍‌ଗାର୍ଲ ପରେ ପ୍ରେମ ରୋଗୀର ପ୍ରସ୍ତୁତି ହୋଇଥିଲା । ଗୋଟିଏ ବର୍ଷ ଗୋଟିଏ ନିର୍ଦ୍ଦେଶକଙ୍କ ସାଥିରେ ୨ଟି ଚଳଚ୍ଚିତ୍ର । ଅଶୋକ ପତିଙ୍କ ସାଥୀରେ ଯୋଡ଼ି ଜମି ସାରିଥାଏ । ସବୁବେଳେ ମୁଁ ଭାବେ ଚଳଚ୍ଚିତ୍ରଟି ସଂପୂର୍ଣ୍ଣ ଭାବରେ ଡାଇରେକ୍ଟରସ ମିଡିଅମ । ନିର୍ଦ୍ଦେଶକର ଦୃଷ୍ଟିକୋଣ ଚଳଚ୍ଚିତ୍ରର ପ୍ରତ୍ୟେକ ବିଭାଗ ଉପରେ ପ୍ରତିଫଳିତ ହେବା ଆବଶ୍ୟକ । ସେଇଥିପାଇଁ ମୁଁ କହେ ଜଣେ ନିର୍ଦ୍ଦେଶକ ଆଦୌ ଭାବପ୍ରବଣ ହେବା ଉଚିତ୍ ନୁହେଁ । ଲେଖକ ଅଭିନେତା ଏମାନେ ଚରିତ୍ର ପରିସ୍ଫୁଟନ ସମୟରେ ଭାବପ୍ରବଣ ହେବା ସ୍ୱାଭାବିକ୍ । ମାତ୍ର ନିର୍ଦ୍ଦେଶକ ଆବଶ୍ୟକ ଅନୁଯାୟୀ ଏମାନଙ୍କର ଭାବପ୍ରବଣତାକୁ ଚେକ୍ ଦେବା ଆବଶ୍ୟକ । କାରଣ ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାଫ୍‌ରେ ଚଳଚ୍ଚିତ୍ରଟିଏ ନିର୍ମିତ ହୋଇଥାଏ ।

ପ୍ରେମରୋଗୀର ପ୍ରଯୋଜକ ଥିଲେ ନାରାୟଣ ନାୟକ । ମୋର ପୁରାତନ ବଂଧୁ ସନ୍ତୋଷ ଭୂୟାଁଙ୍କର ବଂଧୁ । ସନ୍ତୋଷ ଭୂୟାଁ ଯୁବକ ସମୟରେ ଗୋଟିଏ ଚଳଚ୍ଚିତ୍ର କରିଥିଲେ । ଚଳଚ୍ଚିତ୍ରଟିର ନାମ ଥିଲା ଏଇ ଆଖି ଆମ ସାକ୍ଷୀ । ଚଳଚ୍ଚିତ୍ରଟିରେ ମୁଁ ସଂପୃକ୍ତ ନଥିଲି ଯଦିଓ ପରେ ପରେ ଅନ୍ୟ ଗୋଟିଏ ଚଳଚ୍ଚିତ୍ର ପାଇଁ ମତେ ଚୁକ୍ତି କରିଥିଲେ । ମାତ୍ର ଚଳଚ୍ଚିତ୍ରଟି ହୋଇପାରିଲା ନାହିଁ । ମତେ ସନ୍ତୋଷ ବାବୁ ନାରାୟଣ ନାୟକଙ୍କ ସହ ପରିଚିତ କରାଇଦେଲେ । ନାରାୟଣ ବାବୁ ଯୁବକ, ଜମିଜମା କାରବାର, ନିର୍ଦ୍ଦେଶକ ଭାବରେ ଅଭିଜ୍ଞ ଗଣେଶ ମହାପାତ୍ର (ପୁରୀ)ଙ୍କୁ ଯୋଗାଯୋଗ କରାଗଲା। ବମିଖାଲରେ ଏକ ଘରେ ମାସାଧିକ କାଳ ସିଟିଂ ରହିଲା, ବେଗୁନିଆ କଲେଜରେ ମୁଁ ଥାଏ । କଲେଜ ଯିବା ଓ ସେଠୁ ଫେରି ସ୍କ୍ରିପ୍ଟରେ ବସିବା କଷ୍ଟକର ହେଉଥାଏ । ସ୍କ୍ରିପ୍ଟ ସରିଲା । ମ୍ୟୁଜିକ୍ ପାଇଁ ମଳୟ ମିଶ୍ରଙ୍କୁ ଡକାଗଲା । ପ୍ରଥମ ଗୀତର ପ୍ରଥମ ଧାଡ଼ି ମୁଁ ଲେଖିଲି 'ଫୁଲ ନୁହେଁ ସେ ଫୁଲର ପାଖୁଡ଼ା, ଜହ୍ନ ନୁହେଁ ସେ ଜହ୍ନର ଟୁକୁରା' । ବଢ଼ିଆ ଟ୍ୟୁନ୍ କଲେ, ମାତ୍ର ତା' ପରେ ମଳୟ ବାବୁ ଅନ୍ୟ କାମରେ ବ୍ୟସ୍ତ ରହିଗଲେ । ପ୍ରଯୋଜକ ମଧ ଢିଲାପଣ ଦେଖାଇଲେ । ମଳୟବାବୁ ନିର୍ଦ୍ଧାରିତ ସମୟରେ ସଂଗୀତ କାମ ସାରିଦେଇଥିଲେ ଅବଶ୍ୟ କାମ ଆଗେଇଥାନ୍ତା । ଦିନେ ହଠାତ୍ ଶୁଣିଲୁ ସେ ଭଡ଼ାଘରର ମାଲିକ ଆସି ଘରେ ତାଲା ଠୁଙ୍କି ଦେଇଛନ୍ତି । ସେଇ ଘର ଭିତରେ ସଂପୂର୍ଣ୍ଣ ସ୍କ୍ରିପ୍ଟ ଓ ମଳୟମିଶ୍ରଙ୍କ ହାରମୋନିୟମ ତାଲା ପଡ଼ିଗଲା । ଅବଶ୍ୟ ପରେ ସେସବୁକୁ ଉଦ୍ଧାର କରାଗଲା କି' ନାହିଁ ଜାଣିନି । କିନ୍ତୁ ଭଲ ସ୍କ୍ରିପ୍ଟ ହୋଇଥିଲା ।

ଅନେକ ଦିନ ପରେ ପୁଣି ସନ୍ତୋଷ ବାବୁ ତାଙ୍କ ବମିଖାଲ ସ୍ଥିତ ଟ୍ରାଭେଲ ଅଫିସକୁ ଡକାଇଲେ । ବଂଧୁ ନାରାୟଣ ନାୟକ ଆସିଲେ । ନୂଆକରି ଚଳଚ୍ଚିତ୍ର ନିର୍ମାଣ ହେବ ଓ କୌଣସିଥିରେ କମ୍ପ୍ରୋମାଇଜ୍ କରାଯିବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ପାଇବା ପରେ ମୁଁ ନିର୍ଦ୍ଦେଶକ ଅଶୋକ ପତିଙ୍କ ସହ ଯୋଗାଯୋଗ କଲି । ପ୍ରଯୋଜକ ଓ ସନ୍ତୋଷବାବୁ ଅଶୋକ ପତିଙ୍କୁ ନିର୍ଦ୍ଦେଶନା ଦାୟିତ୍ୱ ଦେବା ପାଇଁ ରାଜି ହୋଇଗଲେ । ସଂଗୀତ ନିର୍ଦ୍ଦେଶନା ପ୍ରଶାନ୍ତ ପାଢ଼ୀଙ୍କୁ ନିଆଗଲା । ଅଶୋକ ପତି, ପ୍ରଶାନ୍ତ ବାବୁ ଓ ମୁଁ । ଆମ କମ୍ବିନେସନ ହିଟ୍ ମାନ୍ୟତା ପାଇ ସାରିଥାଏ । ନୂଆ ଜୋସ୍‌ରେ ଲାଗି ପଡ଼ିଲୁ । ଅଶୋକ ପତି ଗୋଟାଏ କାହାଣୀ କହିଲେ ଓ ଆମେ ଦୁହେଁ ଅଶୋକ ବାବୁଙ୍କ ବାପାଙ୍କ ବାଣୀବିହାରସ୍ଥିତ କ୍ୱାର୍ଟରରେ ସ୍କ୍ରିପ୍ଟ କାମ ଆରମ୍ଭ କରିଦେଲୁ । କର୍ମଚାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଫ୍ଲାଟ୍ ଆଗରେ ଟିଣଘରଟିଏ । ତା' ଭିତରେ ଗୋଟେ ସୋଫା, ସେଇଟି ଥାଏ ଅଶୋକ ବାବୁଙ୍କ ଫିଲ୍ମ ୱାର୍କସପ । ସେଇଠି ଆଲୋଚନା, ଚା, କେତେବେଳେ ଅଶୋକ ବାବୁଙ୍କ ଘରେ ଲଞ୍ଚ, କାହାଣୀରେ ଚମକ ଥାଏ । ଗୋଟିଏ ବିଫଳ ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଆଧାରରେ ପ୍ରସ୍ତୁତ ହୋଇଥାଏ । ଏକଥା ମୁଁ ପରେ ଜାଣିଲି । ସଂପୂର୍ଣ୍ଣ ଓଡ଼ିଆ ଢାଞ୍ଚାରେ ପ୍ରସ୍ତୁତ କରାଯାଇଥିଲା । ବୁଦ୍ଧାଦିତ୍ୟ ଓ ସିଦ୍ଧାନ୍ତ ଦୁଇଭାଇ । ସିଦ୍ଧାନ୍ତ ଜଣେ ପାଲା ଗାୟକ । ବୁଦ୍ଧାଦିତ୍ୟ ଅଭିନୟ ପାଇଁ ଭୁବନେଶ୍ୱରରେ ସଂଘର୍ଷରତ । ପାଲାଗାୟକଙ୍କୁ ନେଇ କାହାଣୀ ବନାଇ ନିଛକ ନିମ୍ନ ମଧ୍ୟବିତ୍ତ ଘରର କାହାଣୀ ପରିକଳ୍ପନା ବୋଧହୁଏ ଏକ ଚ୍ୟାଲେଞ୍ଜ ଥିଲା । ସେହିପରି ବବି ମିଶ୍ରଙ୍କୁ ଖଳନାୟକ ଭୂମିକାରେ ଏକ ଭିନ୍ନ ତଥା ଆକର୍ଷଣୀୟ ଢାଞ୍ଚାରେ ଅଶୋକବାବୁ ଇଣ୍ଟ୍ରୋଡ୍ୟୁସ୍ କରିଥିଲେ । ବୁଦ୍ଧାଦିତ୍ୟ, ବବି, ସିଦ୍ଧାନ୍ତ ପ୍ରଭୃତି ଚମତ୍କାର ଅଭିନୟ କରିଥିଲେ । ନାୟିକା ଭାବରେ ବର୍ଷା ପ୍ରିୟଦର୍ଶିନୀ ଓ ଅର୍ପିତା ଅଭିନୟ କରିଥିଲେ । ସ୍ୱତନ୍ତ୍ର ଭୂମିକାରେ ସବ୍ୟସାଚୀଙ୍କୁ ନିଆଯାଇଥିଲା । ପ୍ରଶାନ୍ତ ପାଢ଼ୀ ଚମତ୍କାର ଗୀତ କରିଥିଲେ । ଏହି ଚଳଚ୍ଚିତ୍ରରେ ଗୋଟିଏ ଗୀତ ପରେ ସଂଯୋଜିତ ହେବାର ପରିକଳ୍ପନା ନିର୍ଦ୍ଦେଶକ କରିଥିଲେ । ସୁଟିଂ ପରେ କାହାଣୀର ଗତିଶୀଳତାକୁ ଦୃଷ୍ଟିରେ ରଖି ଏକ ସ୍ଲୋଭର୍ସନ ଗୀତ ରଖା ଯିବାପାଇଁ କହିଲେ ଯାହାକୁ ମୁଁ ରଚନା କରିଥିଲି । ଅବଶ୍ୟ ଏଡିଟିଂରେ ଗୀତଟିକୁ କାଟିବାକୁ ପଡ଼ିଥିଲା । ଚଳଚ୍ଚିତ୍ରର ସୁଟିଂ ବେଶ ଅମୋଦ ଦାୟକ ଥିଲା । ସୁଧାକର ବସନ୍ତ ଗୀତଗୁଡ଼ିକର ପିକ୍‌ଚରାଜାଇସନ୍ କରିଥିଲେ । ଅର୍ପିତା ମଧ ଏକ ଭିନ୍ନ ଭୂମିକାରେ ଖୁବ୍ ଭଲ ଅଭିନୟ କରିଥିଲେ । ମୋଟାମୋଟି ଭାବରେ କହିବାକୁ ଗଲେ ଅଶୋକପତି ଏକ ସୁନ୍ଦର ବ୍ୟବସାୟିକ ଚଳଚ୍ଚିତ୍ର କରିବା ପାଇଁ ବଦ୍ଧ ପରିକର ଥିଲେ । ପ୍ରଯୋଜକ ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ କରିବାରେ କୌଣସି କାର୍ପଣ୍ୟ କରିନଥିଲେ । ଅଧିକାଂଶ ଦିନ ସୁଟିଂ ସମୟରେ ମୁଁ ସେଟ୍‌ରେ ଉପସ୍ଥିତ ରହୁଥିଲି । ସବୁ ଆର୍ଟିଷ୍ଟ ତଥା ଟେକ୍ନିସିଆନ୍‌ମାନେ ସହଯୋଗ କରିଥିଲେ । ଓଲିଉଡ୍‌ରେ ଜଣେ ଲେଖକ ଭାବରେ ମୁଁ ବ୍ୟକ୍ତିଗତ ଭାବରେ ଯେଉଁ କେତୋଟି ଚଳଚ୍ଚିତ୍ରକୁ ସଫଳ ବୋଲି ବିବେଚନା କରିଥାଏ 'ପ୍ରେମରୋଗୀ' ତହିଁରୁ ଗୋଟିଏ । ସଂଳାପ ରଚନାରେ ମୁଁ ଖୁବ୍ ତୃପ୍ତ ଥିଲି । ଅଶୋକ ବାବୁ ମଧ ମତେ ସେ ସ୍କୋପ୍ ଦେଇଥିଲେ । ସଂଳାପରେ କିଛିଟା ପରୀକ୍ଷା ନିରୀକ୍ଷା କରିଥିଲି । ସଫଳ ମଧ ହୋଇଥିଲି । ଚଳଚ୍ଚିତ୍ରଟି ୨୦୦୯ ଜୁଲାଇ ତିରିଶ ତାରିଖରେ ମୁକ୍ତିଲାଭ କରି ବେଶ୍ ଦର୍ଶକୀୟ ସ୍ୱୀକୃତି ହାସଲ କରିଥିଲା । ଖର୍ଚ୍ଚ ଦୃଷ୍ଟିରୁ ଏହା ବ୍ୟୟବହୁଳ ଥିଲା । (କ୍ରମଶଃ)

---

## ରଜନୀ ଶତପଥୀ



### ॥ ବହୁଦିନ ପରେ ॥

ଝର୍କାରେ ମୋର ଫାଲଗୁନ ଜହ୍ନ
ଅସରାଏ ମିଠା ବର୍ଷା
ବହୁଦିନ ପରେ ମନେପଡ଼େ ତୁମକଥା... ।

ସେଦିନ ରାତିରେ ନଦୀର ଛାତିରେ
ବହିଗଲା କେତେ
ଖୁସିର ତରଳ ମୁକ୍ତା...
ସାଇତି ହେଲାନି ସାଉଁଟିଲେ ଯେତେ
ରେଣୁ ରେଣୁ ଜ୍ୟୋସ୍ନା ଆଉ କିଛି ମାଦକତା
ବହୁ ଦିନ ପରେ ମନେପଡ଼େ ତୁମକଥା ।

ପ୍ରଶ୍ନରେ ମୋର କିଛି ଅଂଧାର କିଛି ଅଭିଳାଷ
ଆଉ କିଛି ଅଧୀରତା..
ଉତ୍ତରରେ ତୁମ ଶୀତଳ ଲୁହର
ଦି'ଟୋପା ଶିଶିର ମୁଠାଏ ଅବୁଝା ଭାଷା
ବହୁଦିନ ପରେ ମନେପଡ଼େ ତୁମକଥା ।

ଅବୁଝା ରହିଚି ଆଜିବି ସେମିତି ସେଦିନର ସେଇ
କୁଆଁରି ମନର କଥା
ଅକାରଣ ଲାଗେ ଲକ୍ଷେ କବିତା
ଯାହା ଲାଗି ମୋର ଲକ୍ଷେ କବିତା ବୃଥା
ବହୁଦିନ ପରେ ମନେ ପଡ଼େ ତୁମକଥା ।

♥ ଜି-୬୦୨ ଆକ୍ରୋପଲିସ୍
ଗୋଠପାଟଣା, ଭୁବନେଶ୍ୱର-୨୯
ମୋ: ୯୩୩୭୯୬୫୫୬୪

## ବିଜନ ରାୟ



### ॥ ଫଗୁଣ ଆସିଛି ॥

ଫଗୁଣ ଆସିଛି ଫିକା କୁହୁଡ଼ିରେ ଘାସରେ ଶିଶିର ମାଖି!
ଫଗୁଣ ଆସିଛି ହାଲକା ଶୀତରେ କଅଁଳ ଖରାକୁ ଡାକି!!
ଫଗୁଣ ଆସିଛି ଆମ୍ବ ବଉଳର ଭୁରୁ ଭୁରୁ ମିଠା ଗନ୍ଧେ!
ଫଗୁଣ ଆସିଛି ସଜ ସକାଳର ମହକେ ମଳୟ ମନ୍ଦେ!!

ଫଗୁଣ ଆସିଛି କିଆରି କିଆରି ଅଳସୀ ପାଖୁଡ଼ା ମେଲି!
ଫଗୁଣ ଆସିଛି ଡେଙ୍ଗା ସରସର ପଳାଶ ଗଛରେ ଝୁଲି!!
ଫଗୁଣ ଆସିଛି ଫୁଲ ପାଖୁଡ଼ାରୁ ମହୁମାଛି ଶୋଷେ ମହୁ!
ଫଗୁଣ ଆସିଛି ବଣ ତୋଟା ମାଳେ କୋଇଲି ଡାକଇ କୁହୁ!!

ଫଗୁଣ ଆସିଛି ନହକା ନଈର ଛଳଛଳ ପାଣି ଧାରେ!
ଫଗୁଣ ଆସିଛି ବହକା ପାଣିର ଛମଛମ ଗୀତ ସୁରେ!!
ଫଗୁଣ ଆସିଛି ପୋଖରୀ ତୁଠରେ ବଟା ହଳଦୀର ବାସେ!
ଫଗୁଣ ଆସିଛି ଗାଁ ନୂଆବୋହୂ ତୁନି ତୁନି ଚୋରା ହସେ!!

ଫଗୁଣ ଆସିଛି ଝରକାର ଫାଙ୍କେ ହାତ ଠାରେ ରୁପା ଜହ୍ନ!
ଫଗୁଣ ଛୁଆଁରେ ତୁମରି ଦେହରେ ଲହଡ଼ଇ ଯଉବନ!!

♥ ମୋ: ୯୪୩୮୧୪୧୩୬୪

## ବନମାଳୀ ସେନାପତି



### ॥ ତାରା ଶୁଣୁଥିଲା ଗୀତ ॥

ସେଦିନ ରାତିରେ ଜହ୍ନ ଗାଉଥିଲା ତାରା ଶୁଣୁଥିଲା ଗୀତ ।
ମୋତେ ଲାଗୁଥିଲା ଗୀତ ଗାଇ ଗାଇ ଜହ୍ନ ବସିଥିଲା ମିତ ।

ସଞ୍ଜ ନଇଁଥିଲା ରାତି ଆସିଥିଲା ହାତରେ ଧରି ସେ ଜହ୍ନ
କେତେ ଅଳିଅଳି ତାରକାରାଣୀକୁ ଦେଇ ଦେଇଥିଲା ମନ
ରାତି ବଢୁଥିଲା ଗୀତ ସରୁଥିଲା କିଛି ନ ପଡ଼ିଲା ଜଣା
ଜହ୍ନ ଫେରିଗଲା ନିଜ ରାଇଜକୁ ରାତି ହେଲା ବାଟବଣା
ରାତି ଯାଇଥିଲା ଶୀତଳ ରାଇଜେ ଚହଲି ଗଲା ତା ଚିତ୍ତ
ସେଦିନ ରାତିରେ ଜହ୍ନ ଗାଉଥିଲା ତାରା ଶୁଣୁଥିଲା ଗୀତ ।

ସେ ଗୀତରେ ଥିଲା କେତେଯେ ଶକତି ଜାଣି ପାରିଲାନି ରାତି
ରାତି ମଜ୍ଜିଥିଲା ସପନ ପ୍ରେମରେ ଜହ୍ନ କରିଥିଲା ଇତି
ସେହି ରାତି ଥିଲା ମୋ ପ୍ରିୟା ହାତର ମିଠାମିଠା ଏକ ଚିଠି
ସେ ଚିଠିରେ ଥିଲା ମଲ୍ଲୀଫୁଲ ବାସ ପ୍ରିୟା କବରୀର ଗଣ୍ଠି
ଆସ ପ୍ରିୟା ଥରେ ବୁଲିଯିବା ଆମେ ବଢ଼ାଇଛି ମୁହିଁ ହାତ
ସେଦିନ ରାତିରେ ଜହ୍ନ ଗାଉଥିଲା ତାରା ଶୁଣୁଥିଲା ଗୀତ ।

♥ ସଂପାଦକ 'ପରାଗ', ଆଳି, କେନ୍ଦ୍ରାପଡା
ମୋ:୯୩୩୭୨୨

## କବିତା..... ଆମ ସମୟର



### ॥ ଶୂନ୍ୟନୀଡ ॥

## ଲିପ୍ସା ପଟେଲ

ଏବେ ଏବେ ଘରଟା ନିର୍ଜୀବ ପାଲଟିଗଲା।
ଧୂପବାସ୍ନାକୁ ଦୂରେଇ
ବୋଉ, ଶ୍ମଶାନରେ ଧୂଆଁ ହୋଇଗଲା
ଘର, ଅଗଣାରେ ତା'ର ପାଦଚିହ୍ନସବୁ
ବାଲିଚର ଫସଲ ପରି ଉଜୁଡି ସାରିଥିଲା।

ତା' ଶୂନ୍ୟ ବିଛଣାଟା
ଲାଗୁଥିଲା ମୋର ପିଲାଦିନର ଦୋଳି,
ଗୋଟିଏ ସଫେଦ୍ ଆକାଶ ପରି ଚଦର ତଳେ
ବୋଉ ମୁହଁ ଲୁଚାଇଲା।
ମୋ କାନ୍ଦ ଦେଖିପାରିବନି ବୋଲି
ସେ ଚୁପଚାପ
ଆଖି ବୁଜିଦେଲା।
ଏବେ ଏବେ ଘରଟା ନିର୍ଜୀବ ପାଲଟିଗଲା।
ଏବେ ଏବେ ତ ବୋଉ ଚାଲିଗଲା।

♥ ଭବାନୀପାଟଣା
କଳାହାଣ୍ଡି-୧





## ମୂଳବଙ୍ଗଳା- ତସଲିମା ନାସରିନ୍
## ଅନୁବାଦ- ପ୍ରଦୀପ କୁମାର ରାୟ

### ॥ ମନ ଉଠ ॥

ମନ ତୁମେ ଉଠ, ଉଠ ତୁମେ,
ତୁମେ ଉଠ ମନ,
ମନ ମନ ମନ ଉଠ ମନ ଉଠ ମନ
ତୁମେ ଉଠ ଉଠ ମନ
ମନ ଉଠ ତୁମେ
ଉଠ ତୁମେ ମନ
ମନ ମନ ମନ
ଉଠ, ଲକ୍ଷ୍ମୀ ମନ, ତୁମେ ଉଠ ଏଥର,
ଉଠ ସେହି ପୁରୁଷ ପାଖରୁ, ମନ ଉଠ,
ଉଠ ତୁମେ, ଶିକୁଳି ଛିଣ୍ଡେଇ ଉଠ,
ଭଲ ପାଇବାର ଶକ୍ତ ଶିକୁଳିଟା
ଛିଣ୍ଡାଇ ଏବେ ଉଠ
ତୁମେ ତୁମ ପରି କଥା କୁହ,
ତୁମେ ତୁମ ପରି ଚାହଁ
ତୁମ ପରି ହସ
ଆନନ୍ଦ ତୁମ ପରି କରି କର ।
ଦୁଃଖ ତୁମ ପରି କର ।

ମନ ତୁମେ ଉଠ, ଯେତେବେଳ ଯାଏଁ
ତୁମେ ସେହି ପଥରେ,
ପଥିକରେ, ସେହି ପତିତରେ, ସେହି ପୁରୁଷରେ,
ପୁରୁଷର ପଦାଙ୍କରେ, ପଦାଶ୍ରୟରେ,
ସେହି ପାତ୍ରରେ, ପତନରେ,
ଯେତେବେଳ ଯାଏଁ ତୁମେ ପରଜୀବୀ,
ତୁମେ ପରୋପଜୀବୀ ,
ଯେତେବେଳ ଯାଏଁ ପ୍ରାୟତଃ, ପରାହତ,
ସେତେବେଳ ଯାଏଁ ତୁମେ ତୁମେ ନୁହଁ ।
ଯେତେବେଳ ଯାଏଁ ପ୍ରଣତ, ପ୍ରଚ୍ଛନ୍ନ,
ସେତେବେଳ ଯାଏଁ ତୁମେ ପ୍ରଫୁଲ୍ଲ ନୁହଁ,
ପ୍ରବଳ ପ୍ରଖର ନୁହଁ, ପ୍ରତ୍ୟାପାନ୍ୱିତ ନୁହଁ
ଉଠ, ପରିତ୍ରାଣ ପାଇବାକୁ ଉଠ,
ପ୍ରାଣ ପାଇବାକୁ ଉଠ ।
ମନ ଉଠ ନାରୀ, ହେ ନାରୀ ଉଠ,
ପୁନର୍ଜନ୍ମ ହେଉ, ପୁନରୁତ୍ଥାନ ହେଉ ତୁମର ।

ହୃଦୟରେ କେବେହେଲେ ଏମିତି ଏକ ସମ୍ପୂର୍ଣ୍ଣ
ପୁରୁଷ ପୁରାଇ ରଖ ନାହିଁ,
ପୁରୁଷ ଯେତେବେଳେ ପଶେ,
ଏକା ପଶେ ନାହିଁ,
ସମଗ୍ର ପୁରୁଷତନ୍ତ୍ର ପଶେ ।
ଏହି ତନ୍ତ୍ରର ମଗଜ ମନ୍ତ୍ରରେ ମୁଗ୍ଧ ହେବ,
ପ୍ରେମରେ ପ୍ରଲୁବ୍ଧ ହେବ,
ମୃତ୍ୟୁ ହେବ ତୁମର, ତୁମର ।
ହେ ମନ ତୁମେ ଉଠ, ନାଚ, ତୁମ ପରି,
ତୁମ ପରି ହିଁ ଜୀଇଁ ରହ ।

♥ ଡି-୪, ବାସୁଦେବ ଏନକ୍ଲେଭ, ବିଜୁ ନଗର, ପଟିଆ, ଭୁବନେଶ୍ୱର-୨୪
(ମୋ)୯୪୩୭୫୩୪୭୭୩

## ପ୍ରେମରେ ପ୍ରେମରେ ଗୀତି ....(୩୬)



■ ବିପିନ ମହାନ୍ତି


♥ ୩୩,
ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧





### ॥ ପ୍ରିୟା ମୋ ଫେରିଆ ॥

ପ୍ରିୟା !
ଆ ଫେରିଆ ! ତୁ ଆ ଫେରିଆ !!
ପ୍ରିୟା ମୁଁ ତୋ' କାହାଣୀ ଆଉ ତୁ ମୋ' କବିତା
ତୁ ମୋ' ଦୀପାଳି ଆଉ ମୁଁ ତୋ' ସଳିତା
ଲେଖୁଛି ଲେଖିବି... ଜଳୁଛି ଜଳିବି
ତୋ' ପାଇଁ ପ୍ରିୟା ।

ପ୍ରିୟା !!
ମୁଁ ତୋ ସପନ ଆଉ ତୁ ମୋ' ନାୟିକା
ମୁଁ ସାତ ସୁର ଆଉ ତୁ ମୋ' ଗାୟିକା
ଦେଖୁଛି ଦେଖିବି... ଗାଉଛି ଗାଇବି
ତୋ' ପାଇଁ ପ୍ରିୟା ।

ପ୍ରିୟା !!
ମୁଁ ତୋ ଶ୍ରାବଣ ଆଉ ତୁ ମୋ' ବରଷା
ମୁଁ ତୋ' ଦାଭିଞ୍ଚି ତୁ ମୋନାଲିସା
ଭିଜୁଛି ଭିଜିବି...ଆଙ୍କୁଛି ଆଙ୍କିବି
ତୋ' ପାଇଁ ପ୍ରିୟା ।

## ■ ସ୍ମରଣୀୟେଷୁ ■

# ସ୍ୱାଧୀନତା ସଂଗ୍ରାମୀ ଚଂଦ୍ରଶେଖର ଆଜାଦ

**ଦେଶ ମାତୃକାର ସେବା ପାଇଁ ଜନ୍ମ ନେଇଥିବା ସାହାସୀ ନାବାଳକ ଚଂଦ୍ରଶେଖର ୧୯୨୧ ମସିହାରେ ମାହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ବ୍ରିଟିଶଙ୍କ ପ୍ରତି ତାଙ୍କ ବିଦ୍ରୋହ ମନୋଭାବର ପରିଚୟ ଦେଇଥିଲେ ।**



ଭାରତମାତାର ମୁକ୍ତି ପାଇଁ ଯେଉଁ କେତେ ଜଣ ସ୍ୱାଭିମାନର ସହ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ସେମାନଙ୍କ ମଧ୍ୟରୁ ଦେଶଭକ୍ତ ଚଂଦ୍ରଶେଖର ଆଜାଦଙ୍କ ନାମ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିଛି । ଭାରତ ସ୍ୱାଧୀନତା ସଂଗ୍ରାମ ଚରମ ସ୍ଥିତିକୁ ପହଂଚାଇବାରେ ଦେଶପ୍ରେମୀ ଚଂଦ୍ରଶେଖରଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ । ଚଂଦ୍ରଶେଖର ଆଜାଦଙ୍କ ଜନ୍ମ ହୁଏ ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ଭାବରା ଗ୍ରାମରେ ୧୯୦୬ ମସିହା ଜୁଲାଇ ମାସ ୨୩ ତାରିଖରେ । ତାଙ୍କ ପିତା ଥିଲେ ପଣ୍ଡିତ ସୀତାରାମ ତିୱାରୀ ଓ ମା'ଙ୍କ ନାମ ଥିଲା ଜଗରାଣୀ ଦେବୀ । ବାଳକ ସମୟରୁ ଚଂଦ୍ରଶେଖରଙ୍କ ଅଦମ୍ୟ ସାହାସୀକତା ହିଁ ତାଙ୍କୁ ତିୱାରୀରୁ ଆଜାଦର ପରିଚୟ ଆଣି ଦେଇଥିଲା । ମାତ୍ର ୧୫ ବର୍ଷ ବୟସରେ ଗାନ୍ଧିଜୀଙ୍କ ନେତୃତ୍ୱାଧୀନ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ଚଂଦ୍ରଶେଖର ବ୍ରିଟିଶ ପୋଲିସ ହାତରେ ଧରାପଡ଼ି କାରାବରଣ କରିଥିଲେ । ଏହି ସମୟରେ ଥରେ ବିଚାରପତି ତାଙ୍କ ପରିଚୟ ପଚାରିବାରୁ ସେ ମୋ ନାଁ ଆଜାଦ୍, ବାପାଙ୍କ ନାମ ସ୍ୱାଧୀନତା ଆଉ ଜେଲଖାନା ହିଁ ମୋର ଘର ବୋଲି ଦୃଢ଼ ଭାବରେ ଜବାବ ଦେଇଥିଲେ । ପରିଣାମ ସ୍ୱରୂପ ସେଦିନ ଚଂଦ୍ରଶେଖରଙ୍କୁ ପନ୍ଦର ଚାବୁକ୍ ପ୍ରହାର କରାଯାଇଥିଲା । କିନ୍ତୁ ସେଦିନ ଠାରୁ ଆଜାଦ୍ ନାମରେ ସେ ସୁପରିଚିତ ହୋଇଗଲେ ।

ଚଂଦ୍ରଶେଖରଙ୍କ ମା'ଙ୍କ ଇଚ୍ଛା ଥିଲା ତାଙ୍କ ପୁଅ ସଂସ୍କୃତ ପଢ଼ି ପଣ୍ଡିତ ହେଉ । ତେଣୁ ତାଙ୍କୁ ସେ କାଶୀ ବିଦ୍ୟାପୀଠରେ ଭର୍ତ୍ତି କରାଇଥିଲେ । କିନ୍ତୁ ବିଧିରବିଧାନ ଅଲଗା ଥିଲା । ଦେଶ ମାତୃକାର ସେବା ପାଇଁ ଜନ୍ମ ନେଇଥିବା ସାହାସୀ ନାବାଳକ ଚଂଦ୍ରଶେଖର ୧୯୨୧ ମସିହାରେ ମାହାତ୍ମା ଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ବ୍ରିଟିଶଙ୍କ ପ୍ରତି ତାଙ୍କ ବିଦ୍ରୋହ ମନୋଭାବର ପରିଚୟ ଦେଇଥିଲେ । ପରବର୍ତ୍ତି ବର୍ଷ ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ୍‌ର ପୁରୋଧା ରାମ ପ୍ରସାଦ ବିସମିଲ୍‌ଙ୍କ ସହ ଚଂଦ୍ରଶେଖରଙ୍କ ସାକ୍ଷାତ ହେଲା ଏବଂ ଏସୋସିଏସନ୍ ଦ୍ୱାରା ଅନୁପ୍ରାଣିତ ଚଂଦ୍ରଶେଖର ଏହାର ଜଣେ ସକ୍ରିୟ ଓ ଉତ୍ସର୍ଗୀକୃତ ସଦସ୍ୟ ହୋଇଗଲେ । ଏହା ପରେ ଏସୋସିଏସନ୍ ପାଇଁ ପାଣ୍ଠି ଏକଜୁଟ୍ କରିବାର ଦାୟିତ୍ୱ ନେଇ ବ୍ରିଟିଶ ସରକାରଙ୍କ ସମ୍ପତ୍ତି ଲୁଣ୍ଠନ କରିବାକୁ ଯୋଜନା କରିଥିଲେ । ୧୯୨୫ ମସିହା ଅଗଷ୍ଟ ନଅରେ ଲକ୍ଷ୍ନୌ ନିକଟସ୍ଥ କାକୋରୀ ଷ୍ଟେସନରେ ଟ୍ରେନରେ ଥିବା ସରକାରୀ ଖଜଣା ଲୁଟିବା ପରେ ଆଜାଦ ଏବଂ ତାଙ୍କ ସାଥିଙ୍କୁ ଗିରଫ କରିବା ପାଇଁ ବ୍ରିଟିଶ ସରକାର ତତ୍ପର ହୋଇ ପଡ଼ିଲେ । ଏତିକି ବେଳେ ବ୍ରିଟିଶ ସରକାରଙ୍କ ମନୋବୃତ୍ତିକୁ ଅନୁଧ୍ୟାନ କରିପାରି ଆଜାଦ ତୁରନ୍ତ ବୁନ୍ଦେଲଖଣ୍ଡ ପଳାଇଯାଇ, ସେଠାରେ ଅଜ୍ଞାତବାସରେ ରହିବାକୁ ଲାଗିଲେ । ଆଜାଦ ସେଠାରେ ରହିବା ସମୟରେ ଯୁବ କ୍ରାନ୍ତିକାରୀଙ୍କ ପାଇଁ ଗଢ଼ିଥିବା ସଂଗଠନକୁ ନୂତନ ରୂପ ଦେବା ସହ ବ୍ରିଟିଶ ସରକାରଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖି ଥିଲେ ।

ଚଂଦ୍ରଶେଖର ଆଜାଦଙ୍କ ଭଳି ଦେଶପ୍ରେମୀ ବାସ୍ତବରେ ବିରଳ । ୧୯୩୧ ମସିହା ଫେବୃଆରୀ ମାସ ୨୭ ତାରିଖରେ ଆହ୍ଲାବାଦର ଆଲଫ୍ରେଡ଼ ପାର୍କରେ ବ୍ରିଟିଶ ପୋଲିସ ଠାରୁ ନିଜ ସଂଗ୍ରାମୀ ସାଥିଙ୍କୁ ବଂଚାଇବାର ଉଦ୍ୟମରେ ଆହତ ଆଜାଦ, ସିଂହ ଭଳି ଲଢ଼େଇ କରି ତିନି ଜଣ ଇଂରେଜ ପୋଲିସକୁ ମାରିଦେବା ସହ ଅନେକଙ୍କୁ ଗୁରୁତର ଆହତ କରିଥିଲେ । ପୂର୍ବରୁ ଜୀବିତାବସ୍ଥାରେ ଇଂରେଜମାନଙ୍କ ହାତରେ ଧରା ନପଡ଼ିବାର ସଂକଳ୍ପ କରିଥିବା ଚଂଦ୍ରଶେଖର ନିଜ ପିସ୍ତଲରେ ନିଜକୁ ଗୁଳି କରି ସେଦିନ ଦେଶ ପାଇଁ ଜୀବନ ଦେଇଦେଲେ । ଭାରତ ମାତାଙ୍କ ଜଣେ ସୁଯୋଗ୍ୟ ସନ୍ତାନଙ୍କ ଜୀବନ ପ୍ରଦୀପ ଅବେଳରେ ଅସ୍ତ ସିନା ହୋଇଗଲା ହେଲେ ଅନେକ ଯୁବକଙ୍କ ଭିତରେ ମୁକ୍ତି ସଂଗ୍ରାମର ବହ୍ନିକୁ ତେଜିୟାନ କରି ଦେଇଥିଲା ।




ଆଲେଖ୍ୟ – ବୈଷ୍ଣବ ମେହେର
ସିନାପାଲି, ନୂଆପଡ଼ା


## ଧାରାବାହିକ ଉପନ୍ୟାସ

# ରାଜନୀତି


ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫




**ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ**

ଭାଗ-୨୫
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଜୟ ଜୟକାର ଧ୍ୱନିରେ ଗଗନ ପବନ ମୁଖରିତ । ଅଭିଷେକ ବି ବ୍ୟଗ୍ର ହୋଇ ପଡୁଥିଲା ସେହି ମହାନାୟକଙ୍କ ଉଦ୍‌ବୋଧନ ଶୁଣିବା ପାଇଁ । ନିର୍ଧାର୍ଯ୍ୟ ସମୟରେ ଅନୁପମ ଶେଖର ଆସିଲେ । ଶାନ୍ତ, ସ୍ନିଗଧ ମୁଖମଣ୍ଡଳ । ମୁହଁରେ ଧାରେ ମୃଦୁ ହସ । ନିରାଡମ୍ବର ଅଥଚ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚେହେରା । ଶାନ୍ତ ଓ ଅନାସକ୍ତ ଦୃଷ୍ଟି ତାଙ୍କ ମୁଖମଣ୍ଡଳକୁ ଆହୁରି ଆକର୍ଷଣୀୟ କରୁଥାଏ । ଅଭିଷେକକୁ ଲାଗୁଥିଲା ସିଏ ଠିକଣା ସ୍ଥାନରେ ପହଞ୍ଚିଛି । ଶେଖର ସାର୍‌ଙ୍କ ନେତୃତ୍ୱ ହିଁ ସାଧାରଣ ଲୋକଙ୍କର ସ୍ୱପ୍ନକୁ ପୂରଣ କରିପାରିବ । ଆଜିର ଅବ୍ୟବସ୍ଥା ଓ ଦୁର୍ନୀତିକୁ ଲୋପ କରିପାରିବ ।

ଅଭିଷେକ ଶୁଣୁଥାଏ ସେହି ଜନନାୟକଙ୍କର ତେଜସ୍ୱୀ ଅଭିବ୍ୟକ୍ତି । ସେ କହୁଥାନ୍ତି- ଆଜି ଦେଶ ଆତଙ୍କବାଦୀ, ସ୍ୱାର୍ଥବାଦୀ, କ୍ଷମତାବାଦୀଙ୍କ ଉତ୍ପୀଡନରେ ଜର୍ଜରିତ । ଆଜି ଧର୍ମ, ଜାତି, ଗୋଷ୍ଠୀ ଓ ସଂପ୍ରଦାୟ ନାମରେ ସାଧାରଣ ଲୋକ ବହୁଧା ବିଭକ୍ତ । ଯାହା ଆଗାମୀ ପିଢି ପାଇଁ ବିନାଶର ପଥକୁ ଡାକି ଆଣିଛି । ଏ ଦେଶର ନବେ ଭାଗ ଲୋକ ଛେଳିମେଣ୍ଢା ପରି ରାଜନୀତିରେ ଅଂଶ ଗ୍ରହଣ କରୁଛନ୍ତି, କେହି ନିଜର ଅଧିକାର ସାବ୍ୟସ୍ତ କଲାବେଳେ ନିଜ ବୁଦ୍ଧି ବିଚାରକୁ ଠିକ୍ ଭାବେ ପ୍ରୟୋଗ କରିବାକୁ ଉଚିତ୍ ମଣୁ ନାହାନ୍ତି । ନେତାଙ୍କ ଦ୍ୱାରା ପ୍ରାୟୋଜିତ ମିଛ ଚାଟୁକାର ଭାଷଣବାଜି ଓ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରଲୋଭନରେ ସମସ୍ତେ ଭୋଳ । ଏଠି ସାଧାରଣ ଜନତା ମୂକ ଆଉ ବଧିର ଆଉ ଖୁବ୍ ସ୍ୱାର୍ଥପର । କେବେ ସେମାନଙ୍କର ଚେତନା ଜାଗ୍ରତ ହେବ ? କେବେ ଖୋଲିବ ଆଖି ? କେବେ ଚେଇଁ ଉଠିବ ଶୋଇ ଯାଇଥିବା ସ୍ୱାଭିମାନ ? ଭାରତ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କୁହାଯାଉଥିଲେ ବି ଆଜି ଏ ଦେଶ ସଂପୂର୍ଣ୍ଣ ଗଣତାନ୍ତ୍ରିକ ରାଷ୍ଟ୍ର ନୁହେଁ । ଗଣତନ୍ତ୍ର ଆଜି ଏକ ବିଚିତ୍ର ରୂପରେ ଆର୍ବିଭୂତ । ସାଧାରଣ ଲୋକଙ୍କୁ ଲୁଟିବା ନାଁରେ ଏଠି ତିଆରି ହେଉଛି ଅଗଣିତ ମିଛ ଯୋଜନା ଆଉ ସ୍ୱପ୍ନ । କୋଇଲା ଦୁର୍ନୀତି ଠାରୁ ଆରମ୍ଭ କରି ଖଣି ଦୁର୍ନୀତି, ବାଲି ଦୁର୍ନୀତି, ଖାଦ୍ୟ ଦୁର୍ନୀତି, ପାଣି ଦୁର୍ନୀତି, ତେଲ ଦୁର୍ନୀତି, ଡାଲି ଦୁର୍ନୀତି ପରି ହଜାର ହଜାର ଦୁର୍ନୀତିରେ ସରକାର, ସରକାରୀ ନେତା ଓ ଅଧିକାରୀମାନେ ଜଡିତ । ପାଞ୍ଚବର୍ଷ ପାଇଁ ଭୋଟ ଦେଇ ଯେଉଁମାନଙ୍କୁ ନିର୍ବାଚିତ କରାଯାଉଛି ସେମାନେ ଏହି ପାଞ୍ଚବର୍ଷରେ ଦୁର୍ନୀତି ଉପାୟରେ କୋଟି କୋଟି ଟଙ୍କା ସଞ୍ଚୟ କରି ରଖୁଛନ୍ତି ନିଜର ଉତ୍ତରପୁରୁଷଙ୍କ ପାଇଁ । ଥରେ ନିର୍ବାଚିତ ହେବା ପରେ ସାଧାରଣ ଜନତାକୁ ଶୋଷଣ କରିବା ହିଁ ଏମାନଙ୍କର ପ୍ରଧାନ କାର୍ଯ୍ୟ । ସ୍ୱାର୍ଥ ଓ ଲୋଭରରେ ବଶୀଭୂତ ହୋଇ ଭୋଟ୍ ଦେଇଥିବା ଭୋଟର ଭକୁଆ ହୋଇ ରହିଯାଆନ୍ତି ସବୁଦିନ ପାଇଁ ।

ଏକା ଅଭିଷେକ ନୁହେଁ, ତନ୍ମୟ ହୋଇ ଏକ ଧ୍ୟାନରେ ଶୁଣୁଥାନ୍ତି ସମବେତ ଜନତା ମହାନାୟକ ଶେଖର ବାବୁଙ୍କ ଭାଷଣକୁ । ଏତେ ଲୋକଙ୍କର ଉପସ୍ଥିତି ସତ୍ତ୍ୱେ ଛୁଞ୍ଚିଟିଏ ପଡିଲେ ବି ଶବ୍ଦ ହେବାର ବାତାବରଣ ନାହିଁ । ଠିକ୍ ଏତିକିବେଳେ ଆରମ୍ଭ ହୋଇଗଲା ହୋ-ହାଲ୍ଲା, ଠେଲାପେଲା । ହଠାତ୍ କିଛି ବୁଝି ପାରିଲାନାହିଁ ଅଭିଷେକ । କିଏ ଏମିତି ଷଣ୍ଢ ପୁରେଇଲା ଏମିତିକା ସଭାରେ ? କିଛି ବୁଝିବା ଆଗରୁ ଆରମ୍ଭ ହୋଇଯାଇଥିଲା ପୋଲିସର ଲାଠିମାଡ । ଠେଲାପେଲାରେ କିଏ କୁଆଡେ ଯିବେ ବାଟ ପାଉନଥାନ୍ତି । ବସିବା ଜାଗାରୁ ଉଠି ଠିଆହେବା ସମୟ ଭିତରେ ହିଁ ଠେଲି ହୋଇ କୁଆଡେ ନାହିଁ କୁଆଡେ ଧସି ହୋଇ ଯାଉଥିଲା ଅଭିଷେକ ନିଜେ ଜାଣିପାରୁନଥିଲା । ଘଟଣା କଣ ବୁଝିବାକୁ ସମୟ ନାହିଁ । ସେଇ ଭିଡରେ ଠେଲି ହୋଇ ଯାଉଯାଉ ଅଭିଷେକ ଦେଖୁଥିଲା ସଭାମଞ୍ଚ ଉପରୁ ପୋଲିସ ଉଠେଇ ନେଇ ଯାଉଥିଲା ଶେଖର ସାର୍‌ଙ୍କୁ । ମଞ୍ଚରେ ଥିବା ଅନ୍ୟମାନଙ୍କୁ ବି ପୋଲିସ ଧରି ନେଉଥିଲା । ଘଟଣା ସମ୍ପର୍କରେ ଜାଣିବାକୁ ଅତ୍ୟନ୍ତ ଉତ୍ସୁକ ଥିବା ଅଭିଷେକ ଗୋଟିଏ ସେକେଣ୍ଡ ବି ଠିଆ ହୋଇ ପାରୁନାହିଁ । କାହାକୁ ପଚାରିବାର ଅବକାଶ ବି ନାହିଁ । ସତେ ଯେମିତି ଗୋଟେ ଧୂଳିଝଡ ଆସି ସମସ୍ତଙ୍କୁ ଗୋଟେଇ ଗାଟେଇ ଓଲେଇ ନେଇଯାଉଛି ପଡିଆ ବାହାରକୁ । ହୋ ହୋ ରେ କମ୍ପୁଛି ଘଟଣାସ୍ଥଳ । ଏମିତି ଧସ୍ତାଧସ୍ତି ଭିତରେ ସେ ବାହାରି ଆସିଲାଣି ପଡିଆ ଭିତରୁ ତଥାପି ପୋଲିସ ଗୋଡେଇଛି ଓ ଲୋକ ଧାଉଁଛନ୍ତି । ଗୋଡାଗୋଡିର ଖେଳ ଭିତରେ କାହା ଉପରେ ପୋଲିସର ଲାଠି ବସୁଚି ତ କିଏ ତଳେ ପଡି ଖଣ୍ଡିଆ ଖାବରା । ପଡିଉଠି ଠେଲାଠେଲିରେ ଅଧମାଇଲ୍ ବାଟ ଆସିବା ପରେ ଗୋଟେ ପାଚେରୀ କଡରେ ଭରାଦେଇ ଅଟକିଗଲା ଅଭିଷେକ । ସତେ ଯେମିତି ଗୋଟେ ସୁନାମି ଆସିଲା ଆଉ ତାକୁ ଭସେଇ ଆଣିଲା ଏତେବାଟ । ଠିଆ ହୋଇ ନିଶ୍ୱାସ ନେଲାପରେ ସେ ଜାଣିଲା ଏଠି ସଭା କରିବାକୁ ସରକାର ଅନୁମତି ଦେଇ ହଠାତ୍ ପ୍ରତ୍ୟାହାର କରିନେଇଥିଲେ । ସଙ୍ଗେ ସଙ୍ଗେ ସେଠାରେ ୧୪୪ଧାରା ଜାରି କରିସାରିଥିଲେ । ଅପେକ୍ଷା ଥିଲା ସଭା ଆରମ୍ଭକୁ । ସଭା ଆରମ୍ଭ ହେଲାମାତ୍ରେ ପୋଲିସ ଆରମ୍ଭ କରିଦେଲା ତାର ରାଜନୀତି ।

ଏହାକୁ କହନ୍ତି ରାଜନୀତି ଭିତରେ ରାଜନୀତି । ଅଭିଷେକ ବୁଝୁଥିଲା ଇଏ ସରକାରଙ୍କର ଗୋଟେ ଚାଲ୍ । ଶେଖର ବାବୁଙ୍କ ଲୋକପ୍ରିୟତା ପାଇଁ ଗୋଟେ ଅହେତୁକ ଭୟ । ସେଇଥିପାଇଁ ସଭା ଆରମ୍ଭ ନହେଉଣୁ ସଭା ଭଣ୍ଡୁର କରିବାକୁ ଏ ୧୪୪ ଧାରା ଜାରିର ପଦକ୍ଷେପ ।

ଦେଶ ଏବେ ଘୋର ସଂକଟ ଓ ସମସ୍ୟା ଦେଇ ଗତିକରୁଛି । ଦୁର୍ନୀତି ସମସ୍ତଙ୍କର ଶିରା ପ୍ରଶିରାରେ ରକ୍ତ ପରି ପ୍ରବାହିତ ହେଉଛି । ଅଥଚ କେହି ଚିନ୍ତା କରୁନାହାନ୍ତି କେମିତି ଦୁର୍ନୀତି ଗ୍ରସ୍ତ ନେତାଙ୍କ କବଳରୁ ମୁକ୍ତ ହେବ ଏ ଦେଶ । ଯେଉଁମାନେ ଉପଲବ୍ଧି କରିବା କଥା ସେମାନେ ଗାଦିରେ ବସି ସମ୍ପତ୍ତି ବଢେଇବାରେ ମସଗୁଲ । ରାଜନୀତିକୁ ଆସିବା ଆଗରୁ କେତେ ବଡବଡ କଥା କହିଥାନ୍ତି । କିନ୍ତୁ ଥରେ ଗାଦି ମିଳିଗଲେ ସ୍ୱର୍ଗ ମାତ୍ର ଦି'ଆଙ୍ଗୁଳି । ଦୁର୍ନୀତି ଗ୍ରସ୍ତ ନେତାମାନେ ଦେଶର ଭବିଷ୍ୟତକୁ ଅନ୍ଧକାରର ଗର୍ଭକୁ ନିକ୍ଷେପ କରିସାରିଲେଣି । ସମସ୍ତେ ଏକଥା ଦେଖୁଛନ୍ତି ବୁଝୁଛନ୍ତି ।

ଗିରଫ ହେଲେ ଶେଖର ବାବୁ । ଏକଥା ସାଂଗେ ସାଂଗେ ସବୁ ନ୍ୟୁଜ ଚ୍ୟାନେଲରେ ମୁଖ୍ୟ ଖବର ଭାବେ ପ୍ରସାରିତ ହୋଇଗଲା । ରାସ୍ତା ଉପରେ ଥାଇ ରାସ୍ତା କଡର ଦୋକାନଗୁଡିକରେ ଲୋକମାନଙ୍କୁ ବେଶ୍ ଉତ୍ସୁକ ଭାବେ ଦେଖୁଥିବାର ଦେଖୁଥିଲା ଅଭିଷେକ । ଦେଖୁଥିବା ଲୋକମାନେ ସରକାରଙ୍କ କାର୍ଯ୍ୟକଳାପକୁ କେବଳ ନିନ୍ଦା କରୁନଥିଲେ ବରଂ ଶେଖର ସାର୍‌ଙ୍କୁ କରୁଥିଲେ ଉଚ୍ଛ୍ୱସିତ ପ୍ରଶଂସା । ରାସ୍ତାରେ ଚାଲୁଚାଲୁ ଭାବୁଥିଲା ଅଭିଷେକ, କେତେଦିନ ଶେଖର ସାର୍‌ଙ୍କୁ ସରକାର ରଖି ପାରିବେ ହାଜତରେ ? କେତେଦିନ ଲୋକଙ୍କ କଣ୍ଠରୋଧ କରିପାରିବେ ? ପାଣିର ସୁଅ ପରି ଜନ ସମୁଦ୍ରର ସୁଅକୁ ପ୍ରତିରୋଧ କରିପାରିବାର କ୍ଷମତା କାହା ପାଖରେ ଅଛି ? ଯୋଉ ମାତ୍ରାରେ ଶେଖର ସାର୍‌ଙ୍କ ପ୍ରତି ଲୋକଙ୍କର ସମର୍ଥନ, ସେଥିରେ ଅଭିଷେକକୁ ଲାଗୁଥିଲା ବୋଧହୁଏ ମହାତ୍ମାଗାନ୍ଧୀ ଦେଶକୁ ସ୍ୱାଧୀନ କଲାବେଳେ ଲୋକ ଏମିତି ତାଙ୍କୁ ସମର୍ଥନ ଦେଇ ଦେଶକୁ ମୁକ୍ତ କରିଥିଲେ ଇଂରେଜମାନଙ୍କ କବଳରୁ ।

ସେଦିନ ରାତିରେ ତାକୁ ଠିକ୍‌ରେ ନିଦ ହୋଇନଥିଲା । ଖୁସିରେ କେମିତି ଉତ୍‌ଫୁଲ୍ଲିତ ହୋଇ ପଡୁଥିଲା ସେ । ଭାସି ଯାଉଥିବା ଲୋକର କୁଟାଖିଏକୁ ଆଶ୍ରା ।

ତା' ପରଦିନ ସେଠାକାର ସମସ୍ତ ଖବରକାଗଜ, ଟିଭି ରେଡିଓ ଆଦି ଗଣମାଧମରେ ଲୋକମାନଙ୍କର ଶେଖର ସାର୍‌ଙ୍କ ପ୍ରତି ବିପୁଳ ସମର୍ଥନ, ବିଶ୍ୱାସ ଦେଖି କେବଳ ଅଭିଷେକ ଆଶ୍ଚର୍ଯ୍ୟ ହୋଇନଥିଲା, ଅଭିଭୂତ ବି । ସବୁଠି ଚର୍ଚ୍ଚା । ଶେଖର ସାର୍‌ଙ୍କ ଲୋକପ୍ରିୟତା ଦେଖି ସରକାର ବି ବିବ୍ରତ । ଲୋକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର । ମୁକ୍ତ ହେଲେ ଶେଖର ସାର୍ ।

ସମୟ କ୍ରମେ ଅଭିଷେକ ବନି ଯାଇଥିଲା ସେଇ ଦୁର୍ନୀତି ବିରୋଧି ଅଭିଯାନର ଏକ ପ୍ରମୁଖ ସଦସ୍ୟ । ସ୍ୱତଃପ୍ରବୃତ୍ତ ଭାବେ ଶେଖର୍ ସାର୍‌ଙ୍କ ଅନୁଗାମୀ ପାଲଟି ଯାଇଥିଲା ଅଭିଷେକ । କୋଉଠି ବି ପରିଚୟ ଦେଇନଥିଲା ସିଏ ଗୋଟେ ରାଜନୈତିକ ପରିବାରରୁ ଆସିଛି । ଏଣିକି ଶେଖର ସାର୍‌ଙ୍କ ସହ ମିଶି ଗାନ୍ଧିଜୀଙ୍କ ରାମରାଜ୍ୟ ଗଠନର ସ୍ୱପ୍ନ ବାଣ୍ଟୁଥିଲା ଅଭିଷେକ । ଦୁର୍ନୀତି ବିରୋଧି ଆନ୍ଦୋଳନ ଦ୍ରୁତ ଗତିରେ ଶ୍ରାବଣ ନଦୀର ଜଳଧାରା ପରି ବଢ଼ି ବଢି ଚାଲିଥିଲା । ଦେଶରେ ପ୍ରାୟ ସବୁଆଡୁ ମିଳୁଥିଲା ବିପୁଳ ଜନସମର୍ଥନ । ସାଧାରଣ ଜନତାଙ୍କର ଏଭଳି ସହଯୋଗକୁ ଦେଖି ଅଭିଷେକର ମନେ ହେଉଥିଲା ଏଥର ନିଶ୍ଚୟ ଦେଶରୁ ଦୁର୍ନୀତି ଆଉ ଭ୍ରଷ୍ଟାଚାର ଲୋପ ପାଇବ । ଦେଶର ପ୍ରଗତି ନିଶ୍ଚୟ ସମ୍ଭବ ।

ଅଭିଷେକ ଯେ ଜଣେ ସଚ୍ଚା ବିଦ୍ରୋହୀ ଓ ବିପ୍ଲବୀ ଏହାର ବାସ୍ତବିକତାକୁ ଅନୁଭବ କରୁଥିଲେ ସଂଗଠନର ଅନ୍ୟ ସଦସ୍ୟମାନେ । ତାଙ୍କର ନେତୃତ୍ୱରେ ଏକ ସଫଳ ବିପ୍ଳବ ସୃଷ୍ଟି ହୋଇ ପାରିବ ଏକଥା ସ୍ୱୟଂ ଶେଖର ବାବୁ ବି ଉପଲବ୍ଧି କରିଥିଲେ । ସେ ଯୁବକ ହେଲେ ବି ତାଙ୍କ ବୈପ୍ଳବିକ ଚିନ୍ତାଧାରା ଓ ଉଦ୍ଦାମତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ, ଏହି ସତ୍ୟକୁ ଉପଲବ୍ଧି କରୁଥିଲେ ସଙ୍ଗଠନର ବହୁ ସଦସ୍ୟ ।

ଦୁର୍ନୀତି ବିରୋଧି ଆନ୍ଦୋଳନ ଦ୍ରୁତ ଗତିରେ ବଢ଼ି ଚାଲିଥିଲା । ଶେଖର ସାହେବଙ୍କ ପ୍ରତି ଜନସମର୍ଥନ ମଧ ବଢ଼ି ବଢି ଚାଲିଥିଲା । ଏହି ବିସ୍ଫୋରକ ଆନ୍ଦୋଳନ ପ୍ରଶାସନ ଓ ଶାସକଦଳ ଭିତରେ ସୃଷ୍ଟି କରୁଥିଲା ମୃଦୁ କମ୍ପନ । ହେଲେ ଅଭିଷେକ ଭଲ ଭାବେ ଜାଣିଥିଲା ଯେ ଆଜିର ଗଣତନ୍ତ୍ରର ବିଧି ବ୍ୟବସ୍ଥା ଗାନ୍ଧୀଜିଙ୍କ ତିନି ମାଙ୍କଡ଼ର ଆଚରଣ ସଦୃଶ ଅଟେ । ସବୁ ଦେଖି କିଛି ନ ଦେଖିଲା ପରି, ସବୁ ଶୁଣି କିଛି ନ ଶୁଣିଲା ପରି, ସବୁ କଥା ଜାଣି କିଛି ନ ଜାଣିଲା ପରି ସମସ୍ତେ ଅଭିନୟ କରୁଛନ୍ତି, ଯାହା ଦୁର୍ନୀତିଗ୍ରସ୍ତ ନେତାମାନଂକୁ ସୁହାଉଛି ।

ଯେତେବେଳେ ଅଭିଷେକ ଏକୁଟିଆ ଥାଏ, ତା' ଭିତରେ ଢେଉମାରେ ପ୍ରଶ୍ନ ଉପରେ ପ୍ରଶ୍ନ । ସେ ଭାବେ ପୃଥିବୀରେ ଅନେକ ବିପ୍ଳବ ସମ୍ଭବ ହୋଇଛି ଏହି ଶୋଷିତ କ୍ଷୁଧାର୍ତ୍ତ ଜନତାଙ୍କୁ ନେଇ । ଆଜି ସମାଜରେ ଏକ ବୃହତ ଗୋଷ୍ଠୀ କ୍ଷୁଧା ଅନାହାରରେ ପୀଡ଼ିତ । ଦୁଇଓଳି ଗଣ୍ଡିଏ ଖାଇବା ପାଇଁ ତାଙ୍କ ପାଖରେ ଆହାର ନାହିଁ । ରହିବା ପାଇଁ ଘରଟିଏ ନାହିଁ । ଅଥଚ ସେମାନେ ନିରବରେ ସହିବାକୁ ବାଧ ହେଉଛନ୍ତି ଏହି ଶାସନ ବ୍ୟବସ୍ଥାକୁ । ଅଥଚ ସେମାନଙ୍କ ପାଖରେ ବିପ୍ଳବ କରିବାର ମନୋବୃତ୍ତି ନାହିଁ । ସମସ୍ତେ ଚେଇଁ ଶୋଇଛନ୍ତି । ଚେଇଁ ଶୋଇଥିବା ଲୋକଙ୍କୁ ଉଠେଇବ କିଏ ? ସରକାର ତ ସମସ୍ତଙ୍କୁ ଭିକ ଦେଲା ପରି ମୁଠେ ମୁଠେ ଚାଉଳର ବ୍ୟବସ୍ଥା କରିଦେଇଛନ୍ତି । ଯେତେ ପର୍ଯ୍ୟନ୍ତ ପେଟ ପାଇଁ ମୁଠାଏ ଚାଉଳ ସେମାନଙ୍କୁ ମିଳୁଥିବ ସେମାନଙ୍କ ନିକଟରେ ବିପ୍ଳବର ଆହ୍ୱାନ ଆସିବ କେଉଁଠୁ ? ତତଲା ପେଟର ଡାକ ଅଲଗା । ମନରେ ନିଆଁ ଲାଗିଲେ ଜଣେ ସହିପାରିବ ସିନା କିନ୍ତୁ ପେଟରେ ନିଆଁ ଲାଗିଲେ ସିଏ ଜଗତକୁ ପୋଡି ଦେବ । ଏକଥା ବୋଧେ ଜାଣିଛନ୍ତି ସରକାର । ସେଇଥିପାଇଁ ଦି'ଟଙ୍କିଆ ଚାଉଳର ବ୍ୟବସ୍ଥା । ବାର୍ଦ୍ଧକ୍ୟଭତ୍ତା, ବିକଳାଙ୍ଗ ଭତ୍ତା, ବେକାରୀ ଭତ୍ତା ଓ ସମାଜରେ ଥିବା ସମସ୍ତ ଗୋଷ୍ଠୀକୁ ତୁଷ୍ଟୀକରଣ କରିବା ପାଇଁ ବିଭିନ୍ନ ଯୋଜନାର ବ୍ୟବସ୍ଥା । ଟିକେ ଟିକେ କଥାରେ ଅନୁଦାନ, କ୍ଷତିପୂରଣର ବ୍ୟବସ୍ଥା । ତେଣୁ ଆନ୍ଦୋଳନ କରିବ କିଏ ? ଯଦିବା ଆନ୍ଦୋଳନ ଉଠିଲା ତାକୁ କିପରି କଳେବଳେ କୌଶଳେ ଦମନ କରାଯାଇ ପାରିବ ତାହାଥିଲା କ୍ଷମତା ଦଲାଲଙ୍କର ପ୍ରଧାନକାର୍ଯ୍ୟ ।

ଏମିତି ଅନେକ ଭାବନା ଅଭିଷେକ ମନକୁ ଆବୋରି ବସୁଥିଲା । (କ୍ରମଶଃ)



# ସମ୍ପର୍କ

ଗୋଟେ ଅନୁବାଦ ଗଳ୍ପ

ମୂଳହିନ୍ଦୀ- ଅଶୋକ ଭାଟିୟା

ଅନୁସୃଜନ- ବିନୟ କୁମାର ଦାସ

ସେହି ବସ୍‌ର ଡ୍ରାଇଭର ଥିଲା ସ୍ୱରୂପ ସିଂ । ବସ୍ ରେ ଥିବା ଯାତ୍ରୀମାନେ ଭାବୁଥିଲେ ଯେ ଭିଡ ରାସ୍ତା ଟପି ଯିବା ପରେ ବସ୍‌ର ସ୍ପୀଡ୍ ନିଶ୍ଚିତ ଭାବରେ ବଢିଯିବ । ହେଲେ କାହିଁ ? ସେମିତି ତ କିଛି ବି ହେଲା ନାହିଁ । ସେଇମିତି ମନ୍ଥର ଗତିରେ ଚାଲୁଥିଲା ବସ୍ । ପୂର୍ବ ଦିନମାନଙ୍କ ପରି ତା ହାତ ଆଜି ଶକ୍ତ ନଥିଲା । ଖୁବ୍ ଢିଲାଢିଲା ଜଣା ପଡୁଥିଲା । ସତେ ଯେମିତି ତାର ହୃଦୟ ଆଜି ତରଳି ଯାଉଛି । କେତେବେଳେ ସେ ବସ୍‌କୁ ଦେଖୁଥିଲା ତ କେତେବେଳେ ବସ୍‌ରେ ବସିଥିବା ଯାତ୍ରୀମାନଙ୍କୁ । ତା ଚାହାଣୀରେ ଆଜି ବିକଳତାଭାବ ଫୁଟି ଉଠୁଥିଲା । ବେଳେବେଳେ ରାସ୍ତାର ଦୁଇ ପାଖରେ ଥିବା ଗଛମାନଙ୍କୁ ବି ସ୍ନେହଭରା ଦୃଷ୍ଟିରେ ଦେଖୁଥିଲା । ସତେ ଯେମିତି ଆଜି ସବୁଥିରେ କିଛି ଖାସ୍ କଥା ରହିଚି । ଏମିତି ନାନା ପ୍ରକାରର ବ୍ୟତିକ୍ରମ ଆଜି କାହିଁକି ହେଉଚି ସେତକ ତା ବ୍ୟତୀତ ଆଉ କେହି ଜାଣିବା ଅସମ୍ଭବ ଥିଲା । ତେବେ ସେ ଯାହା ହେଉନା କାହିଁକି, ବସ୍‌ର ଏହି ମନ୍ଥର ଗତିକୁ ଯାତ୍ରୀମାନେ ସହ୍ୟ କରି ପାରୁ ନଥିଲେ । ସେମାନେ କ୍ରମଶଃ ଅତିଷ୍ଠ ହୋଇ ପଡୁଥିଲେ ।

'ଓ ଡ୍ରାଇଭରବାବୁ, ସ୍ପୀଡ୍ ଟିକେ ବଢାଅ । ଆମକୁ ଜଲଦି ପହଂଚିବାର ଅଛି ।' ଜଣେ ଯାତ୍ରୀ କହିଲା । ତହୁଁ ଅନ୍ୟମାନେ ବି ତାକୁ ସମର୍ଥନ କଲେ । ଡ୍ରାଇଭର କହିଲା, 'ଜାଣିଚ, ଆଜି ଯାଏ ମୋ ବସ୍ ରେ ଆଦୌ ଆକ୍ସିଡେଂଟ୍ ହୋଇନି ।' ଏକଥା ଶୁଣି ଯାତ୍ରୀମାନେ ଆହୁରି ବିରକ୍ତ ହୋଇଉଠିଲେ । ଜଣେ ବେଶ୍ ଚଢାଗଳାରେ କହିଲା, 'ଆମକୁ ସେଗୁଡା ଶୁଣାଇବା ଦରକାର ନାହିଁ । ଆମେ ଏ ବସ୍ ରେ ପିକନିକ୍ କରିବା ପାଇଁ ଯାଉନୁ, ଦରକାରୀ କାମ ଅଛି ଆମର । ଏମିତି କୋଡିଏ ତିରିଶରେ ଚାଲିଲେ ଆମେ ଆମ ଗନ୍ତବ୍ୟ ସ୍ଥଳରେ ପହଂଚିବୁ କେତେବେଳେ ?'

ସ୍ୱରୂପ ସିଂ କିଛି କହିଲା ନାହିଁ । ଚେଷ୍ଟା କରି ବି ସେ ଆଜି ସ୍ପୀଡ୍ ବଢାଇ ପାରୁନି । ବସ୍ ଭିତରେ ଚାପା ଗୁଞ୍ଜରଣ ଶୁଣାଗଲା । କ୍ରମେ ତାହା ହା ହୋଲ୍ଲାରେ ପରିଣତ ହେବାକୁ ଲାଗିଲା । ବାଧ୍ୟ ହୋଇ ସ୍ୱରୂପ ସିଂ ବସ୍‌କୁ ଛିଡା କରାଇ ଦେଲା । ସେମିତି ତା ସିଟ୍‌ରେ ବସି ପଛକୁ ଫେରି ଚାହିଁଲା ଯାତ୍ରୀମାନଙ୍କୁ । କହିଲା, 'କଥା କଣ କି, ଏଇ ରାସ୍ତା ସହିତ ମୋର ଦୀର୍ଘ ତିରିଶ ବର୍ଷର ସଂପର୍କ । ଆଜି ଶେଷଥର ପାଇଁ ମୁଁ ଏ ରାସ୍ତାରେ ବସ୍ ଚଳାଉଛି । ମୁକାମ୍ ଜାଗାରେ ପହଂଚିଲା ପରେ ମୁଁ ରିଟାୟର୍ଡ ହୋଇଯିବି । ତେଣୁ ...।'


♥ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩


## ଗୋଟେ ଅଣୁ ଗଳ୍ପ

# ପ୍ରେମର ମଣିଷ



ସୁନନ୍ଦା ମହାନ୍ତି

ବୋଉ ସବୁବେଳେ ବାପାଙ୍କ ଉପରେ ଚିଡି ଚିଡି ହୁଏ, କାରଣ ଅବସର ପରେ, ପିଲାମାନଙ୍କ ଉପରେ ବୋଝ ନହୋଇ ନିଜ ପେନସନ ଗଣ୍ଡାକରେ ନିଜ ହାତ ଗୋଡ଼ ଚାଲିଲା ପର୍ଯ୍ୟନ୍ତ ଚଳିଯିବାକୁ ବୋଉର ଇଚ୍ଛା, ହେଲେ ବାପା ଏବେ ଭକ୍ତି ପୁଷ୍ପ ଭଜନ ମାଳା ବୋଲି ବହିଟିଏର ପ୍ରଥମ, ଦ୍ୱିତୀୟ, ତୃତୀୟ ଭାଗ ପ୍ରକାଶିତ କରି ଚତୁର୍ଥ ସଂସ୍କରଣ ପାଇଁ ଲେଖି ଚାଲିଛନ୍ତି, ସେଥିରେ ଅବଶ୍ୟ ବୋଉର ସଦିଚ୍ଛା ଅଛି, କିନ୍ତୁ ନିଜ ସହରର ବହୁ ଅନୁଷ୍ଠାନରେ କୋଉଥିରେ ସଭାପତି, କୋଉଥିରେ ସମ୍ପାଦକ କୋଉଥିରେ କୋଷାଧକ୍ଷ ତ କୋଉଥିରେ ସଭ୍ୟ ହେବା ଦ୍ୱାରା ମାସିକ, ତ୍ରୟମାସିକ ତଥା ବାର୍ଷିକ ଚାନ୍ଦା ଦେବା ନେଇ ବୋଉର ଆପତ୍ତି, କ୍ରମେ ଆମ ଭାଇ ଭଉଣୀଙ୍କୁ ସଂକ୍ରମିତ କରେ, ଆଉ ବୋଉ ସହ ତାଳ ମିଳାଇ ବାପାଙ୍କ ଅଯଥା ଖରଚ ପାଇଁ ବାପାଙ୍କୁ ଦୋଷୀ ମଣୁ ।

ଭାଗ୍ୟର ଘୋର ବିପର୍ଯ୍ୟୟ ବଶତଃ ବାପା ଚାଲିଗଲେ, ଭକ୍ତି ପୁଷ୍ପ ଭଜନ ମାଳାର, ଚତୁର୍ଥ ସଂସ୍କରଣ ପୁର୍ବରୁ ବୋଉ ଭାଙ୍ଗି ପଡିଲା । ମୁଁ ସାଙ୍ଗରେ କିଛି ଦିନ ପାଇଁ ମୋ ପାଖକୁ ନେଇଆସିଥାଏ ବୋଉକୁ ସେଦିନ ଆମ ଘରେ ଛୋଟ କାଟିଆ ବସନ୍ତ ସାହିତ୍ୟ ଆସରରେ, ଯୋଗ ଦେଇଥାନ୍ତି ମୋ ବାପାଙ୍କ ଜନ୍ମିତ ତଥା ମୋ ସହର ପୁରୀର ବହୁ ବିଶଷ୍ଟ ପ୍ରତିଭା, ଯେଉଁମାନେ ବାପାଙ୍କୁ ଜାଣିଥାନ୍ତି, ଆଉ ମୋ ପିତୃ ପରିଚୟ ପାଇ, ବାପାଙ୍କର ବିଭିନ୍ନ ଅନୁଷ୍ଠାନ ସହ ସୁସମ୍ପର୍କ ତଥା ଆର୍ଥିକ ଅବଦାନର କଥା କହୁଥିଲେ ପ୍ରତ୍ୟେକ, ସେମାନଙ୍କ ବକ୍ତୃତାର ପ୍ରାରମ୍ଭରେ, ମୋ ଘରକୁ କିଛି ଦିନ ପାଇଁ ବୁଲିବାକୁ ଆସିଥିବା ମୋ ବୋଉ କାନରେ ସବୁ ପଡିଥିଲା ।

ତା ପରଠୁ ବୋଉ ଗୁମସୁମ ରହୁଥିଲା ଆଉ ମୁଁ ଯେବେ ଛୋଟ ମୋଟ କଥାରେ ମୋ ସ୍ୱାମୀଙ୍କୁ ଦୋଷ ଦେଇ ଚିଡି ଯାଉଥିଲି, ବୋଉ ପାଟି ଖୋଲି ମତେ କହିଥିଲା, 'ଜୋଇଁଙ୍କୁ କିଛି କହନା ଝିଅ, ସେ ହିଁ ତୋର ଏକମାତ୍ର ସାହା, ଭରସା, ବନ୍ଧୁ ତଥା ଜୀବନର ପ୍ରତିଟି ସନ୍ଧିକ୍ଷଣ ମୁହୂର୍ତ୍ତର ସାଥି, ଯିଏ କି ତୋ ସପକ୍ଷରେ ପଦେ କହିବ, ତୋ ମନ ହୃଦୟ ହାଲକା କର' କହିବା ସହ ବୋଉ ତା ଦୁଇ ଆଖିରୁ ଗଡି ଆସୁଥିବା ଦୁଇଧାର ଲୁହକୁ ପୋଛି ନେଉଥିଲା, ମୋ ଅଜଣାତରେ । ଆଉ ସେଦିନ ବି ମୁଁ ବୁଝିପାରିଥିଲି, ସ୍ୱାମୀ ହିଁ ପ୍ରକୃତରେ ସ୍ତ୍ରୀର ସବୁଠାରୁ ପ୍ରେମର ମଣିଷ ।


♥ ସାକ୍ଷୀଗୋପାଳ, ପୁରୀ
(ମୋ) ୭୦୦୮୯୪୨୨୧୫

## ଆଲୋଚନା

# ସାହିତ୍ୟ ଓ ଚିତ୍ରକଳା



ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ଓ ଚିତ୍ରକଳାର ସମ୍ପର୍କ କି ନିବିଡ଼ ତାହା ବୁଝାଇବାର ଆବଶ୍ୟକତା ନଥାଏ । ଉଭୟ କଳାର ମହତ୍ ଉଦ୍ଦେଶ୍ୟ ମଧ୍ୟ ହେଉଛି ସମାନ । ବିଶ୍ୱକବି ରବୀନ୍ଦ୍ରନାଥ ଚିତ୍ରକଳାକୁ କବିତାର ଆଉ ଏକ ପ୍ରଭାବଶାଳୀ ରୂପ ବୋଲି ବ୍ୟକ୍ତ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ୱୟଂକବି ରବୀନ୍ଦ୍ରନାଥ ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ ଜଣେ ସଫଳ ଚିତ୍ରଶିଳ୍ପୀରେ ପରିଣତ ହୋଇଯାଇଥିଲେ । ତାଙ୍କ ସୃଷ୍ଟିଶୀଳ ହସ୍ତରୁ ଚିତ୍ରାଙ୍କନ ବୈଚିତ୍ର୍ୟ ଆମକୁ ମୁଗ୍ଧ କରିଦିଏ । ଏଠାରେ ଏକଥା ମଧ୍ୟ କହିରଖିବା ଆବଶ୍ୟକ ଯେ, ରବୀନ୍ଦ୍ରନାଥ ଯେତେବେଳେ ଲେଖନ୍ତି କବିତା, ଯେଉଁ ଅଂଶଗୁଡ଼ିକ ସଂଶୋଧନର ଆବଶ୍ୟକତା ପଡ଼େ ସେସବୁ ଶବ୍ଦକୁ କଲମର କାଳିରେ ସେ ରୂପାୟିତ କରିଦିଅନ୍ତି ଏକ ଏକ ବିଚିତ୍ର ଚିତ୍ରରେ । ଅର୍ଥାତ୍ କବିତାଟି ସଂପୂର୍ଣ୍ଣ ନିର୍ଭୁଲ ଭାବରେ ପଢ଼ିହେବା ସଂଗେ ସଂଗେ ଚିତ୍ରର ଭିନ୍ନ ସୌନ୍ଦର୍ଯ୍ୟରେ ମଧ୍ୟ ଦର୍ଶକ ଚିତ୍ତ ଏକ ବିଶେଷ କଳା ନୈପୁଣ୍ୟର ସୌନ୍ଦର୍ଯ୍ୟ ଦର୍ଶନ କରିପାରେ । ଏ ଦୃଷ୍ଟିରୁ ରବୀନ୍ଦ୍ରଙ୍କ ପାଣ୍ଡୁଲିପିର ପୃଷ୍ଠାଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ । ରବୀନ୍ଦ୍ରନାଥଙ୍କ ସୁପୁତ୍ର ରଥୀନ୍ଦ୍ରନାଥ ଉତ୍ତରାଧୀକାରୀ ସୂତ୍ରରେ ଲାଭ କରିଥିଲେ ଏହି ଚିତ୍ରକଳାର ଦକ୍ଷତା ।

ପୃଥିବୀର ମହାନ ଚିତ୍ରଶିଳ୍ପୀମାନେ ଯେପରି ଭାବରେ ରଂଗ ଓ ତୂଳୀ ସାହାଯ୍ୟରେ ଆପଣାର ଭାବନାକୁ ବ୍ୟକ୍ତ କରିଛନ୍ତି ତାହା ବହୁ ଦୃଷ୍ଟିରୁ ଅର୍ଥପୂର୍ଣ୍ଣ । ଲିଓନାର୍ଦୋ ଡାଭିନ୍‌ସଙ୍କ ନାମ ସହିତ କିଏ ବା ପରିଚିତ ନୁହେଁ ? ତାଙ୍କର ଶ୍ରେଷ୍ଠ କୃତି ହେଉଛି 'ମୋନାଲିସା' । ମୋନାଲିସା ନାମ୍ନୀ ତରୁଣୀ ଓଠ ଓ ଆଖିରେ ସେ ଯେଉଁ ସ୍ମିତ ହାସ୍ୟର ରେଖା ଅଂକନ କରିଛନ୍ତି ତାହାକୁ ନେଇ ଏପର୍ଯ୍ୟନ୍ତ କଳା-ଚର୍ଚ୍ଚା ରହିଛି ଅବ୍ୟାହତ ହୋଇ । 'ମୋନାଲିସା' କିଏ ? ଏହାର ଯଥାର୍ଥ ଉତ୍ତର ସନ୍ଧାନ ସକାଶେ ଚିତ୍ର-ସମୀକ୍ଷକମାନେ ଯେଉଁ ଆନ୍ତରିକ ପ୍ରୟାସ କରିଛନ୍ତି ଓ କରୁଛନ୍ତି ତାହା ଅନ୍ତଃହୀନ । ପୁନଶ୍ଚ ମୋନାଲିସାର ହାସ୍ୟରେଖାରେ କି ଭାବ ଅନ୍ତର୍ଗୁମ୍ଫିତ ତାହାର ବ୍ୟାଖ୍ୟା ମଧ୍ୟ ଭିନ୍ନ ଭିନ୍ନ ଭାବରେ କରାଯାଇଛି । ଏ ସମୀକ୍ଷାର ଏକ ଶୀର୍ଷ ସୋପାନରେ ଉପନୀତ ହୋଇ ଏକାଧିକ ବ୍ୟାଖ୍ୟାକାର ଏହି ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିଥିଲେ ଯେ- ଏହା ଅନ୍ୟ କାହାର ନୁହେଁ ଏହା ହେଉଛି ସ୍ୱୟଂ ଲିଓନାଡୋ ଡାଭିନ୍‌ସଙ୍କର ନାରୀ-ରୂପ । ଲିଓନାଡୋ ଡାଭିନ୍‌ସଙ୍କୁ ଏକ ଚିତ୍ର ସହିତ ମିଳାଇ ଦେଖିଲେ ଅନୁଭବ କରିହୁଏ ଯେ ଏହା ତାଙ୍କରି ହିଁ ପ୍ରତିରୂପ ପୃଥିବୀର ଚିତ୍ର ଦର୍ଶକମାନଙ୍କୁ ଏହା ବିସ୍ମିତ କରିଦେଇଥିଲା ।

ସାହିତ୍ୟ କ୍ଷେତ୍ରରେ ଆମେ ଦେଖିବା ଯେ କବି ଲେଖକବୃନ୍ଦ ଅନେକ ସମୟରେ ନାୟିକାର ଭାବାବେଗ ଚିତ୍ରଣ କଲାବେଳେ ନିଜକୁ ହିଁ ପ୍ରକଟ କରିଦେଇଛନ୍ତି । ବିଶେଷତଃ ଗୌଡୀୟ ବୈଷ୍ଣବ ସାହିତ୍ୟରେ ଏହାର ସୌନ୍ଦର୍ଯ୍ୟ ପାଠକବୃନ୍ଦ ଲାଭ କରିପାରନ୍ତି । ଓଡ଼ିଆ ସାହିତ୍ୟର ଇତିହାସ ଲେଖକ ଡ.ମାୟାଧର ମାନସିଂହ ଗୋପାଳକୃଷ୍ଣଙ୍କ କବିତାବଳୀର ସମୀକ୍ଷା କରିବାକୁ ଯିବାବେଳେ ଶ୍ରୀରାଧାଙ୍କ ଆବେଗାନୁଭୂତି ଗୋପାଳକୃଷ୍ଣଙ୍କ ନିଜସ୍ୱ ବୋଲି ପ୍ରତିପାଦନ କରିଛନ୍ତି । ବିଦଗ୍ଧ ଚିନ୍ତାମଣିର ସ୍ରଷ୍ଟା ଅଭିମନ୍ୟୁ ସାମନ୍ତସିଂହାର ତ ସିଧାସଳଖ କହନ୍ତି 'ଓ କରିବି ଆଲୋ ଦାସୀ ଡାକିଲେ କିଶୋରୀ ।' ସେହିପରି ଆଧୁନିକ ଯୁଗର ବିଭିନ୍ନ ଉପନ୍ୟାସରେ ମଧ୍ୟ ନାୟିକାର ରୂପ ଓ ଅନୁଭବ ମଧ୍ୟ ଦେଇ ଔପନ୍ୟାସିକ ନିଜ ନାରୀତ୍ୱର ପରିପ୍ରକାଶ ଘଟାଇଛନ୍ତି । ମହାପାତ୍ର ନୀଳମଣି ସାହୁ ଯେତେବେଳେ ଲେଖିଲେ, 'ନିବେଦିତାର ନୈଶାଭିସାର' ସେତେବେଳେ ଜଣେ ବିଦଗ୍ଧ ପାଠକ ସ୍ୱଷ୍ଟଭାବରେ ଲେଖକଙ୍କ ଉଦ୍ଦେଶ୍ୟରେ ରଚିତ ପତ୍ରରେ ଲେଖିଥିଲେ 'ଏ ନିବେଦିତା ଅନ୍ୟ କେହି ନୁହନ୍ତି, ଆପଣ ସ୍ୱୟଂ ନିଜେ ।' କେବଳ ନାରୀ ଚିତ୍ରଣ ସମୟରେ ନୁହେଁ ପ୍ରତ୍ୟେକ ଚରିତ୍ର ଭିତରେ ଲେଖକୀୟ ବ୍ୟକ୍ତିତ୍ୱର ପ୍ରତିଫଳନକୁ ଆମେ ପ୍ରତ୍ୟକ୍ଷ କରିପାରିବା । ଚିତ୍ରକର ମାତ୍ରକେ ହେଉଛନ୍ତି ପ୍ରକୃତି-ପ୍ରିୟ । ଏ ପୃଥିବୀରେ ଯେତେ ଚିତ୍ର ଅଂକନ କରାଯାଇଛି, ଯଦି ସେସବୁର ଏକ ସାମଗ୍ରିକ ସମୀକ୍ଷା ସମ୍ଭବ ହୁଏ, ତା' ହେଲେ ଦେଖିବାକୁ ମିଳିବ ଯେ ପ୍ରକୃତି ସମ୍ବନ୍ଧୀତ ଚିତ୍ରର ଆଧିକ୍ୟ କେତେ ରହିଛି । ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ସୁନୀଳ ଆକାଶ, ଗୋଧୂଳୀ ଲଗ୍ନ ନାନା ରଂଗର ଫୁଲର ପ୍ରସ୍ଫୁଟନ, ବିଚିତ୍ରବର୍ଣ୍ଣା ପ୍ରଜାପତି, ବିଭିନ୍ନ ରୂପ ରଂଗର ପକ୍ଷୀକୂଳ, ନଦୀ, ସମୁଦ୍ର, ହ୍ରଦ, ପାହାଡ଼ ଏସବୁକୁ କାବ୍ୟ ଶିଳ୍ପୀମାନେ ଯେପରି ପ୍ରାଣବନ୍ତ ଅଭିବ୍ୟକ୍ତି ଦେଇଛନ୍ତି, ଚିତ୍ରଶିଳ୍ପୀମାନଙ୍କ ପ୍ରକୃତି ଅନୁରାଗ ସହିତ ତାହା ଏକାନ୍ତ ତୁଳନୀୟ । ବିଭିନ୍ନ ପୌରାଣିକ ଐତିହାସିକ ଚରିତ୍ର ତଥା ପ୍ରାଚୀନ ସଂସ୍କୃତି ମଧ୍ୟ ଉଭୟ ଚିତ୍ରକଳା ଓ ସାହିତ୍ୟର ଏକ ମୁଖ୍ୟ ପ୍ରସଙ୍ଗ । କଟକରେ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହେବା ବେଳେ କବିବର ରାଧାନାଥ ରାୟ ଗଙ୍ଗାଧରଙ୍କୁ ପରିଚିତ କରିଦେବାବେଳେ କହିଥିଲେ 'ଗଙ୍ଗାଧର ହେଉଛନ୍ତି ଉତ୍କଳର ରବିବର୍ମା ।' ରବିବର୍ମା ଭାରତର ଜଣେ ପୃଥିବୀ ପ୍ରସିଦ୍ଧ ଚିତ୍ରକର, ଯାହାଙ୍କ କୃତି ସମୂହରେ ଭାରତୀୟ ସଂସ୍କୃତି ସହିତ ପ୍ରକୃତିର ଜୀବନ୍ତ ଆଲେଖ୍ୟ ଅଂକିତ ହୋଇଛି । ସେ ଦୃଷ୍ଟିରୁ ଗଂଗାଧରଙ୍କୁ ତାଙ୍କ ଭଳି ଉଚ୍ଚତମ ସୋପାନର ଶିଳ୍ପୀଙ୍କ ସହିତ ଗଂଗାଧରଙ୍କ ତୁଳନା କରିବା କବିବର ରାଧାନାଥ ରାୟଙ୍କ ଅନ୍ତର୍ଦୃଷ୍ଟିର ପରିଚାୟକ ।

ଦେଖାଯାଏ, ଯେଉଁ ଚିତ୍ରଶିଳ୍ପୀମାନେ କଳ୍ପନାର ଆଶ୍ରୟ ନେଇ ଚିତ୍ରଅଂକନ କରିଥାନ୍ତି ଓ ଯେଉଁମାନେ ବାସ୍ତବ ଜଗତର ଚରିତ୍ରମାନଙ୍କୁ ପ୍ରତ୍ୟକ୍ଷ କରି ଚିତ୍ରାଙ୍କନ କରନ୍ତି ଉଭୟଙ୍କ ପ୍ରତିଭାର ନିଦର୍ଶନ ବଳିଷ୍ଠ ଭାବରେ ପ୍ରତିପାଦିତ ହୋଇଥାଏ । ସେହିପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ବାସ୍ତବବାଦୀ, ଆଦର୍ଶବାଦୀ ଓ କଳ୍ପନାବିଳାସୀ ସାହିତ୍ୟ ସ୍ରଷ୍ଟାଙ୍କ ପ୍ରତିଭାର ପରିଚୟ ଏକାନ୍ତ ସୁଲଭ ।

ଅନେକ ସାହିତ୍ୟ ପୁସ୍ତକ ଚିତ୍ର ସମ୍ବଳିତ ଭାବରେ ପ୍ରକାଶିତ ହୁଏ। ସେହିପରି ପତ୍ରପତ୍ରିକାଗୁଡ଼ିକ ମଧ୍ୟ । ଏହା ଦ୍ୱାରା ପାଠକମନରେ ବର୍ଣ୍ଣିତ ବିଷୟର ଏକ ଜୀବନ୍ତ ଚିତ୍ର ସଂସ୍ଥାପନ କରିଦେବା ହେଉଛି ଅସଲ ଉଦ୍ଦେଶ୍ୟ । ସେହିପରି ପୁସ୍ତକ ଓ ପତ୍ରପତ୍ରିକାଗୁଡ଼ିକ ମଲାଟ ଆକର୍ଷଣୀୟ କେବେକେବେ ସାଂକେତିକ ଭାବବହନକ୍ଷମ ଚିତ୍ରଦ୍ୱାରା ଦୃଷ୍ଟି ଆକର୍ଷଣକାରୀ ହୋଇଥିବା ଲକ୍ଷ୍ୟ କରାଯାଏ । ସତ୍ୟ କହିବାକୁ ଗଲେ ଏହି ଚିତ୍ରିତ ମଲାଟ ହିଁ ଯେକୌଣସି ପୁସ୍ତକ ସଂପର୍କରେ ଏକ ପ୍ରଭାବଶାଳୀ ଭାବସଞ୍ଚାର କରିପାରେ ଦର୍ଶକମନରେ । ଅପର ପକ୍ଷରେ ଅତି ଉଚ୍ଚ ଭାବସମ୍ପନ୍ନ ପୁସ୍ତକ ହୋଇଥିଲେ ମଧ୍ୟ ଯାହାର ମଲାଟରେ ସୌନ୍ଦର୍ଯ୍ୟ ଓ ପରିପକ୍ୱତାର ପରିଚୟ ପରିଦୃଶ୍ୟ ହୁଏନାହିଁ, ତାହା ପ୍ରଭାବହୀନ ହୋଇପଡ଼େ ।

ସାହିତ୍ୟକୁ ପାଠକମାନଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ କରାଇବା ନିର୍ଭର କରେ ଏହି ଚିତ୍ର ସଜ୍ଜୀକରଣ । ଆଜି ନୁହେଁ ଶତଶତ ବର୍ଷ ତଳେ ମଧ୍ୟ ଉଚ୍ଚକୋଟୀର ପୁସ୍ତକଗୁଡ଼ିକରେ ସୁନ୍ଦର ଓ ମନଲୋଭା ଚିତ୍ରାଙ୍କନ ଆବିଷ୍କାର କଲେ ହୃଦୟରେ ଅପୂର୍ବ ଆନନ୍ଦ ଭରିଯାଏ । ଗଂଗାଧର ମେହେରଙ୍କ 'ପ୍ରଣୟବଲ୍ଲରୀ' କାବ୍ୟଟି ଯେତେବେଳେ ପ୍ରଥମେ ପ୍ରକାଶିତ ହେଲା, ସେତେବେଳେ ଦୁଷ୍ମନ୍ତ ଶକୁନ୍ତଳା, ଅନସୂୟା, ପ୍ରିୟମ୍ବଦା, କଣ୍ୱଋଷି ପ୍ରଭୃତିଙ୍କ ରଂଗୀନ ଚିତ୍ର ସ୍ଥାନିତ ହୋଇଥିଲା । ଏହି କିଛିବର୍ଷ ତଳେ ଜୟନ୍ତ କୁମାର ମେହେର 'ତପସ୍ୱିନୀ' ଓ 'ପ୍ରଣୟ ବଲ୍ଲରୀ'କୁ ନେଇ ଯେଉଁ ନୂତନ ଶୈଳୀର ଚିତ୍ର ଅଂକନ କରିଥିଲେ ତାହା ଓଡ଼ିଶାର ସୁଧୀ ସମାଜଙ୍କ ନିମିତ୍ତ ଆଣି ଦେଇଥିଲା ଏକ ନାନ୍ଦନିକ ଆନନ୍ଦ । ଦୁର୍ଭାଗ୍ୟର କଥା ଯେ ସେହି ତରୁଣ ଚିତ୍ରକର ଅଳ୍ପ ବୟସରେ ପ୍ରାଣତ୍ୟାଗ କରିଛନ୍ତି । ତେବେ ଯାହା ହେଉ ତାଙ୍କ ଅଙ୍କିତ ଚିତ୍ରସବୁ ସଂରକ୍ଷିତ ହୋଇ ରହିଛି ।

ଅନେକ ବିଶିଷ୍ଟ ଚିତ୍ରକର ଚିତ୍ରାଙ୍କନରେ ଅତ୍ୟାଧୁନିକ ଅର୍ଥପ୍ରକାଶ କରିବା ପାଇଁ ଯେପରି ବିକଳତା ପ୍ରଦର୍ଶନ କରିଛନ୍ତି ତାହାକୁ ପାଠକମାନେ ସକାରାତ୍ମକ ଦୃଷ୍ଟିରେ ଦେଖିପାରିନାହାନ୍ତି । ତେଣୁ ଆଧୁନିକ କବିତା ପରି, ଆଧୁନିକ ଚିତ୍ରାବଳୀ ଅତ୍ୟଧିକ ସାଂକେତିକ, ଅବୋଧ ଓ ଆତ୍ମକୈନ୍ଦ୍ରୀକ ନହେବା ପାଇଁ ଚିତ୍ରକର ବୃନ୍ଦଙ୍କ ସଚେତନତା ଆଦି ଅତ୍ୟନ୍ତ ଜରୁରୀ । ରବୀନ୍ଦ୍ରନାଥ କବି, ତେଣୁ ତାଙ୍କ ଗଦ୍ୟରେ ଯେପରି କବିତ୍ୱର ଛନ୍ଦ ଓ ସାଂଗୀତିକତା ଫୁଟିଉଠିଛି ସେହିପରି ମଧ୍ୟ ସେହି ଭାବୋଚ୍ଛଳ ସଂଗୀତର ମୂର୍ଚ୍ଛନା ତାଙ୍କ ଚିତ୍ର ସମୂହ ଗୁମ୍ଫିତ ।

ପୃଥିବୀର ମହାନ ଚିତ୍ରଶିଳ୍ପୀ ଓ ଲେଖକମାନଙ୍କ ମଧ୍ୟରେ ଯେଉଁ ସୌନ୍ଦର୍ଯ୍ୟବୋଧ ଓ ଅଂଗୀକାରବଦ୍ଧତା ପରିଦୃଷ୍ଟି ହୁଏ ତାହା ହେଉଛି କଳାଜଗତର ଶ୍ରେଷ୍ଠ ପ୍ରେରଣା । ସାହିତ୍ୟ ନାମରେ ଅସାହିତ୍ୟ ସୃଷ୍ଟି କରିବା ଓ ଚିତ୍ରାଙ୍କନ ଦ୍ୱାରା ନଗ୍ନତା ଓ ଅଶ୍ଳୀଳତା ପ୍ରତି ସେହିପରି ସଂସ୍ଥା ଲୋକପ୍ରିୟତା ଅଥବା ଚର୍ଚ୍ଚିତ ହେବା ନିଶାରେ କବଳିତ ହେବା ଉଭୟ ଲେଖକ ଓ ଚିତ୍ରକର ମାନଙ୍କ ନିମନ୍ତେ କୌଣସି ଦୃଷ୍ଟିରୁ ଶୁଭଙ୍କର ହୋଇନପାରେ । ସେମାନେ ଚେତନା ଜଗତର ମହତ୍ତ୍ୱର ସ୍ପନ୍ଦନ ପ୍ରତି ଯେତିକି ଉନ୍ମୁଖ ହୋଇରହିବେ ସେତିକି ତାଙ୍କର ସୃଷ୍ଟି ଦିବ୍ୟ ଭାବ ସଞ୍ଚରଣଶୀଳ ହୋଇପାରିବ । ଯେଉଁ ଲେଖକମାନେ ମହାପୁରୁଷମାନଙ୍କ ଚିତ୍ରାଙ୍କନ କରନ୍ତି ସେମାନେ ତାଙ୍କର ଜୀବନୀ ପୁସ୍ତକ ନିବିଷ୍ଟ ଚିତ୍ତରେ ଅଧ୍ୟୟନ କରିନପାରିଲେ ମହାପୁରୁଷଙ୍କ ଆତ୍ମାର ମହନୀୟତାକୁ ଉଦ୍‌ଭାସିତ କରିଦେଇ ପାରିବେ ନାହିଁ । ସେହିପରି ଲେଖକମାନେ ମଧ୍ୟ ଯେତେବେଳେ ଜୀବନୀ ରଚନା କରୁଛନ୍ତି, ସେତେବେଳେ ସେଭଳି ପ୍ରେରଣାପୂର୍ଣ୍ଣ ଗ୍ରନ୍ଥାଧ୍ୟୟନର ଜ୍ୟୋତି ବିଚ୍ଛୁରିତ ହୋଇଥାଏ । ଅନେକ ବିଶିଷ୍ଟ ଚିତ୍ରଶିଳ୍ପୀ ଅଲୌକିକ ଭାବରେ ଏହା ଅନୁଭବ କରିଥାନ୍ତି ଯେ ସ୍ୱୟଂ ମହାପୁରୁଷମାନଙ୍କ ଦିବ୍ୟସତ୍ତା ତାଙ୍କ ତୂଳୀ ଓ ରଂଗ ଦ୍ୱାରା ରୂପାୟିତ ହେବାକୁ ନ ଚାହିଁଲେ କୌଣସି ଶିଳ୍ପୀ ସେହି ସର୍ବମାନ୍ୟ ପ୍ରତିଭାର ନିର୍ମଳ ରୂପକୁ କେବେହେଲେ ଅଂକିତ କରି ପାରିବା ସମ୍ଭବ ହୋଇନପାରେ । ଠିକ୍ ସେହିପରି ଶ୍ରେଷ୍ଠ ଲେଖକମାନେ ଯେତେବେଳେ ଜୀବନୀ ରଚନା କରିବା ପରି ମହତ୍ କାର୍ଯ୍ୟରେ ନିୟୋଜିତ, ସେତେବେଳେ ସେହି ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ସମର୍ପିତ । ବଂଗଳା ସାହିତ୍ୟରେ ଅଚିନ୍ତ୍ୟ ସେନ୍ କୁମାର ଗୁପ୍ତ ଯେତେବେଳେ ରାମକୃଷ୍ଣ ପରମହଂସଙ୍କ ବ୍ୟକ୍ତିତ୍ୱ ଦ୍ୱାରା ତୀବ୍ର ଭାବରେ ଆଲୋଡ଼ିତ, ସେତେବେଳେ ତାଙ୍କର ଚାରିଖଣ୍ଡ ଜୀବନୀ ପୁସ୍ତକ ଲାଭ କରିଛି ଅପୂର୍ବ ସଫଳତା । ତାଙ୍କ ଏ ପୁସ୍ତକ ରଚନା ପୂର୍ବର ସାହିତ୍ୟ ସାଧନା ଉପରେ ଆଲୋକପାତ କରି ବିଶିଷ୍ଟ ସମାଲୋଚକ ଦାଶରଥି ଦାସ କହିଛନ୍ତି ଯେ ଦେହବାଦୀ ଉପନ୍ୟାସ ରଚନା କରି ଇନ୍ଦ୍ରୀୟ ଲାଳସାକୁ ଚରିତାର୍ଥ କରୁଥିବା ଏ ଲେଖକ ସତେ ଯେପରି ରାମକୃଷ୍ଣ ପରମହଂସଙ୍କ ଜୀବନୀ ରଚନା କରି ତାହାର ପ୍ରକୃତ ପ୍ରାୟଶ୍ଚିତ କରିଛନ୍ତି । ବିଶ୍ୱ ପ୍ରସିଦ୍ଧ ଲେଖକ ରୋମାରୋଁଲା ରାମକୃଷ୍ଣ, ବିବେକାନନ୍ଦ ଓ ଗାନ୍ଧୀଙ୍କ ଜୀବନୀ ରଚନା କରିବା ବା ଲୁଇ ଫିସର ଗାନ୍ଧୀଙ୍କ ସହିତ ଅନେକ ଦିନ ବିତାଇବା ପରେ ଯେଭଳି ଗାନ୍ଧୀ ବ୍ୟକ୍ତିତ୍ୱକୁ ଜୀବନ୍ତ ରୂପାୟନ କରିପାରିଛନ୍ତି ତାହା ଏ ସ୍ଥଳରେ ଏକାନ୍ତ ସ୍ମରଣୀୟ ।

ଚିତ୍ର ହେଉ ବା ସାହିତ୍ୟ- ଉଭୟର ନିଶ୍ଚୟ ରହିଛି ଏକ ସାମାଜିକ ଅଂଗୀକାରବଦ୍ଧତା ଓ ମହତ୍ ଆଦର୍ଶ । ଏହି ପ୍ରକୃତ ଲକ୍ଷ୍ୟ-ବିଚ୍ୟୁତ ଚିତ୍ର ବା ସାହିତ୍ୟ କେବେହେଲେ କାହାର ଉପକାର ସାଧନ କରିପାରିବ ନାହିଁ । କଲ୍ୟାଣଧର୍ମୀ କଳା ଭାବରେ ଚିତ୍ରାଙ୍କନ ଓ ସାହିତ୍ୟର ମର୍ଯ୍ୟାଦା ଓ ଆକର୍ଷଣ ସର୍ବଦା ଅମ୍ଳାନ ଓ କାଳୋତ୍ତୀର୍ଣ୍ଣ ।

♥ ପ୍ରଫେସର ଓ ବିଭାଗମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
(ଓଡ଼ିଆ, ଇଂରାଜୀ ଉର୍ଦ୍ଦୁ)
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର-୮୯

## କଥା କିଂଚିତ୍



"ଧୂଳିମଳି ଯେତେ ହେଲେ ବି ଶବ୍ଦର ବି ଗୋଟେ ବାସ୍ନା ଥାଏ । କିନ୍ତୁ ସେ ବାସ୍ନାଟା କେମିତି, ପାଇଲା ଲୋକ ହିଁ ଜାଣେ । କହି ପାରେନି । ସେ ବାସ୍ନା ପାଇଁ ଆମେ ସବୁ ଏମିତି ଏଇଠି ଏକତ୍ରୀତ । ଭାବ ନୀରବ, ମୁକ୍ତାଠୁ ବି ଆହୁରି ଉଜ୍ଜ୍ୱଳ । ସବୁ ଘଟଣା, ସବୁ ସଂପର୍କ ଯେମିତି ମୋତେ ଲୋଡ଼ନ୍ତି ନାହିଁ, କିଛି ଆପଣେଇ ନିଅନ୍ତି ନିଜର ଭାବି । ଆଉ ସେ ନିଜର ଭାବିବା ଆଉ ନିଜେ ସେ ଭାବନା ଭିତରକୁ ପଶିବା କି କଷ୍ଟ ତାହା ଜାଣେ ଜଣେ ସଚେତନ ଶିଳ୍ପୀ । ଜଣକୁ ଛାଡ଼ିଦେଲେ ଆଉ ଅନ୍ୟ କିଏ ଅଛି କି ? ଆଉ ସିଏ ଜଣକ କିଏ ଯାହା ପାଇଁ ଏତେ ଲେଖାପଢ଼ା, ଏତେ କାଣ୍ଡକାରଖାନା, ଜନମ ଜନମର କବିତା ମହୋତ୍ସବ-ଶବ୍ଦହୋତ୍ର !

ଖୋଲା, ସ୍ୱଷ୍ଟ, ମୁକ୍ତ କିଛି ବି ନୁହେଁ ଏଠି । ତଥାପି ଅନ୍ଧାରକୁ ପିନ୍ଧାଉଥାଏ ପ୍ରସ୍ତକୁ ପ୍ରସ୍ତ ବସ୍ତ୍ର । ଆଉ ଆଲୁଅ ତା ଜାଗାରେ ଥାଏ ପୂର୍ବବତ୍ । କିଏ କହେ ଏଇଟା ମାଟିଟେଲେ ତ ଆଉ କିଏ କହେ ଏଇଟା ସୁନା, ଏଇଟା ବିଶ୍ୱବ୍ରହ୍ମାଣ୍ଡ । କିଏ କହେ ପୁଣି ମାୟା, ଆଉ କିଏ କହେ ଏଇଟା ସମସ୍ତ ସୌନ୍ଦର୍ଯ୍ୟର ସମାହାର । କିଏ କହେ ଏଇଟା କିଛି ନୁହଁ, ଆଉ କିଏ କହେ ଏଇଟା ଜୀବନ, ସଦା ଆର୍ଶୀବାଦରେ ପୂର୍ଣ୍ଣ । ପାରୁଛ ତ ଜିଣ । ଏତେସବୁ ସତ୍ତ୍ୱେ ପାଣି ପଡ଼େ, ପବନ ବହେ, ସକାଳ ହୁଏ ବୋଲି ଧରାଯାଏ । କିନ୍ତୁ ନିରୁତା ଶବ୍ଦ ସାଧକଟିଏ ଅନୁଭବ କରେ ସେମିତି କିଛି ହେଉନି । ହେଉଛି ଆଉ ଗୋଟେ । ଯାହା ହେଉଛି ତାହାକୁ ଶବ୍ଦରେ ପ୍ରକାଶ କରିବାକୁ ସତ୍ କବିଟିଏ ବ୍ୟଗ୍ର ହେଉଥାଏ । ପାରେ କି ? ରଥରୁ ଓହ୍ଲାଇବାକୁ ପଡ଼େ ତାକୁ ଅଧବାଟରେ ଅଧାଗଢ଼ା ସବୁକୁ ଛାଡ଼ିଛୁଡ଼ି ଦେଇ କୋଉଠି ନା କୋଉଠି । ହୋଇ ପାରିଲାନି କିଛି ବୋଲି ହୃଦୟ କାନ୍ଦୁଥାଏ ।"

- ଗଜାନନ ମିଶ୍ର
ତପୋବନ, ଟିଟିଲାଗଡ଼, ବଲାଙ୍ଗିର



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା

୧୫



ଦୀପକ ରଂଜନ ମିଶ୍ର

## ॥ ଭୋଜନ ବ୍ୟବସ୍ଥା ॥

ଆଣ୍ଡାମାନରେ ଭାରତର ବିଭିନ୍ନ ଅଞ୍ଚଳରୁ ବନ୍ଦୀମାନଙ୍କର ସମାଗମ ହେଉଥିବାରୁ ସେଠିକାର ଭୋଜନ ବ୍ୟବସ୍ଥା ଥିଲା ମିଶ୍ର ପଦ୍ଧତିର । ଗୋଟେ ଗିନା ଭାତ ଓ ଦୁଇପଟ ଗହମ ରୁଟି । ସାଧାରଣ ମଣିଷର ଜୀବନଧାରଣ ପାଇଁ ଏତିକି ଖାଦ୍ୟ ପର୍ଯ୍ୟାପ୍ତ । ଘଣାପେଲା କିମ୍ବା ଚକି ପେଷୁଥିବା ବନ୍ଦୀମାନଙ୍କୁ ତାଙ୍କର ପରିଶ୍ରମ ଅନୁଯାୟୀ ଅଧିକମାତ୍ରାରେ ଖାଦ୍ୟ ଦେବାପାଇଁ ନିର୍ଦ୍ଦେଶ ଥାଏ ଜେଲ୍ ନିୟମାବଳିରେ । କିନ୍ତୁ ଏସବୁ ଥିଲା କାଗଜ କଲମ ଭିତରେ ସୀମିତ । ନିର୍ଦ୍ଦେଶାନୁସାରେ ଖାଦ୍ୟ ପରଷିବା ଓ ତାହା ବନ୍ଦୀର ତୁଣ୍ଡକୁ ଯିବା ଭିତରେ କିନ୍ତୁ ଥାଏ ବହୁତ ଗୁଡ଼ିଏ ବାଧାବିଘ୍ନ । ବନ୍ଦୀମାନଙ୍କୁ କେତେବେଳେ ଅର୍ଦ୍ଧଭୁକ୍ତ ତ କେତେବେଳେ ଅଭୁକ୍ତ ହିଁ କାଳ କାଟିବାକୁ ପଡୁଥିଲା । ପଞ୍ଜାବୀ ଓ ଆଫ୍‌ଗାନୀ ମୁସଲମାନ୍‌ମାନେ ପ୍ରାୟତଃ ରୁଟି ପ୍ରିୟ । ସେମାନେ ମୋଟେ ଭାତ ଖାଆନ୍ତି ନାହିଁ । ଜେଲ୍‌ରେ ଏଇମାନଙ୍କୁ ହିଁ ବାଛି ବାଛି ଓ୍ୱାର୍ଡ଼ର ରୂପେ ନିଯୁକ୍ତି ଦିଆଯାଉଥିବାରୁ ସେମାନେ ଅନ୍ୟ ବନ୍ଦୀମାନଙ୍କଠାରୁ ଦାଦାବଟି ଅସୁଲ କଲାଭଳି ଦାଦାରୁଟି ଅସୁଲ କରୁଥିଲେ । ଜଣକା ସେମାନେ ପଚିଶ ତିରିଶ ପଟ ରୁଟି ଖାଉଥିବାରୁ ଅନେକ ବନ୍ଦୀଙ୍କୁ ମାତ୍ର ଗୋଟେ ଗିନା ଭାତ ଖାଇ ରହିବାକୁ ପଡୁଥିଲା । ଦାଦାରୁଟି ନଦେଲେ ଭୋଗ କରିବାକୁ ପଡୁଥିଲା ଯାବତୀୟ ନିର୍ଯ୍ୟାତନା । ଏଇ ମୁସଲମାନ ଓ୍ୱାର୍ଡ଼ରମାନେ ପ୍ରବଳ ହିନ୍ଦୁ ବିରୋଧୀ ହୋଇଥିବାରୁ ହିନ୍ଦୁବନ୍ଦୀମାନଙ୍କୁ ହିଁ ଖାଦ୍ୟାଭାବ ଜନିତ ଯନ୍ତ୍ରଣା ସହିବାକୁ ପଡୁଥିଲା । ଜମାଦାର ଓ ପେଟି ଅଫିସରମାନେ ଜେଲ ବାହାରେ ଥିବା ବସ୍ତିରେ ରହୁଥିବାରୁ ସେମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା ନଥିଲା । ରନ୍ଧାବଢ଼ା ଭଳି ବିରକ୍ତିକର କାମ କିଏ କରିବ ଭାବି ସେମାନେ ବି ଜେଲ ଭିତରେ ଖାଇବା କାମଟି ସାରିଦେବାକୁ ଉଚିତ୍ ମଣୁଥିଲେ । ସେମାନେ ବି ନିର୍ଭର କରୁଥିଲେ ଏଇ ବନ୍ଦୀମାନଙ୍କ ଖାଦ୍ୟ ଉପରେ । ଜଣେ ଖାଦ୍ୟ ପରଷି ଯାଉଥିବା ବେଳେ ଆଉ ଜଣେ ସେମାନଙ୍କ ପାଖରୁ ଆବଶ୍ୟକତାନୁଯାୟୀ ଖାଦ୍ୟ ଅସୁଲ କରି ନେଉଥାଏ । ସେଠିକାର ଜମାଦାରମାନଙ୍କ ମୁଖ୍ୟ ଥିଲା ମିର୍ଜାଖାନ୍, ପଠାଣ, ଆଫ୍‌ଗାନିସ୍ଥାନର ଲୋକ । ଖୁବ୍ ଦୁର୍ଦ୍ଦାନ୍ତ । 'ଛୋଟା ବାରୀ' ବା 'ଜୁନିୟର ବାରୀ' ନାଁରେ ସେ ଥିଲା ପ୍ରସିଦ୍ଧ ।

ବନ୍ଦୀମାନଙ୍କୁ ସପ୍ତାହକୁ ଥରେ କିମ୍ବା ଦୁଇଥର ଗୋଟେ ଗୋଟେ ଶଢ଼େଇ ଦହି ଖାଇବାକୁ ଦିଆଯାଉଥିଲା । ଦହି ପରଷାଯିବା ପରେ କିନ୍ତୁ ତାକୁ ଛୁଇଁବାର ବି ସୌଭାଗ୍ୟ ନଥାଏ ବନ୍ଦୀମାନଙ୍କର । ପାଣି ବୋହିବା ପାଇଁ ବ୍ୟବହୃତ ହେଉଥିବା ପାତ୍ରରେ ସେଇ ଦହି ବନ୍ଦୀମାନଙ୍କ ଠାରୁ ସଂଗ୍ରହ କରାଯାଏ ଓ୍ୱାର୍ଡ଼ର ତଥା ପେଟି ଅଫିସରଙ୍କ ପାଇଁ । ସେଦିନ ଆକଣ୍ଠ ଦଧିପାନକରି ସେମାନେ ତୃପ୍ତିଲାଭ କରନ୍ତି । ଥରେ ଜଣେ ହିନ୍ଦୁବନ୍ଦୀ ଦହି ପାଇବା ମାତ୍ରେ ତାକୁ କାହାକୁ ନଦେଇ ଚଟ୍‌କରି ଭାତରେ ଗୋଳାଇ ଦିଏ । ଛାର ବନ୍ଦୀଟାର ଏଭଳି ଚାଲାକି ଦେଖି ନିଆଁବାଣ ହୋଇଯାଏ ବଲୁଚି ପେଟି ଅଫିସର । ତା ପାଖକୁ ଯାଇ ଖାଲି ଶଢ଼େଇଟା ଦେଖାଇ ପଚାରେ ସେଇଟା କାହିଁକି ସେ ରଖିଛି ବୋଲି । ବନ୍ଦୀମାନଙ୍କ ପାଇଁ ଭଙ୍ଗା ଶଢ଼େଇଟିଏ ବି ପାଖରେ ରଖିବା ଥାଏ ଏକ ଅପରାଧ । ତା'ର ଦଣ୍ଡ ତ ଭୋଗିବାକୁ ହିଁ ପଡ଼ିବ । ଚୁଟିଧରି ତାକୁ ଘୋଷାଡ଼ିଆଣି ପିଠିରେ ବସାଏ ଶକ୍ତଲାତ । "ସାଲା କାଫର (କାଫେର), ଚୋଟିବାଲା କାଫର୍" କହି ତାକୁ ବଡ଼ ଅକଥ୍ୟ ଭାଷାରେ ଗାଳିଗୁଲଜ୍ କରେ ମା' ଭଉଣୀ ଲଗେଇ । ଏମିତି ଟଣା ଓଟରାରେ ବିଚରାର ଅଧା ଚୁଟି ଉପୁଡ଼ିଯିବାରୁ ବନ୍ଦୀ ଜଣକ ଅସହ୍ୟ ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗେ । ପାଟିତୁଣ୍ଡ ଶୁଣି ମିର୍ଜାଖାନ୍ ଆସେ କ'ଣ ହେଉଛି ଦେଖିବା ପାଇଁ। ପେଟି ଅଫିସରଟି ତା' ଗୋଷ୍ଠୀର ହୋଇଥିବା ଦେଖି ଆଉ ସତ୍ୟାସତ୍ୟ ପରଖିବାର ଆବଶ୍ୟକତା ଅନୁଭବ ନକରି ପାଖରେ ଶଢ଼େଇ ରଖିବା ଅଭିଯୋଗରେ ବନ୍ଦୀକୁ ଜେଲରଙ୍କ ପାଖକୁ ଭିଡ଼ି ନିଆଯାଏ । ବିନାୟକ ସ୍ୱେଚ୍ଛାରେ ଉକ୍ତ ଘଟଣାର ସାକ୍ଷୀ ଦେବାକୁ ଆଗଭର ହେବାରୁ ତାଙ୍କୁ ବି ହାଜର କରାଯାଏ ଜେଲରଙ୍କ ସାମ୍ନାରେ । ପେଟି ଅଫିସରର ସମସ୍ତଙ୍କ ପାଖରୁ ଦହି ଅସୁଲ କରିବା ତଥା ବନ୍ଦୀ ଜଣକ ଦହି ନଦେଇ ତାକୁ ପାଇବା ମାତ୍ରେ ଭାତରେ ଗୋଳାଇ ଦେବାରୁ ଏଭଳି ନୃଶଂସ ଆକ୍ରମଣ ତା'ପ୍ରତି ହୋଇଛି ବୋଲି ସବୁ ସତ ସତ କହି ଦିଅନ୍ତି ବିନାୟକ । ମିର୍ଜାଖାନ୍ ରାଗିଯାଇ କହେ, "ହଜୁର, ଏଇ ବାବୁ ସବୁସମୟରେ ଆମ ମୁସଲମାନଙ୍କ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେଇଥାଏ । ୟା' କଥାକୁ ଆପଣ ଆଦୌ ବିଶ୍ୱାସ କରନ୍ତୁ ନାହିଁ ।" ବିନାୟକ ନିଜ କଥାର ସତ୍ୟତା ପ୍ରମାଣିତ କରିବା ଉଦ୍ଦେଶ୍ୟରେ ପାଣିବୁହା ଟିଣ ଭିତରେ ପେଟି ଅଫିସର୍ କେମିତି ବନ୍ଦୀଙ୍କ ପାଖରୁ ଦହି ଅସୁଲ କରି ଲୁଚେଇ ରଖିଛି ସେଇ ବିଷୟରେ କହିବା ସହ ଜେଲରଙ୍କୁ ଡାକିଆଣି ଦେଖାଇ ବି ଦିଅନ୍ତି । ଟିଣ ଭିତରେ ଦହି ଥିବାର ପ୍ରମାଣ ପାଇ ବାରୀ ସାହେବ୍ ଭୀଷଣ ରାଗିଯାଇ ସେଇ ବଲୁଚି ପେଟି ଅଫିସରର ନିଯୁକ୍ତି ରଦ୍ଦକରି ତାକୁ ପୁଣିଥରେ ପଠାଇ ଦିଅନ୍ତି କାରାଗାର ଭିତରକୁ ସାଧାରଣ କଏଦୀ ରୂପେ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ । କାଫରର ଚୁଟି ଉପାଡ଼ିଥିବା ମିଆଁର ଦାଢ଼ି ଉପୁଡ଼ା ଏକ ବିରାଟ ସଫଳତା ଥିଲା ବନ୍ଦୀମାନଙ୍କ ପାଇଁ । ଏଇ ଘଟଣା ପରେ କିଛିଦିନ ପାଇଁ ସେଇ ଓ୍ୱାର୍ଡ଼ର ଓ ପେଟି ଅଫିସରଙ୍କ ଅତ୍ୟାଚାର କମି ଯାଇଥିଲା ବନ୍ଦୀମାନଙ୍କ ଉପରେ ।



ବନ୍ଦୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟର ମାତ୍ରା ତ ନିହାତି କମ୍ ରହୁଥିଲା । ତାହା ସଙ୍ଗେ ସେଗୁଡ଼ିକ ଥିଲା ପୌଷ୍ଟିକ ତତ୍ତ୍ୱ ବିହୀନ ଓ ସ୍ୱାଦଶୂନ୍ୟ । ଅର୍ଦ୍ଧଭୁକ୍ତ ରହିବା ସହ ହାଡ଼ଭଙ୍ଗା ପରିଶ୍ରମ କରି ସେମାନେ ନାନା ପ୍ରକାରର ଅପପୃଷ୍ଟି ରୋଗର ଶିକାର ହୋଇଯାଉଥିଲେ । ଦରସିଝା ଚାଉଳର ଭାତ ଓ ପୋଡ଼ା ରୁଟି ଖାଇ ଖାଇ ଅତିଷ୍ଠ ହୋଇ ପଡୁଥିଲେ । ରାଜବନ୍ଦୀମାନେ ଏଭଳି ଖାଦ୍ୟ ବ୍ୟବସ୍ଥାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ବାରମ୍ବାର । ହେଲେ ତାଙ୍କ କଥା ଶୁଣିବାକୁ କିଏ ଅଛି ଯେ ସେଠି । ସାତ / ଆଠଶହ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିବା ରୋଷେଇୟା ମାନେ ଥିଲେ ଅତ୍ୟନ୍ତ ଅପରିଷ୍କାର । ବର୍ଷ ବର୍ଷ ଧରି ଗାଧୋଇବା ତ ଦୂରର କଥା ଦାନ୍ତ ମଧ୍ୟ ଘଷୁ ନଥିବାରୁ ଦେହ ତଥା ମୁହଁରୁ ନିର୍ଗତ ହେଉଥାଏ ଦୁର୍ଗନ୍ଧ । ଅଶିକ୍ଷିତ, ଦୁର୍ଦ୍ଦାନ୍ତ ଅପରାଧୀମାନେ କେତେବେଳେ କେମିତି ଲୁଚେଇ ଚୋରେଇ ପନିପରିବା କି ଖାଦ୍ୟ ଟିକିଏ ଖାଇ ପାରିବେ ବୋଲି ଏଇ ରୋଷେଇୟା ଭାବେ କାର୍ଯ୍ୟ କରୁଥାନ୍ତି । ମୁଣ୍ଡଫଟା ଖରା ସାଙ୍ଗକୁ ଚୁଲୀର ନିଆଁଧାସରେ ସିଝି ସିଝି ସେମାନଙ୍କୁ ରୋଷେଇ କରିବାକୁ ପଡ଼େ । ସେଇ ମୁଣ୍ଡଫଟା ଖରାରେ ହିଁ ବନ୍ଦୀଙ୍କୁ ପଂକ୍ତିରେ ବସେଇ ଖାଦ୍ୟ ପରଷିବାକୁ ପଡ଼େ । ରନ୍ଧନ ଓ ପରିବେଷଣ ପ୍ରକ୍ରିୟା ସମୟରେ ଦେହ ମୁଣ୍ଡରୁ ନିର୍ଗତ ଝାଳ ଥପ୍ ଥପ୍ ହୋଇ ଭାତ, ଡାଲି କି ତରକାରିରେ ଗୋଳେଇ ହୋଇଗଲେ ସେମାନଙ୍କର ବା ଦୋଷ କ'ଣ ? ଚାଉଳ ଡାଲି ଇତ୍ୟାଦି ମଧ୍ୟ ଥିଲା ଅତି ନିମ୍ନମାନର ତଥା ଦୁର୍ଗନ୍ଧଯୁକ୍ତ । ପ୍ରଥମେ ପ୍ରଥମେ ଏସବୁ ପରିସ୍ଥିତି ଦେଖି ବିନାୟକଙ୍କ ପେଟ ଘାଣ୍ଟି ବାନ୍ତି ଉଠାଏ । କିନ୍ତୁ କେତେଦିନ ଓପାସରେ ରହିବେ ? ଆସ୍ତେ ଆସ୍ତେ ଦେହସୁହା ହୋଇଯାଏ ସବୁ । ଆଖିବୁଜି ଗ୍ରାସ ଗିଳିବା ହୁଏ ବିଧି, ପରିସ୍ଥିତିର ଆବଶ୍ୟକତା । ଖାଦ୍ୟ ପରଷା ଯିବା ପରେ ମାତ୍ର ସାତ ଆଠ ମିନିଟ ଭିତରେ ଖାଇବାକୁ ପଡ଼େ ତରତର ହୋଇ । ପେଟି ଅଫିସର ଖାଦ୍ୟ ସେବନ ଅବଧିର ସମାପ୍ତି ଘୋଷଣା କରିବା ମାତ୍ରେ ଠିଆ ହୋଇ ପଡ଼ିବା ହେଉଛି ନିୟମ । ଆଦେଶ ନମାନି ଖାଇବାରେ ବ୍ୟସ୍ତ ରହିଲେ ପେଟି ଅଫିସର ଆସି ଖାଦ୍ୟ ଥାଳୀକୁ ଲାତ ମାରିବା ବେଳେ ଓ୍ୱାର୍ଡ଼ରର ଶକ୍ତ ବେତ ପାହାରରେ ସିଝି ଯାଏ ନିୟମ ଉଲଙ୍ଘନକାରୀର ପିଠି ।

ସକାଳୁ ସକାଳୁ ନିତ୍ୟକର୍ମ ସମାପନ ପରେ ବନ୍ଦୀମାନଙ୍କୁ ପ୍ରାୟଦିନ ଦଲିଆ ଦିଆ ହେଉଥିଲା ଜଳଖିଆ ରୂପେ । ସେଇଲାଗି ତା'ର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଏ ଅନ୍ଧାରରୁ । ତଳି ଲାଗିଗଲା କି ଆଉ ଟିକିଏ ସିଝିବ ତାହା ରୋଷେଇୟା ଢୁଳେଇ ଢୁଳେଇ ଡିବିରି ସେଇ ହଣ୍ଡା ଉପରକୁ ନେଇ ଦେଖୁଥିଲା । ବେଳେ ବେଳେ ବଙ୍କା ହୋଇ ଯିବାରୁ ଡିବିରିରୁ ତେଲ ବୁନ୍ଦା ବୁନ୍ଦା ପଡ଼ିଯାଏ ସେଇ ଦଲିଆ ଭିତରେ । ଆଉ କେବେ ତ ଢାଙ୍କୁଣି ଭଲରେ ଲାଗି ନଥିଲେ ସବୁଯାକ ତେଲ ଇଡ଼ି ହୋଇଯାଏ ତାହାରି ଭିତରେ । ସାମାନ୍ୟ କିରୋସିନି ଟିକକ ପାଇଁ କ'ଣ ହଣ୍ଡାକ ଯାକ ଦଲିଆ ଫିଙ୍ଗାଯିବ ? କାମରେ ଅବହେଳା ଯୋଗୁଁ ରୋଷେଇୟା ଦଣ୍ଡ ପାଇବନି ? କୈଫିୟତ୍ ଦେବାକୁ ପଡ଼ିବନି ମିର୍ଜାଖାନ୍‌କୁ ? ତେଣୁ ତାକୁ ଭଲକରି ଘାଣ୍ଟି ମିଶାଇ ଦିଆଯାଏ । ଏଇମିତି ମାସକୁ ଥରେ ଦୁଇଥର ନିଶ୍ଚିତ ହୋଇଯାଏ । ବନ୍ଦୀମାନେ ତାକୁ ଖାଇବା ପାଇଁ ବାଧ୍ୟ । ଖାଦ୍ୟ ନଖାଇ ନଷ୍ଟକଲେ ତା ଲାଗି ଥାଏ ଦଣ୍ଡ ବିଧାନ । କେବେ କେମିତି ରାଗିକରି ଅଳିଆ ଗଦାକୁ ଫିଙ୍ଗିଦେଲେ ପେଟି ଅଫିସରଙ୍କ ଆଦେଶରେ ତାକୁ ସେଇଠୁ ଉଠାଇ ପୁଣି ଖାଇବାକୁ ପଡ଼ିଥାଏ । ପ୍ରଥମଥର କିରୋସିନି ଗନ୍ଧ ହେବାରୁ ବିନାୟକ ତାକୁ ଖାଇବାକୁ ମନା କରିଦିଅନ୍ତି । ମାମଲା ଯାଇ ବାରୀ ସାହେବ୍‌ଙ୍କ ପାଖରେ ପହଞ୍ଚେ । ସରଜମିନ୍ ତଦନ୍ତ କରିବାକୁ ସେ ଆସି ଆଖପାଖର କେତେଜଣ କଏଦୀଙ୍କୁ ସେଇ ବିଷୟ ଚିତ୍କାର କରି ପଚାରନ୍ତି । ବନ୍ଦୀମାନଙ୍କୁ ମାଲୁମ୍ ଥାଏ ବାରୀ ସାହେବ୍ ଚିତ୍କାର କରି କିଛି ପଚାରିଲେ ତା'ର କି ଉତ୍ତର ଦେବାକୁ ହୋଇଥାଏ ସେଇକଥା । ସେମାନେ ସମସ୍ତେ କିରୋସିନି ଗନ୍ଧ ଆଦୌ ହେଉ ନଥିବାରୁ ବିନାୟକ ମିଥ୍ୟା ଆରୋପ ଲଗାଉଛନ୍ତି ବୋଲି କହନ୍ତି । ଜେଲ୍ ଖାଦ୍ୟକୁ ନିନ୍ଦା କରିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନର ଧମକ୍ ଦେଇ ବାରୀ ସାହେବ୍ ଚାଲି ଯାଆନ୍ତି । ବାଧ୍ୟ ହୋଇ ନାକ ଚିପି ସମସ୍ତଙ୍କୁ ସେଇ ଦଲିଆ ଖାଇବାକୁ ପଡ଼େ । ନଖାଇ ଅଭିମାନ କରି କେତେ ସମୟ ବା ଭୋକରେ ରହି ପାରିବେ ସେମାନେ । ଜଳଖିଆ ପରେ ପୁଣି ହାଡ଼ଭଙ୍ଗା ପରିଶ୍ରମ କରିବାକୁ ଅଛି । ପେଟରେ କିଛି ନଥିଲେ ମୁଣ୍ଡ ବୁଲାଇଲେ କିଏ ଏଠି ପିଠିରେ ପଡ଼ିବ ? ଜେଲର୍ ଆଗରେ କଥା କହିବାର ସାହସ କୌଣସି ବନ୍ଦୀର ନଥିଲା । ସେମାନେ ପ୍ରତିବାଦ କରିବା ଅପେକ୍ଷା ପାଟି ବୁଜି ସହିଯିବା ହିଁ ବୁଦ୍ଧିମାନୀ ବୋଲି ଭାବୁଥିଲେ । ଡିବିରିଏ ଜାଗାରେ ଟିଣେ କିରୋସିନି ଦଲିଆରେ ଢାଳି ଦିଆଗଲେ ବି ଖାଇବାକୁ ପଡ଼ିବ ।

ଆଣ୍ଡାମାନରେ ଏକ ଭୟଙ୍କର ପ୍ରକାରର ତେନ୍ତୁଳିଆ ବିଛା ଦେଖାଯାଆନ୍ତି । ଈଷତ୍ ଲାଲ ରଙ୍ଗର ହୋଇଥିବା ବେଳେ ସେମାନଙ୍କର ଲମ୍ବା ପ୍ରାୟ ଦେଢ଼ଫୁଟ । ଏତେ ବିଷାକ୍ତ ଯେ ତା' କାମୁଡ଼ା ଲୋକ ପାଣି ବି ମାଗେନି । ରାତିରେ କୋଠରୀ ଭିତରେ ଆଲୁଅ ବ୍ୟବସ୍ଥା ନଥିବାରୁ କେତେ ବନ୍ଦୀଙ୍କର ଏଇ ବିଛା କିମ୍ବା ସାପ କାମୁଡ଼ାରେ ମୃତ୍ୟୁ ମଧ୍ୟ ହୋଇଛି । ବନ୍ଦୀମାନେ ପାଳିକରି ବଡ଼ି ଭୋରରୁ ପେଟି ଅଫିସରଙ୍କ ସହ ଜେଲ୍ ବାହାରକୁ ଯାଉଥିଲେ ରୋଷେଇ ପାଇଁ ପନିପରିବା ସଂଗ୍ରହ କରିବାକୁ । ଏଠି ସେଠି ରାସ୍ତାକଡ଼େ ଥିବା ଅପନ୍ତରା ସ୍ଥାନରେ ପ୍ରଚୁର ସାରୁଗଛ ଥାଏ । ତାକୁ ଖୋଳି ଆଣନ୍ତି ତରକାରୀ ପାଇଁ । କେତେ ପ୍ରକାର ଛୋଟ ଛୋଟ ଗଛବି ଥାଏ ଯାହାର ପତ୍ରକୁ ଶାଗ ରୂପେ ଖିଆଯାଇ ପାରିବ । ବଡ଼ ବଡ଼ ଦା'ରେ ତାକୁ କାଟି ବିଡ଼ା ବାନ୍ଧି ଶଗଡ଼ରେ ବୋଝେଇ ନେଇ ଆସନ୍ତି । ତାକୁସବୁ ରଚ୍‌ରାଚ୍ କାଟି ବିରାଟକାୟ ହଣ୍ଡାରେ ପକାଇ ସିଝାଇ ଦିଆଯାଏ । ରୋଷେଇ କାର୍ଯ୍ୟରେ ଅମନଯୋଗିତା ତଥା ଅସାବଧାନତା ଯୋଗୁଁ ଶାଗ କିମ୍ବା ତରକାରୀରେ ତେନ୍ତୁଳିଆ ବିଛା ଓ ଛୋଟ ଛୋଟ ସାପ ବି ସିଝି ଯାଆନ୍ତି । ପୋକ ମାଛି ତ ସାଧାରଣ କଥା । ପରଷା ଯିବାପରେ ଖାଇଲା ବେଳେ ସେସବୁ ଜିନିଷ ବନ୍ଦୀମାନଙ୍କ ଆଖିରେ ପଡ଼େ । ତାକୁ କାଢ଼ି ଅଧିକାରୀଙ୍କୁ ଦେଖାଇ ଅଭିଯୋଗ କଲେ ସେମାନେ ହସି ହସି କହନ୍ତି, "ଓ ! ଇଟ୍ ଟେଷ୍ଟସ୍ ଭେରି ୱେଲ୍ ।" ବାରୀ ସାହେବ୍ ବି ସେଇ ଅଧିକାରୀ ଓ ପେଟି ଅଫିସରମାନଙ୍କୁ ହିଁ ସମର୍ଥନ କରନ୍ତି । ଭୁଖା ଗାଈ ବେଣା ଖାଏ । ବେଳେ ବେଳେ ବାରୀ ସାହେବ୍ ବୁଝାଇଲା ଢଙ୍ଗରେ ବିନାୟକଙ୍କୁ କହନ୍ତି, "କାହିଁକି ତୁମେ ସେଇସବୁ ଖାଦ୍ୟ ଆଡ଼କୁ ଦୃଷ୍ଟି ଦେଉଛ ହୋ ? ତୁମେ କେଡ଼େ ବିଜ୍ଞ ଲୋକ । ବାରିଷ୍ଟରୀ ପାଶ୍ କରିଛ ପରା । ଏଭଳି ଛୋଟ ଛୋଟ କଥା ଚିନ୍ତା କରନି । ଏଇ କଏଦୀ ଗୁଡ଼ାକ ସବୁ ଚାରିଗୋଡ଼ିଆ ପଶୁ । ଖାଦ୍ୟ ଅଖାଦ୍ୟ ଯାହା ଦେଲେ ଚରିଯିବେ । ସାପ, ବିଛା ଗୁଡ଼ା ବିଷାକ୍ତ ନୁହେଁ ମ । ଶହ ଶହ ଥର ଏମିତି ଶାଗ ତରକାରୀରୁ ବାହାରିଲାଣି । କାହିଁ ଗୋଟେ ବି ତ କେହି ମୋ ଜାଣିବାରେ ମରି ନାହାନ୍ତି ତାକୁ ଖାଇ ।" ବାରୀ ସାହେବ୍ ବୋଧେ ଭାବୁଥିଲେ ଏଭଳି ବିଷାକ୍ତ ଖାଦ୍ୟ ଖାଇ କେବେ କିଏ ମଲେ ଯାଇ ଖାଦ୍ୟ ସୁଧାର କଥା ବିଚାର କରିବେ ବୋଲି । ତା ଆଗରୁ ସେ ବିଷୟରେ ଚିନ୍ତା କରି ଲାଭ କ'ଣ ?

ଭୁଲେଇ ଭାଲେଇ, ଗାଳିଫଜିତ୍ କରି କିମ୍ବା ମାଡ଼ ମାରି ଭୋଜନ ବିଷୟକ ପ୍ରତିବାଦକୁ ଚୁପ୍ କରେଇବା ସହ ବାରୀ ଓ ମିର୍ଜାଖାନ୍ ଆଉ ଏକ ଉପାୟ ବି ଅବଲମ୍ବନ କରୁଥିଲେ । ତାହା ହେଲା ସେଇ ଭୁଲ ର ଉତ୍ତରଦାୟିତ୍ୱ କୌଣସି ହିନ୍ଦୁ ପେଟି ଅଫିସର ଉପରେ ଲଦିଦେବା । ଦଲିଆରେ କିରୋସିନି ଢଳାହେଉ କି ତରକାରୀରେ ବିଛା ବାହାରୁ ସେଥିଲାଗି ତାକୁ ଦାୟି କରାଯାଇ କାର୍ଯ୍ୟରୁ ନିଲମ୍ବିତ କରି ତା ସ୍ଥାନରେ କୌଣସି ଦୁର୍ଦ୍ଦାନ୍ତ ମୁସଲମାନ ବନ୍ଦୀକୁ ନିଯୁକ୍ତି ଦିଆଯାଉଥିଲା । ତାହା ରାଜବନ୍ଦୀମାନଙ୍କ ପାଇଁ ଥିଲା ମହରଗରୁ ଯାଇ କାନ୍ତାରରେ ପଡ଼ିବା ଭଳି ଅବସ୍ଥା । ସେଥିପାଇଁ ଅନେକ ସମୟରେ ଅଭିଯୋଗକାରୀ ମାନେ ନିଜ ଅଭିଯୋଗ ଫେରାଇ ନେଇ ସେଇ ହିନ୍ଦୁ ପେଟି ଅଫିସରକୁ ନିଲମ୍ବନରୁ ବଞ୍ଚାଉଥିଲେ । କୌଣସି ଭୁଲ ନଥାଇ କାହିଁବି ବା ଜଣେ ହିନ୍ଦୁ ପଦଚ୍ୟୁତ ହେବ । ହାଡ଼ଭଙ୍ଗା ପରିଶ୍ରମ ପରେ ଶାନ୍ତିରେ ବସି ଗଣ୍ଡାଏ ଖାଇବା ତାଙ୍କ ଭାଗ୍ୟରେ ନଥିଲା । ମୁଣ୍ଡଫଟା ଖରାରେ ଧାଡ଼ିରେ ବସି ଖାଉଥିଲେ ସେମାନେ । ଝୋ ଝୋ ବର୍ଷା ବେଳେ ବି ସେଇ ଅବସ୍ଥା । ଭାତ, ରୁଟି, ତରକାରୀ ବତୁରି ଯାଉଥିଲା ବର୍ଷା ପାଣିରେ । ରାଜବନ୍ଦୀମାନେ ବେଳେ ବେଳେ ଅସହ୍ୟ ଖରା ସହି ନପାରି ନିଜ ଖାଦ୍ୟ ଉଠାଇ ଛାଇଜାଗାକୁ ଚାଲି ଯାଉଥିଲେ । ଜେଲ୍ ନିୟମ ଭାଙ୍ଗୁଥିବା ଅଭିଯୋଗରେ ସେଇ ଛାଇରେ ବସି ଖାଉଥିବା ଅବସ୍ଥାରେ ହିଁ ତାଙ୍କ ପିଠିରେ ବସୁଥିଲା ଚାବୁକ୍ । ଜେଲ୍ ପ୍ରଶାସନ କିଛି ଦୁର୍ଦ୍ଦାନ୍ତ ବନ୍ଦୀଙ୍କୁ ହତିଆର କରି ରିତିମତ ଏଇ ରାଜବନ୍ଦୀମାନଙ୍କୁ ନିର୍ଯ୍ୟାତନା ଦେଇ ଭାଙ୍ଗିବାକୁ ଥିଲେ ପ୍ରୟାସରତ । ସେଠିକାର ଏଭଳି ଅମାନୁଷିକ ଅତ୍ୟାଚାରର ଖବର ପହଞ୍ଚି ପାରୁ ନଥିଲା ଭାରତ ଭୂଖଣ୍ଡରେ ।

ଆସ୍ତେ ଆସ୍ତେ ରାଜବନ୍ଦୀଙ୍କ ସଂଖ୍ୟା ବଢ଼ିବାକୁ ଲାଗେ ଆଣ୍ଡାମାନରେ । ବାରମ୍ବାର ଅଭିଯୋଗ, ଆନ୍ଦୋଳନ ତଥା ଅନଶନ ଯୋଗୁଁ ବ୍ୟବସ୍ଥାରେ ପରିବର୍ତ୍ତନ ଆସେ । ଓ୍ୱାର୍ଡ଼ର ତଥା ପେଟି ଅଫିସରମାନେ ଆଉ ଭାଗ ବସାନ୍ତିନି ବନ୍ଦୀଙ୍କ ଖାଇବା ଦ୍ରବ୍ୟ ଉପରେ । ଅର୍ଦ୍ଧଭୁକ୍ତଙ୍କୁ ସମୟ ସରିଗଲାଣି ବୋଲି ଉଠାଇ ଦିଆଯାଏନି କି ଅଳିଆ ଗଦାରୁ ଫିଙ୍ଗି ଦେଇଥିବା ଖାଦ୍ୟ ଉଠାଇ ବନ୍ଦୀଙ୍କୁ ଖାଇବାକୁ ବାଧ୍ୟ କରାଯାଏନି । ବାରୀ ସାହେବ ଆଉ ଚିତ୍କାର କରି କହନ୍ତିନି, "ସାଲେ, ବମ୍‌ଗୋଲା ବାଲେ, ତୁମେସବୁ ଏଠାକୁ କାମ କରିବାକୁ ଆସିଛ ଖାଇବାକୁ ନୁହେଁ ।" ...... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ପଞ୍ଚକଥା...

# ଛତ୍ରପତି ଶିବାଜୀ



'ହେ ଆଲ୍ଲା ! ଆପଣ ମୋତେ ଏଭଳି ଜଣେ ଶତ୍ରୁ ଦେଲେ ଯିଏ ନିର୍ଭୀକ ଓ ସତ୍ୟନିଷ୍ଠାରେ ମୋ ପାଇଁ ଜ୍ୱଳନ୍ତ ଉଦାହରଣ । ଆପଣଙ୍କ ନିକଟରେ ଏ କୃତଘ୍ନର ମିନତୀ ତାଙ୍କପାଇଁ ସ୍ୱର୍ଗର ଦ୍ୱାର ଖୋଲା ରଖିଥାଆନ୍ତୁ । କାରଣ ଦୁନିଆର ସବୁଠାରୁ ଶ୍ରେଷ୍ଠ ଓ ହୃଦୟବାନ ଯୋଦ୍ଧା ଆପଣଙ୍କ ନିକଟକୁ ଆସୁଛନ୍ତି ।'

- ଔରଙ୍ଗଜେବ (ଶିବାଜୀଙ୍କ ମୃତ୍ୟୁପରେ, ନମାଜ ପଢ଼ିବାବେଳେ)

'ସେଦିନ ଶିବାଜୀ କେବଳ ମୋର ଆଙ୍ଗୁଳି କାଟି ଦେଇନଥିଲେ ବରଂ ମୋ ଅଭିମାନକୁ କାଟି ଟୁକୁରା ଟୁକୁରା କରିଦେଇଥିଲେ । ମୋତେ ମୋ ସ୍ୱପ୍ନରେ ମଧ ତାଙ୍କୁ ସାକ୍ଷାତ କରିବାପାଇଁ ଭୟ ହୁଏ ।'

- ଶାୟସ୍ତା ଖାଁ...

'ମୋ ରାଜ୍ୟରେ ଶିବାଜୀଙ୍କୁ ହରାଇବାପାଇଁ କଣ ଆଉ କେହି ବୀର ପୁରୁଷ ନାହାନ୍ତି ?'

- ନିରାଶ ବେଗମ ଅଲ୍ଲି ଆଦିଲସାହା ।

'ନେତାଜୀ ! ଆପଣଙ୍କ ଦେଶରୁ ଇଂରେଜମାନଙ୍କୁ ହଟାଇବା ପାଇଁ କୌଣସି ହିଟଲରର ଆବଶ୍ୟକତା ନାହିଁ । ଆପଣଙ୍କୁ କେବଳ ଛତ୍ରପତି ଶିବାଜୀଙ୍କ ଇତିହାସ ଜାଣିବା ଆବଶ୍ୟକ ହୋଇପାରେ ।'

- ଏଡ଼ଲ୍ଫ ହିଟଲର...

'ଯଦି ଶିବାଜୀଙ୍କର ଜନ୍ମ ଇଂଲଣ୍ଡରେ ହୋଇଥାଆନ୍ତା ତାହେଲେ ଆମେ କେବଳ ପୃଥିବୀ ପୃଷ୍ଠରେ ନୁହେଁ ସାରା ବ୍ରହ୍ମାଣ୍ଡରେ ରାଜତ୍ୱ କରିଥାଆନ୍ତେ ।'

- ଲର୍ଡ଼ ମାଉଣ୍ଟବେଟନ...

'ଯଦି ଶିବାଜୀ ମହାରାଜା ଆଉ ଦଶ ବର୍ଷ ଜୀବିତ ରହିଥାଆନ୍ତେ ତାହେଲେ ଇଂରେଜମାନେ ଭାରତର ଚେହେରା ଦେଖିପାରି ନଥାନ୍ତେ ।'

- ଜଣେ ବ୍ରିଟିଶ ଗଭର୍ଣ୍ଣର...

'ଭାରତ ମାତାକୁ ସ୍ୱତନ୍ତ୍ର କରିବାକୁ କେବଳ ଗୋଟିଏ ରାସ୍ତା ଛତ୍ରପତି ଶିବାଜୀଙ୍କ ଭଳି ଲଢ଼ିବାକୁ ହେବ । ତେବେ ଦେଶ ସ୍ୱାଧୀନତା ପାଇବ ।'

- ନେତାଜୀ ସୁଭାଷ...

'ଶିବାଜୀ ଜଣେ ନାମ ନୁହେଁ, ସେ ଭାରତବାସୀଙ୍କ ପାଇଁ ଏକ ଶକ୍ତିପୁଞ୍ଜ । ଭାରତକୁ ସ୍ୱାଧୀନ କରିବା ପାଇଁ ତାଙ୍କର ଉପଯୋଗ ନିହାତି ଆବଶ୍ୟକ ।'

- ସ୍ୱାମୀ ବିବେକାନନ୍ଦ...

'ଯଦି ଶିବାଜୀଙ୍କ ଜନ୍ମ ଆମେରିକାରେ ହୋଇଥାଆନ୍ତା ତାଙ୍କୁ ଆମେ 'ସୂର୍ଯ୍ୟ' ରୂପେ ନାମିତ କରିଥାଆନ୍ତେ ।'

- ବାରାକ ଓବାମା..

ଏସବୁ ତଥ୍ୟ ଗିନିଜ ବୁକ ଅଫ ୱାର୍ଲଡ଼ ରେକର୍ଡରେ ବର୍ଣ୍ଣିତ ହୋଇ ରହିଛି ।

ଉଜବେକିସ୍ତାନର ସମ୍ରାଟ କରତଲବ ଖାଁଙ୍କର ୩୦,୦୦୦ ଶକ୍ତିଶାଳୀ ସୈନିକ ଶିବାଜୀଙ୍କର ମାତ୍ର ୧୦୦୦ ଯୋଦ୍ଧାଙ୍କ ସଙ୍ଗେ ହାରିଯାଇ ନିଜ ସ୍ଥାନକୁ ଫେରିବା ସମୟରେ କେହି ଜଣେବି ସୈନିକ ବଞ୍ଚି ନଥିଲେ ।

ଛତ୍ରପତି ଶିବାଜୀ ଆନ୍ତଃରାଷ୍ଟ୍ରୀୟ ଖ୍ୟାତି ସମ୍ପନ୍ନ ରାଜା ଥିଲେ । ନିଜର ୩୦ବର୍ଷ ଶାସନ କାଳରେ ସେ କେବଳ ଦୁଇଜଣ ଭାରତୀୟ ଯୋଦ୍ଧାଙ୍କ ସାଙ୍ଗରେ ଲଢ଼ିଥିଲେ । ବାକି ସମସ୍ତେ ଅନ୍ୟ ଦେଶର ଥିଲେ । ଶାୟସ୍ତା ଖାଁ ଯିଏ ନିଜ ସ୍ୱପ୍ନରେ ବି ବୀର ଶିବାଜୀଙ୍କୁ ଭୟ କରୁଥିଲେ । ସେ ମଧ ଆବୁ ତାଲିବାନ ଓ ତୁର୍କୀସ୍ତାନର ରାଜା ଥିଲେ । ବହଲାଲ ଖାଁ, ଚିଦାର ଖାଁ, ସିକନ୍ଦର ପଠାଣ ଏମାନେ ସବୁ ଆଫ୍ଗାନିସ୍ତାନର ଯୋଦ୍ଧା ଥିଲେ । ଦିଲେର ଖାଁ ମଙ୍ଗୋଲିଆର ମହାନ ଯୋଦ୍ଧା ଥିଲେ । ଏମାନେ ସମସ୍ତେ ଶିବାଜୀଙ୍କ ସହିତ ଲଢ଼ି ମୃତ୍ୟୁକୁ ପ୍ରାପ୍ତ ହୋଇ ଥିଲେ । ସିଦ୍ଧି ଜୋହର ଓ ସଲାବା ଖାଁ ଏ ଦୁହେଁ ଇରାନର ଯୋଦ୍ଧା ଥିଲେ ।ଯାହାଙ୍କୁ ଶିବାଜୀ ଯୁଦ୍ଧରେ ହରାଇବା ପରେ ପ୍ରାଣ ଭୟରେ ଲୁଚି ଛପି ନିଜ ଦେଶରେ ପହଞ୍ଚିଥିଲେ । ପରେ ଗୁପ୍ତରେ ସମୁଦ୍ର ରାସ୍ତାରେ ଯୁଦ୍ଧ କରିବାକୁ ଯୋଜନା କରିଥିଲେ । ଶିବାଜୀ ମହାରାଜ ତାହା ଜାଣିପାରି ସମୁଦ୍ର ଉପରେ ଏକ ବିଶାଳ ନୌସେନା ପ୍ରସ୍ତୁତ କରିଥିଲେ । ଯାହାକି ପ୍ରଥମ ଭାରତୀୟ ନୌସେନା ରୂପେ ଖ୍ୟାତ । କିନ୍ତୁ ସେହି କାର୍ଯ୍ୟକୁ ପୁରା କରିବା ପୂର୍ବରୁ ଶିବାଜୀଙ୍କର ମୃତ୍ୟୁ ହୋଇଯାଇଥିଲା ।

(ଶୁଣାଯାଏ ତାଙ୍କୁ ମାରିବା ପାଇଁ ବିଷ ଦିଆ ହୋଇଥିଲା ।)

ଦୀର୍ଘ ୨୦ବର୍ଷ ଯୁଦ୍ଧ ଚାଲିବାପରେ ଭିଏତନାମ ଆମେରିକାକୁ ହରାଇଥିଲା । ବିଜୟ ହେବାପରେ ସାମ୍ବାଦିକମାନେ ଭିଏତନାମର ରାଷ୍ଟ୍ରପତିଙ୍କୁ ପଚାରିଲେ,'ଆପଣଙ୍କ ଦେଶ ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ରକୁ କେମିତି ଜିତିପାରିଲା ?'

ଭିଏତନାମର ରାଷ୍ଟ୍ରପତି ସ୍ୱାଭାବିକ ଭାବେ କହିଲେ,'ବାସ୍ତବରେ ଆମେରିକା ଭଳି ଦେଶକୁ ହରାଇବା ଆମପାଇଁ ଅସମ୍ଭବ ଥିଲା । ହେଲେ ଜଣେ ମହାନ ଯୋଦ୍ଧାଙ୍କ କାହାଣୀ ଆମକୁ ଏଭଳି ପଦକ୍ଷେପ ନେବାରେ ଆତ୍ମବିଶ୍ୱାସ ଓ ବୀରତ୍ୱ ପ୍ରଦାନ କରିଛି । ତାଙ୍କରି କାହାଣୀ ପଢି ଓ ତାଙ୍କର ସେହି ପ୍ରେରଣା ଅନୁସାରେ ଯୁଦ୍ଧର ରଣନୀତି ପ୍ରସ୍ତୁତ ହେଲା । ତାପରେ ଆମେ ବିଜୟ ହାସଲ କଲୁ ।'

'ସେପରି ମହାନ ଯୋଦ୍ଧା କିଏ ଥିଲେ ?' ସାମ୍ବାଦିକମାନେ ପୁଣି ପ୍ରଶ୍ନ ପଚାରିଲେ ।

ଉଚିତ ସମ୍ମାନର ସହିତ ଭିଏତନାମର ରାଷ୍ଟ୍ରପତି କହିଲେ, 'ଛତ୍ରପତି ଶିବାଜୀ ମହାରାଜା । ଯିଏ ଏକାକୀ ମୋଗଲ ସାମ୍ରାଜ୍ୟକୁ ହଲେଇ ଦେଇଥିଲେ । ଯଦି ଆମ ଦେଶରେ ତାଙ୍କ ଭଳି ରାଜା ଥାଆନ୍ତେ ତାହେଲେ ଆମେ ହୁଏତ ସାରା ଦୁନିଆକୁ ଜିତି ଯାଇଥାଆନ୍ତେ !'

ଭିଏତନାମ ସ୍ୱତନ୍ତ୍ର ହେବା କିଛିବର୍ଷ ପରେ ରାଷ୍ଟ୍ରପତିଙ୍କ ନିଧନ ହେଲା । ସେତେବେଳେ ତାଙ୍କ ବିଶ୍ରାମ କକ୍ଷରୁ କିଛି ଶବ୍ଦ ଲେଖା ହୋଇଥିବା ତାମ୍ର ଫଳକଟିଏ ମିଳିଲା । ସେଥିରେ ଲେଖାଥିଲା, 'ଶିବାଜୀ ମହାରାଜାଙ୍କର ଜଣେ ବିନମ୍ର ସୈନିକର ବିଶ୍ରାମସ୍ଥଳ ।'

ଏବେ ମଧ ଭିଏତନାମ ରାଷ୍ଟ୍ରପତିଙ୍କ ସମାଧୀ ସ୍ଥଳରେ ସେଇ ତାମ୍ର ଫଳକରେ ଲେଖା ହୋଇଥିବା ଶବ୍ଦକୁ ଦେଖି ନମ୍ରତାରେ ସଭିଙ୍କ ମୁଣ୍ଡ ନଇଁଯାଏ ।

କିଛିବର୍ଷ ପୂର୍ବରୁ ଭିଏତନାମର ବୈଦେଶିକ ମନ୍ତ୍ରୀ ଭାରତ ପରି ଦର୍ଶନରେ ଆସିଥିଲେ । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ତାଙ୍କୁ ଲାଲକିଲ୍ଲା, ଗାନ୍ଧିଜୀଙ୍କ ସମାଧୀ ସ୍ଥଳ ଏବଂ ଅନ୍ୟ ମୁଖ୍ୟ ସ୍ଥାନ ବିଶେଷକୁ ନିଆଗଲା । ସେସବୁ ଦେଖିସାରିବାପରେ ସେ ପଚାରିଲେ 'ଛତ୍ରପତି ଶିବାଜୀଙ୍କ ସମାଧୀ ସ୍ଥଳ କେଉଁଠାରେ ?'

ଭାରତୀୟ ଅଧିକାରୀ ଉତ୍ତରରେ କହିଲେ,'ତାହା ରାୟଗଡ ମହାରାଷ୍ଟ୍ରରେ ।'

ତାପରେ ସମସ୍ତେ ରାୟଗଡ଼ରେ ପହଞ୍ଚି ଶିବାଜୀ ମହାରାଜାଙ୍କ ବିଶ୍ରାମ ସ୍ଥଳରେ ସମ୍ମାନ ବ୍ୟକ୍ତ କଲେ । ଭିଏତନାମର ବୈଦେଶିକ ମନ୍ତ୍ରୀ ସେହି ସ୍ଥାନରୁ ମୁଠେ ମାଟି ଉଠେଇ ଶ୍ରଦ୍ଧାର ସହିତ ନିଜ ବ୍ୟାଗରେ ରଖିଲେ । ତାହା ଦେଖିବା କ୍ଷଣି ସାମ୍ବାଦିକମାନେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଉଠିଲେ । ଶେଷରେ ସେ କହିଲେ,'ଏଠାକାର ମାଟି ବୀରତା ଓ ବିଜୟର ମାଟି । ଯେଉଁଠାରେ ମହାନ ଶିବାଜୀ ମହାରାଜାଙ୍କର ଜନ୍ମ ହୋଇଛି, ସେଇ ମାଟିରୁ ମୁଠେ ମୁଁ ଭିଏତନାମ ନେଇଯାଉଛି । ମୋ ଦେଶରେ ପହଞ୍ଚିବା ମାତ୍ରେ ଏ ମାଟିକୁ ମୋ ଦେଶ ମାଟିରେ ମିଶାଇଦେବି ।'



ସତରେ କି ମହାନ ଆଦର୍ଶ ଓ ଦେଶଭକ୍ତିରେ ଯୋଡି ଯାଇଥିବା ମହାନ ବ୍ୟକ୍ତିତ୍ୱ । ଏହାବି ନିଶ୍ଚିତ ଶିବାଜୀ ମହାରାଜା ମଧ ସେହିପରି ଜଣେ ଅନନ୍ୟ ପ୍ରତିଭାଧାରୀ ବୀର ରୂପେ ଆଜିବି ସଭିଙ୍କଠାରେ ପୂଜା ପାଉଛନ୍ତି ।


**ଆଲେଖ୍ୟ : ସୁଧାଂଶୁ ଶେଖର ଦ୍ୱିବେଦୀ**
♥ ବିସି-୭୪,ସଲଟ ଲେକ,କଲକତା-୬୪
ମୋ-୬୨୯୧୩୪୨୨୫୯


## ସ୍ମୃତି ଶତଦଳ ୨୩୧



# ଅଦ୍ଭୁତ ସେ ପ୍ରୀତିଫୁଲ-୧


**ଡା. ସରୋଜିନୀ ଷଡଙ୍ଗୀ**
♥ ଲିଙ୍କ୍‌ରୋଡ଼୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭


> ଝିଅଟିର ଉଚ୍ଚତା ମାତ୍ର ଅଢେଇ ଫୁଟରୁ ତିନିଫୁଟ ଭିତରେ ହେବ । ହାତ ଗୋଡ ନାହିଁ, ତେଣୁ ଏଇଟା ଗୋଟିଏ ଜଟିଳ କେଶ୍ । ସେଥିପାଇଁ ତାକୁ ଏସ.ସି.ବି ମେଡିକାଲ କଲେଜକୁ ରେଫର କରିବାକୁ ଚାହିଁଲି । ତତ୍‌କ୍ଷଣାତ୍ ତା ସ୍ୱାମୀ ସୁବାସ ମତେ କହିଲା "ମା' ଏସ.ସ.ବି ପଠାନ୍ତୁନି । ଏସ.ସି.ବିରୁ ମୁଁ ତାକୁ ଏଇଲେ ଆପଣଙ୍କ ପାଖକୁ ଉଠାଇ ଆଣିଛି , ସେଠି ଲକ୍ଷ୍ମୀକୁ ବସାଇବା ମାତ୍ରେ ତାକୁ ଦେଖି ଷ୍ଟାଫମାନଙ୍କ ଠାରୁ ରୋଗୀ ଯାଏଁ ସମସ୍ତେ ଥଟ୍ଟା ତାମସା କରି ହସିବାକୁ ଆରମ୍ଭ କଲେ ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରେମ ଭଳି ଏକ ମଧୁର ଅନୁଭବ କେମିତି, କେତେବେଳେ ଏବଂ କେଉଁ ପରି ଭାବରେ ହୃଦୟରେ ସଂଚରିତ ହୋଇଯାଏ, କେମିତି ସେ କୋମଳ ଚାରା ପାଦପ ପାଲଟିଯାଏ ଏବଂ ତାର ସବୁଜ ଡାଳପତ୍ର, କ୍ରମଶଃ କ୍ରମଶଃ ଏକ ଶ୍ୟାମଳ ଉପବନ ରେ ପରିଣତ ହୋଇଯାଏ ଏକଥା କହିବା ଅସମ୍ଭବ । "ବଡ ଅଦ୍ଭୁତ ସେ ପ୍ରୀତି ପାଳିବା" ଭଳି ପ୍ରେମ ଏକ ଅଦ୍ଭୁତ କଂପନ, ପ୍ରେମ ଏକ ଅଜଣା ଶିହରଣ ଏକ ଅନୁପମ ଆଲୋଡନ ଏବଂ ଏକ ସୁମଧୁର ସଂଗୀତର ଲଳିତ ଝଙ୍କାର, ଯାହା ଥରେ ଝଂକୃତ ହେବା ଆରମ୍ଭ କଲେ ଜୀବନର ବୀଣାରେ ଅନେକ ଦିନ ଯାଏଁ ଲଳିତ ସ୍ୱରଟିଏ ନାନ୍ଦନିକ ନିନାଦଟିଏ ସୃଷ୍ଟି କରିଥାଏ । ଶବ୍ଦ, ନାଦ, ବ୍ରହ୍ମ ଭଳି ପ୍ରେମ ମଧ୍ୟ ଶାଶ୍ୱତ । ଏମିତି ଗୋଟିଏ ଆଶ୍ଚର୍ଯ୍ୟ ଜନକ ପ୍ରେମ କାହାଣୀ ଏବଂ ସେ ଦୁହିଁଙ୍କ ଭିତରେ ଥିବା ଗଭୀର ସଂପର୍କ, ମତେ କିଛି ସମୟ ପାଇଁ ବିସ୍ମୟାଭିଭୂତ କରି ଦେଇଥିଲା ।

ପ୍ରତିଦିନ ସକାଳ ୯ଟାରୁ ମୋର ରୋଗୀ ଦେଖା ଆରମ୍ଭ ହୋଇଯାଏ । ପ୍ରାୟ ଏଗାରଟା ବାରଟା ବେଳକୁ ରୋଗୀମାନଙ୍କର ଭିଡ ବଢିଯାଏ । ଥରଟିଏ ଦିନ ବାରଟା ବେଳେ ଗେଟ ପାଖରୁ ସିକ୍ୟୁରିଟି ଗାର୍ଡ କହିଲା "ମା' ଆପଣଙ୍କ ପାଖକୁ ଗୋଟିଏ ସିରିୟସ ରୋଗୀ ଆସିଛି, ତାକୁ ପଠାଉଛି ।' ମୁଁ ଭାବିଲି ସେ ବୋଧ ହୁଏ ଷ୍ଟ୍ରେଚର କିମ୍ବା ହ୍ୱିଲ ଚେୟାର ରେ ଆସିବ । କିନ୍ତୁ ମତେ ହତ ଚକିତ କରି ଦେଇ, ଡେଙ୍ଗା ଯୁବକଟିଏ କାଖେଇ କାଖେଇ ସ୍ତ୍ରୀଲୋକଟିକୁ ଆଣି ଲଥ କରି ମୋ ଟେବୁଲର ସାମ୍ନା ଚେୟାରରେ ବସାଇ ଦେଲା । ମୁଁ ଅନାଇଲା ବେଳକୁ ପ୍ରାୟ ଅଢେଇ ଫୁଟର ବାମନ ସ୍ତ୍ରୀଲୋକଟିଏ ମୋ ଆଗ ଚେୟାର ରେ ବସିଛି । ତାର ହାତଗୋଡ ଖୁବ୍ ଛୋଟ ଛୋଟ ଦେହର ଦୁଇ ପଟରେ କଢ ଭଳି ବାହାରିଛି କେବଳ ପେଟଟି ଓ ମୁହଁଟି ସ୍ପଷ୍ଟ ଦିଶୁଛି, ଯେମିତି ସାମ୍ନା ଚେୟାର ଉପରେ ମାଦଳଟିଏ ହୋଇ ବସିଛି । ଝିଅଟିର ମୁହଁରୁ ଜଣା ପଡିଲା ତାକୁ ଖୁବ୍ କଷ୍ଟ ହେଉଛି । ମୁଁ ତା'ର ନାଁ, ଗାଁ ଠିକଣା ଲେଖି ସାରିଲା ପରେ ଜାଣିଲି ତା'ର ଗର୍ଭଧାରଣ ନଅମାସ ହୋଇଗଲାଣି । ଏମିତି ଗୋଟିଏ କୌତୁକିଆ ରୋଗୀ ଦେଖିବା ପାଇଁ କ୍ଲିନିକରେ ଥିବା ସବୁ ରୋଗୀ ଓ ଷ୍ଟାଫ ମାନେ ଆସି ଜମା ହୋଇଗଲେ । ସେମାନଙ୍କୁ ବାହାରକୁ ପଠାଇ ମୁଁ ହିଷ୍ଟ୍ରି ନେଇ ଏକଜାମିନେସନ ଟେବୁଲ ଉପରକୁ ଆଣିବାକୁ କହିଲି । ତା' ସ୍ୱାମୀ ଆସି କହିଲା ମୁଁ ନେଇଯାଉଛି । ଚେୟାରରୁ ଲକ୍ଷ୍ମୀ (ଛଦ୍ମନାମ) ସଙ୍ଗେ ସଙ୍ଗେ ଖପ୍ କରି ତା' ସ୍ୱାମୀ କୋଳକୁ ଡେଇଁ ପଡିଲା ଓ ତା' ସ୍ୱାମୀ ସୁବାସ (ଛଦ୍ମନାମ) ତାକୁ କାଖେଇ କାଖେଇ ଆଣି ଟେବୁଲ ଉପରେ ଶୁଆଇଦେଲା । ତା'ର ଉଚ୍ଚ ରକ୍ତଚାପ ଥିବା ସହ ଶିଶୁଟି ଗର୍ଭରେ ଓଲଟା ଥିଲା (ବ୍ରିଚ ପ୍ରେଜେଣ୍ଟେସନ ବା' ଗୋଡ ତଳପଟକୁ ଥିଲା) ଏବଂ ତାର ଲେବର ପେନ ଆରମ୍ଭ ହୋଇଯାଇଥିଲା । ପରୀକ୍ଷା କଲା ପରେ ଜାଣିଲି ତାକୁ ସଙ୍ଗେ ସଙ୍ଗେ ଆଡମିଶନ କରି ଅପରେସନ କରିବାକୁ ପଡିବ । ଝିଅଟିର ଉଚ୍ଚତା ମାତ୍ର ଅଢେଇ ଫୁଟରୁ ତିନିଫୁଟ ଭିତରେ ହେବ । ହାତ ଗୋଡ ନାହିଁ, ତେଣୁ ଏଇଟା ଗୋଟିଏ ଜଟିଳ କେଶ୍ । ସେଥିପାଇଁ ତାକୁ ଏସ.ସି.ବି ମେଡିକାଲ କଲେଜକୁ ରେଫର କରିବାକୁ ଚାହିଁଲି । ତତ୍‌କ୍ଷଣାତ୍ ତା ସ୍ୱାମୀ ସୁବାସ ମତେ କହିଲା "ମା' ଏସ.ସ.ବି ପଠାନ୍ତୁନି । ଏସ.ସି.ବିରୁ ମୁଁ ତାକୁ ଏଇଲେ ଆପଣଙ୍କ ପାଖକୁ ଉଠାଇ ଆଣିଛି , ସେଠି ଲକ୍ଷ୍ମୀକୁ ବସାଇବା ମାତ୍ରେ ତାକୁ ଦେଖି ଷ୍ଟାଫମାନଙ୍କ ଠାରୁ ରୋଗୀ ଯାଏଁ ସମସ୍ତେ ଥଟ୍ଟା ତାମସା କରି ହସିବାକୁ ଆରମ୍ଭ କଲେ । ସାରା ହସପିଟାଲ ର ଲୋକ ଗଦା ହୋଇଗଲେ, ସେ ଥଟ୍ଟା ଟାପରା ମୁଁ ସହି ନପାରି ଏଠିକି ନେଇ ଆସିଛି ।

ଆମେ ଖୁବ୍ ଅଳ୍ପ ସମୟ ଭିତରେ ତା' ପାଇଁ ଅପରେସନ ଥିଏଟର ପ୍ରସ୍ତୁତ କଲୁ । ପ୍ରଥମେ ଖୁବ୍ ଭଲ ଭାବରେ ତାକୁ ପ୍ରଫେସର ଡଃ ରମାରମଣ ଷଡଙ୍ଗୀ ଦେଖିଲେ ଓ କାର୍ଡିଆକ୍ କ୍ଲିୟରାନ୍ସ ଦେଲେ । ଯୋଗକୁ ସେତେବେଳକୁ ପୁଅ ଡଃ ସିଦ୍ଧାର୍ଥ ଷଡଙ୍ଗୀ ଯିଏ କି ଜଣେ ହାର୍ଟ ସର୍ଜନ, ବୋହୂ ଡଃ ଶିଖା ଷଡଙ୍ଗୀ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଜୋଇଁ ଡଃ ରାଧାକାନ୍ତ ପାଣିଗ୍ରାହୀ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ତଥା ଝିଅ ସୋନାଲି ଷଡଙ୍ଗୀ ଉପସ୍ଥିତ ଥିଲେ । ଏହାଛଡା ଡଃ ରମାରମଣ ଓ ଶିଶୁ ରୋଗ ବିଶେଷଜ୍ଞ ମଧ୍ୟ ଥିଲେ । ତାର ରୋଗର ହିଷ୍ଟ୍ରିରେ ଲକ୍ଷ୍ମୀ କହିଥିଲା ଯେ, ସେ ଜନ୍ମ ହେଲା ବେଳେ ଠିକ୍ ଥିଲା ଏବଂ ତାର ହାତ ଗୋଡ ଠିକ୍ ଥିଲା । କିନ୍ତୁ ବର୍ଷକର ହେଲାବେଳକୁ ହାଡର ଏମିତି ବିରଳ ରୋଗଟିଏ ହେଲା, ଯେଉଁଥିରେ ତାର ହାଡ ନରମ ହୋଇ ଭାଙ୍ଗି ଭାଙ୍ଗି ଗଲା ଓ ହାଡର ବିକାଶ ଆଦୌ ହେଲା ନାହିଁ । ତେଣୁ ହାତ ଗୋଡ ଆଉ ବଢିଲା ନାହିଁ । ଅଣ୍ଟା ହାଡ ଷ୍ଟ୍ରଙ୍ଗ ନଥିବାରୁ ମେରୁଦଣ୍ଡ ମଧ୍ୟ ବଙ୍କା ହୋଇଗଲା । ତେଣୁ ମୁହଁ, ମୁଣ୍ଡ, ମସ୍ତିଷ୍କ ଆଦି ଭଲ ଭାବରେ ବିକଶିତ ହେଲା ସିନା ଦେହ ବଢିଲାନି । ଫଳରେ ସେ ବାମନ ହୋଇ ରହିଗଲା । ଦୁଇଟି ହାତ ଓ ଗୋଡ କଢ ଭଳି ଦୁଇପଟେ କଅଁଳି ଥିଲା । ଏହା ବୋଧ ହୁଏ ପୃଥିବୀର ଗୋଟିଏ ବିରଳ କେଶ୍ ମଧ୍ୟରୁ ଅନ୍ୟତମ ଥିଲା ।

ଆଜିକାଲି ବହୁ ଦମ୍ପତିଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିଲେ ବି, ସେମାନଙ୍କର ଶାରୀରିକ ବ୍ୟବସ୍ଥା ଠିକଠାକ ଥିଲେ ବି ଯଥା ଜରାୟୁ, ଡିମ୍ବକୋଷ ଆଦି, ତଥାପି ସେମାନଙ୍କର ଗର୍ଭ ସଂଚାର ହୋଇପାରୁନାହିଁ । କିନ୍ତୁ ଏମିତି ବାମନଟିଏ ଯାହାର ଏତେ ବିକଳାଂଗତା ଥାଇ ମଧ୍ୟ ଗର୍ଭଧାରଣ କରି ପାରିଲା ତାହା ହିଁ ସବୁଠାରୁ ବଡ ଆଶ୍ଚର୍ଯ୍ୟ । ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟି ହିଁ ବିଚିତ୍ର । କେତେବେଳେ କାହାକୁ କେମିତି ଭାବରେ ସେ ଆଶୀର୍ବାଦର ବାରିଧାରା ଢାଳିଦେବେ, ସେକଥା କେହି ମଧ୍ୟ ଜାଣି ପାରିବେ ନାହିଁ । ଭାବିଲି ପଚାରିବି କେମିତି ଏ ବିବାହ ସମ୍ଭବ ହେଲା । ପୁଅଟରି ଛଅ ଉଚ୍ଚତା ଫୁଟ । ସେ ବଳିଷ୍ଠ ଓ ସୌମ୍ୟଦର୍ଶୀ ଅଥଚ ଝିଅଟି ମାତ୍ର ଅଢେଇ ଫୁଟର । କେମିତି ପ୍ରୀତିର ପାରିଜାତ ଫୁଲଟିଏ ଫୁଟି ଦୁହିଁଙ୍କୁ ଅପୂର୍ବ ସୁବାସରେ ମହକାଇ ଦେଲା ? (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ...(୯)

# ଖେଳ




ମୂଳ ହିନ୍ଦୀ – ଅଭିଷେକ କଶ୍ୟପ









ଅନୁବାଦ- ନନ୍ଦିତା ମହାନ୍ତି


(ପୂର୍ବପ୍ରକାଶିତ ଉତ୍ତାରୁ)

ଏହି ଦୁର୍ଘଟଣାର ପ୍ରଭାବରୁ 'ଅଫିସର ଷ୍ଟାଡିୟମ' ମଧ ରକ୍ଷା ପାଇ ପାରି ନ ଥିଲା । ଟିମର ପିଲାମାନଙ୍କ ଚର୍ଚ୍ଚାରେ ଷ୍ଟ୍ରାଇକ, ଅଫିସର ଆସୋସିଏସନ, ଟ୍ରେଡ ୟୁନିଅନ କଥା ସାମିଲ ହୋଇ ଯାଇଥିଲା । ମିଙ୍କି ଓ ସୋନୁ ମଧରେ ସବୁ ରାଗରୋଷ ଦୂରୀଭୂତ ହୋଇ ଯାଇଥିଲା । ଅଚାନକ ଟିମର ସବୁ ପିଲା ଅଫିସର ଆସୋସିଏସନ ହୋଇ ଯାଇଥିଲେ ଆଉ ମୁଁ ......ଟ୍ରେଡ ୟୁନିଅନ ।

ଏହି ସ୍ଥିତି ମୋ ଭିତରେ ଭୟଙ୍କର ଅସ୍ଥିରତା ସୃଷ୍ଟି କରିବାକୁ ଲାଗିଥିଲା ।

ମୁଁ ସେମାନଙ୍କୁ କ୍ରମାଗତ ଭାବରେ ବୁଝେଇବାକୁ ଚେଷ୍ଟା କରୁଥିଲି ଯେ ଏବେ ସେମାନେ ନିଜର ପାଠପଢା ଓ ଖେଳ ଛଡା ଅନ୍ୟ କୌଣସି ବେକାର ଝମେଲାରେ ମୁଣ୍ଡ ପୂରେଇବା କଥା ନୁହେଁ ।ଏସବୁ ବଡ ଲୋକମାନଙ୍କର ଝଗଡା ଆଉ ସେମାନେ ଏହାକୁ ଭଲ ଭାବରେ ସାମ୍ନା କରିପାରିବେ .....ହେଲେ ମୁଁ ଏକଥା ଭଲ ଭାବରେ ଅନ୍ଦାଜ ଲଗେଇ ସାରିଥିଲି ଯେ ସେଇ ରାଜକୁମାରମାନଙ୍କ ଉପରେ ମୋ କଥାର କୌଣସି ବଡ ଧରଣର ପ୍ରଭାବ ପଡୁ ନ ଥିଲା । ହଁ , ଏକଥା ସତ ଯେ ସେମାନେ କେବଳ ମୋର ଭାଷଣକୁ ଚୁପଚାପ ଶୁଣୁଥିଲେ । କୌଣସି ବିରୋଧାତ୍ମକ ସ୍ୱର ଉଠୁ ନ ଥିଲା । ହେଲେ ଅନ୍ୟ ପ୍ରକାର ଏକ ଦଳୀୟକରଣ କିନ୍ତୁ ଆରମ୍ଭ ହୋଇ ଯାଇଥିଲା ନିଷ୍ଚୟ, ଯେଉଁଠି ଦ୍ୱିତୀୟ ପକ୍ଷ ଭାବରେ ମୁଁ ପୁଣି ଏକୁଟିଆ ହୋଇଯିବାର ଅନେକ ସମ୍ଭାବନା ଥିଲା ।

ଆଉ ଶେଷରେ ସେହି ଦିନ ବି ଆସି ପହଞ୍ଚିଗଲା, ଚତୁର ବିଲେଇର ପଦଚାପ ପରି ଧିମା ସ୍ୱର ଯାହା ମୋ କାନରେ ପଡୁଥିଲା । ସତକୁ ବା କେତେ କାଳ ଯାଏଁ ମିଛ ବା ଭ୍ରମ ବୋଲି କହି ଦୂରେଇ ରଖା ଯାଇ ପାରିବ ? ସେଦିନ ମୁଁ ଯେତେବେଳେ ଷ୍ଟାଡିୟମରେ ପହଞ୍ଚିଲି ସୋନୁ କହିଲା, 'ଆଜି ମୋର ବାର୍ଥଡେ', ତୁମେ ନିଷ୍ଚୟ ଆସିବ ।'

'ଆଁ...., ତୁ ମୋତେ ଆଗରୁ କାହିଁକି କହିଲୁନୁ', ମୁଁ ଚମକି ପଡି କହିଲି ।

'ସରି ୟାର, ମୁଁ ଗତକାଲି କହିବି ବୋଲି ଭାବିଥିଲି, ହେଲେ ଭୁଲିଗଲି ....ସରି !'

'ହଉ, ଠିକ ଅଛି । ହାପି ବାର୍ଥ ଡେ' ଟୁ ୟୁ', ମୁଁ ହାତ ମିଳେଇଲି, 'ମୁଁ ଆସିବି ।'

ମୁଁ କହି ତ ଦେଲି ଯେ ମୁଁ ଆସିବି, ହେଲେ ମୋ ଭିତରେ ଏକ ତୀବ୍ର ଅନ୍ତର୍ଦ୍ୱନ୍ଦ ମଥା ପିଟିବା ଆରମ୍ଭ କରି ଦେଇଥିଲା ।ସମସ୍ୟା ଥିଲା ବାର୍ଥଡେ' ଗିଫ୍ଟ । ମାସ ଶେଷ ହେବା ଉପରେ । ପୁଣି ହରତାଳ ହେବାର ସମ୍ଭାବନା ମଧ ଥିଲା । ଘରେ ଥିଲା ପଇସାର ଘୋର ଅଭାବ ।

ମିଙ୍କିକୁ ଗୋଟେ କୋଣକୁ ଡାକି ନେଇ ମୁଁ ପଚାରିଲି, 'ତୋତେ ବି ତ ସୋନୁ ଇନଭାଇଟ କରିଥିବ ?'

'ହଁ ।'

'ତୁମେ କଣ ଗିଫ୍ଟ ଦେବ ?'

'ମୁଁ କହି ପାରିବିନି । ଗିଫ୍ଟ ତ ପାପା ପରଚେଜ କରିବେ ।'

'ମୁଁ କଣ ଦେବି ?' ମୁଁ ସିଧା ସିଧା ପଚାରିଦେଲି ।

'ଗୋଟେ ଇନଷ୍ଟ୍ରମେଣ୍ଟ ବକ୍ସ ଦେଇ ଦିଅ ।', ସିଏ ଖାମଖିଆଲିରେ କହିଲା ।

'ଇନଷ୍ଟ୍ରମେଣ୍ଟ ବକ୍ସ ଦେବା ଠିକ ହେବ ତ ? ମୁଁ ଗଭୀର ଅପ୍ରସ୍ତୁତା ମଧରେ ଘେରେଇ ହୋଇ ଯାଇଥିଲି ।

'ହଁ, ହଁ, ସେତିକି ସଫିସିଏଣ୍ଟ ହେବ ।'

ନିଜର ବ୍ୟାଟ ଓ ୱିକେଟ ନେଇ ଘରକୁ ଫେରିଲା ବେଳେ ମୁଁ କେବଳ ଏତିକି ଭାବୁଥିଲି ଯେ ଇନଷ୍ଟ୍ରମେଣ୍ଟ ବକ୍ସ ପାଇଁ ପଇସା କେମିତି ଯୋଗାଡ ହେବ ? ଟିକେ ସମୟ ମୁଣ୍ଡ ଖର୍ଚ୍ଚ କରି ଚିନ୍ତା କରିବା ପରେ ମୋତେ ରାସ୍ତା ଦେଖାଗଲା ଆଉ ମୁଁ ଖୁବ ଖୁସିରେ ନିଜର ବଙ୍ଗଳା ଭିତରକୁ ପ୍ରବେଶ କଲି ।

ବାପା କୋଲିଆରିରୁ ଫେରି ଆସିଥିଲେ । ତାଙ୍କ ଚେହେରାରେ ବ୍ୟସ୍ତତା, ଚିନ୍ତା, ହତାଶା ପୂର୍ବ ଅପେକ୍ଷା ଆହୁରି ଅଧିକ ସ୍ପଷ୍ଟ ଦିଶୁଥିଲା । ଧୂଳି ଓ ଝାଳରେ ଭିଜି ଯାଇଥିଲା ମୁହଁ .......ମାଆ ତାଙ୍କ ପାଖରେ ବସିଥିଲେ ।

ହାତ-ପାଦ ଧୋଉଥିବା ବେଳେ ମୁଁ ଶୁଣିଲି – ରାମପ୍ରସାଦର ଡିସମିସାଲ ଅର୍ଡରକୁ ରଦ୍ଦ କରାଯାଇ ନ ଥିଲା ଆଉ ତାକୁ ବିରୋଧ କରି ଆଜି ଠାରୁ କୋଲିଆରିର ସମସ୍ତ ଶ୍ରମିକ–କର୍ମଚାରୀ, ଟ୍ରେଡ ୟୁନିଅନର ନେତୃତ୍ୱରେ ହରତାଳ କରିବା ଆରମ୍ଭ କରି ଦେଇଥିଲେ .......ଅଗଣାରେ ଛିଡା ହୋଇ ତଉଲିଆରେ ମୁହଁ ପୋଛୁ ପୋଛୁ ଯାହା ମୁଁ ଶୁଣିଲି, ସତ କହୁଛି ସେକଥା ନିଜ ଜୀବନରେ ମୁଁ କେବେ ହେଲେ ଶୁଣିବାକୁ ଚାହୁଁ ନ ଥିଲି । ଦେହର ଲୋମମୂଳ ସବୁ ଟାଙ୍କୁରି ଉଠିଥିଲା । ମୋର କାନ ନିଷ୍ଚୟ ଲାଲ ପଡି ଯାଇଥିବ ।

ଏଇ ସବୁ ଅଫିସରମାନେ ଶଳା ପକ୍କା ଚୁତିଆ .....ନିଜର 'ଫୁଟାଣି' ଦେଖେଇବାରେ ଟିକେ ହେଲେ ହେଳା କରନ୍ତି ନାହିଁ,

ମାଆ ଅଟକେଇବାକୁ ଚାହିଁଲେ, ହେଲେ ସିଏ ଅଟକିଲେ ନାହିଁ, ଏଇ ଶଳା ଏ.କେ. ସିଂହ .......ପୂର୍ବ ଜି.ଏମ, ଆର.ଏସ. ପାଣ୍ଡେର ସ୍ତ୍ରୀ ମାସେ ପାଇଁ ଗାଁକୁ ଗଲେ ଆଉ ମିସେସ ସିଂହ କୋଲିଆରିର ଜିପରେ ବସି ତାଙ୍କ ଘରକୁ ରୋଷେଇ କରିବାକୁ ଯାଉଥିଲେ । ତାଙ୍କ ପରେ ଏଇ ସିଂହ ପୁଅ ଏ.ଜି.ଏମ ହେଲା .....ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଥିଲା .....ଜି.ଏମ ଗିଲ .....ପଞ୍ଜାବୀ ମାଦାର......(ଗାଳି) ସହିତ ସିଏ ରେଡ ହ୍ୟାଣ୍ଡେଡ ଧରା ପଡିଥିଲା । ଏମାନେ ସବୁ ହେଲେ ମହିଳା । ଚାଳିଶ ବର୍ଷ ବୟସରେ ଚେହେରାରେ ରଙ୍ଗ ବୋଳି ହୋଇ ପୁରା ଚକଚକ .....ଶାଳି, ସବୁ ହାଇକ୍ଲାସ ବେଶ୍ୟା !'

ବାପା କେଜାଣି ଆହୁରି କେତେ କଣ କହି ଚାଲିଥିଲେ । ତାଙ୍କ ସ୍ୱରରେ ଘୃଣା ନ ଥିଲା, ଆକ୍ରୋଶ ନ ଥିଲା । ଥିଲା ଅସହାୟତା, ଯାଚନା । ଡର ଓ ଅସୁରକ୍ଷାର ଭାବ ଥିଲା ଗଭୀର । ମୋର ହୃଦ-କମ୍ପନ ବଢି ଯାଇଥିଲା ଯେମିତି ମୁଁ ଏବେ ଏବେ ଶହେ ମିଟର ଦୌଡ ଲଗେଇକି ଆସିଛି । ବାପାଙ୍କ ପାଇଁ ମୋ ମନରେ ଦୟାର ଉଦ୍ରେକ ହେଉଥିଲା, ତା ସହିତ କ୍ରୋଧ ବି । ଦୟା ଏଇଥିପାଇଁ ଯେ ସିଏ 'ଅଫିସର' ହୋଇ ପାରି ନ ଥିଲେ ଆଉ କ୍ରୋଧ ଏଇଥିପାଇଁ ଯେ 'ଲେବର' ହେବାର ନିୟତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ଅଧିକ କ୍ରୋଧ ଏଇଥିପାଇଁ ଲାଗିଥିଲା ଯେ ସିଏ ସେଇ ମହିଳାକୁ ବେଶ୍ୟା ବୋଲି କହିଲେ, ଯିଏ ମୋ ପାଇଁ ଜଣେ ଆଦର୍ଶ ମହିଳା ହୋଇ ସାରିଥିଲେ । ସେହି ମହିଳା, ଯାହାଙ୍କ ପାଇଁ ମୋ ଭିତରେ ଏକ ଆଶ୍ଚର୍ଯ୍ୟ ଧରଣର ସମ୍ମାନର ଭାବ ଉଛୁଳି ପଡୁଥାଏ ସବୁବେଳେ । ତାଙ୍କୁ ଦେଖି, ତାଙ୍କ ବିଷୟରେ ନିମଜ୍ଜିତ ଭାବରେ ଚିନ୍ତା କରି ଗଭୀର ସ୍ନେହ ଓ ବାତ୍ସଲ୍ୟରେ ମୁରୁକି ହସୁଥିବା ବରଫ ପରି ଶୀତଳ ଓ ବିବାକ ସଫେଦ ମାଆ ମେରିୟମଙ୍କ କଥା ମନେ ପଡିଯାଏ ଯାହାଙ୍କୁ ମୁଁ ଏକ କୁହୁଡି ଘେରା ଶୀତ ସନ୍ଧ୍ୟାରେ ଭେଟିଥିଲି .......କେବେ ଦେଶର ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀଙ୍କର ବିଦେଶୀ ପତ୍ନୀଙ୍କ ଚେହେରା ମନ ଭିତରେ ଉଦଭାଷିତ ହୋଇ ଉଠେ, ଯାହାଙ୍କର ଶାଶୁ ଓ ଅଜାଶ୍ୱଶୁର ମଧ ଦେଶର ପ୍ରଧାନମନ୍ତ୍ରୀ ଆସନରେ ବିରାଜିତ ହୋଇ ଅନେକ ଦିନ ଧରି ଶାସନ କରିଥିଲେ ଦେଶକୁ । ସେଥିପାଇଁ ନିଜର ଅଭୂତପୂର୍ବ ପାରିବାରିକ ପୃଷ୍ଠଭୂମିକୁ ସିଏ ଗୋଟେ ମୂହୁର୍ତ୍ତ ପାଇଁ ମଧ ଭୁଲି ପାରୁ ନ ଥିଲେ .......ସେଥିପାଇଁ ତାଙ୍କ ଚେହେରାରେ ଲାଖି ଥିବା ଦୁଇ ଯୋଡା ଆଖି ଅଦ୍ଭୁତ ଗର୍ବ, ଗାରିମା ଓ ଏକ ଅସ୍ପଷ୍ଟ ରୁକ୍ଷତା ଭରି ହୋଇ ରହିଥାଏ ସବୁବେଳେ ।

ସିଏ 'ମୋର ଶାଶୁ' ଥିଲେ ।' ମୋର ପତ୍ନୀ' (!) ତାଙ୍କରି ଗର୍ଭରୁ ଜାତ ହୋଇଥିଲା !

'ପଞ୍ଜାବୀ ମାଦାର...(ଗାଳି) ସହିତ ରେଡ ହେଣ୍ଡେଡ ଧରା ପଡିଥିଲା .....'

ଓଃ !......ଗୋଟିଏ ମୂହୁର୍ତ୍ତ ପାଇଁ ସାରା ସଂସାର ପ୍ରତି ଏତେ ବିତୃଷ୍ଣ ଆସିଲା ଯେ ମନ ହେଲା ଚାଦରରେ ମୁହଁ ଘୋଡେଇ ନିଜ କୋଠରିକୁ ଯାଇ ଶୋଇ ପଡିବି କିମ୍ବା ପାନ ଚୋବେଇ ଚୋବେଇ ଅନ୍ଧକାର ରାସ୍ତାରେ ଏମିତି ନିରୁଦ୍ଦେଶ ଭାବରେ ଘୁରି ବୁଲିବି ।

ଏହି ବୈରାଗ୍ୟ ଭାବ କିନ୍ତୁ ବେଶୀ ସମୟ ଯାଏଁ ତିଷ୍ଠି ରହି ପାରିଲାନାହିଁ ।ମୁଣ୍ଡକୁ ଜୋରରେ ହଲେଇଦେଇ ମୁଁ ମଝି କୋଠରିରେ ଥିବା ବଡ କାଠ ଆଲମୀରା ନିକଟରେ ପହଞ୍ଚିଲି । ସେହି ଆଲମୀରାରେ ଘର ଯାକର ସମସ୍ତଙ୍କ ଲୁଗାପଟା ରଖା ଯାଉଥିଲା । ମୁଁ ବିଶେଷ ଅବସରମାନଙ୍କରେ ପିନ୍ଧିବା ପାଇଁ ରଖା ଯାଇଥିବା ମୋର ଧଳା ରଙ୍ଗର ସାର୍ଟ ଓ କଳା ଫୁଲପ୍ୟାଣ୍ଟ ବାହାର କଲି ।

ଫୁଲ ପ୍ୟାଣ୍ଟ ପିନ୍ଧି ସାର୍ଟ ଇନ କଲି ଓ ଫୁଲପ୍ୟାଣ୍ଟର ପକେଟରେ ହାତ ପୁରେଇ ଏକ ନିଆରା ଢଙ୍ଗରେ ଚାଲି ଚାଲି ଦର୍ପଣ ପାଖକୁ ଗଲି । ସେଠି ଗୋଟେ ଥାକ ଉପରେ ଟ୍ୟାଲକମ ପାଉଡର ଓ ପରଫ୍ୟୁମ ବୋତଲ ଥୁଆ ହୋଇଥିଲା । ପରଫ୍ୟୁମ ବୋତଲ ଉପରେ ଇଂରାଜୀରେ ଲେଖା ହୋଇଥିଲା : 'କୋବରା' ଆଉ ତଳେ ଗୋଟେ କଳା ରଙ୍ଗର ନାଗ ସାପ ଫଣା ଉଠେଇ ଛିଡା ହୋଇଥିଲା । (କ୍ରମଶଃ)


♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

# ଜଳେଶ୍ୱରରେ ଶାନ୍ତି ଶୃଙ୍ଖଳା ସହିତ ଭୋଟ ଗଣତି : ବିଜେଡିର ଜିଲ୍ଲାପରିଷଦ ପ୍ରାର୍ଥୀ ବହୁ ଆଗରେ

ଜଳେଶ୍ୱର, ୨୬/୨(ନି.ପ୍ର): ଆଜି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଫଳାଫଳର ପ୍ରକାଶ ଲାଗି ଜଳେଶ୍ୱର ବ୍ଲକରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିରେ ସରପଂଚ ଓ ସମିତି ସଦସ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ନିବ୍ର ପ୍ରତିଦ୍ୱନ୍ଦିତା ହେଉଥିବା ବେଳେ ବିଜେଡିର ୭ନଂ ଜୋନ ଜିଲାପରିଷଦ ପ୍ରାର୍ଥୀ ବହୁ ଭୋଟ ବ୍ୟବଧାନରେ ଆଗେଇ ଚାଲିଥିବା ପ୍ରାପ୍ତ ସୂଚନାରୁ ଜଣାଯାଇଛି । ଜଳେଶ୍ୱର ବ୍ଲକ୍‌ରେ ୩୫ଟି ପଂଚାୟତର ୪୪୬ ୱାର୍ଡର ମଧ୍ୟରୁ ଆଜି ସର୍ଦ୍ଦାରବନ୍ଧ ପଂଚାୟତରର ୧୩ ୱାର୍ଡ, ଶ୍ୟାମନଗର ପଂଚାୟତର ୧୧ଟି ୱାର୍ଡ, ରାଇବଣିଆର ପଂଚାୟତର ୧୧ ୱାର୍ଡ, ବରଡିହାର ୨୦ ୱାର୍ଡ, ଖୁଆଡର ୧୩ ୱାର୍ଡ, କାଳିକର ୧୧ ୱାର୍ଡ, କଳମାର ୧୧ଟି ୱାର୍ଡ ଓ ଓଲମରାର ପଂଚାୟତର ୧୩ ୱାର୍ଡର ଭୋଟ ଗଣତି ଆଜି ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଛି । ସକାଳ ୭.୪୫ରେ ଜିଲା ନୋଡାଲ ଅଫିସର ବିଶ୍ୱଦର୍ଶୀ ସାହୁ (ଜିଲା ମଂଗଳ ଅଧିକାରୀ), ବିଡିଓ ଅଶ୍ୱିନୀ କୁମାର ଦାସ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଜିପିଇଓ ମାୟାଧର ମଲ୍ଲିକ, ମଂଗଳ ଅଧିକାରୀ ସୁଜୟ ଚନ୍ଦ, ସିପି ସୁଜିତ୍ ଜେନା ପ୍ରମୁଖ ଭୋଟ ଗଣତି କେନ୍ଦ୍ରରେ ପ୍ରସ୍ତୁତ ହୋଇ ରହିଥିଲେ । ୮ଟି ଟେବୁଲରେ ୮ଜଣ ସୁପର ଭାଇଜରଙ୍କ ଅଧିନରେ ଏହି ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ୮ଟି ଟେବୁଲରେ ୱାର୍ଡମେମ୍ବର ମାନଙ୍କର ଭୋଟ ଗଣତି ହେବା ସହିତ ଭୋଟ କାଗଜର ରଂଗ ଅନୁଯାୟୀ ସରପଂଚ, ସଦସ୍ୟ ଓ ଜିଲାପରିଷଦ ସଦସ୍ୟଙ୍କ ଭୋଟ ଗଣତି ଆରମ୍ଭ ହୋଇଥିଲା । ଅତିରିକ୍ତ ପୁଲିସ୍ ସିପରିଟେଣ୍ଡେଣ୍ଟ ଗୋବିନ୍ଦ ଚନ୍ଦ୍ର ସେଠୀ, ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମାର, ଆଇଆଇସି ରୋଜାଲିନ୍ ବେହେରା, ରାଇବଣିଆ ଓଆଇସି ହୃଷିକେଷ ପଶ୍ଚିମକବାଟ, ନାମ୍ପୋ ପ୍ରଫୁଲ୍ଲ ଅଟବୁଦ୍ଧ ପ୍ରମୁଖ ଭୋଟ ଗଣତି କେନ୍ଦ୍ରରେ ଉପସ୍ଥିତ ରହି ଆଇନ୍ ଶୃଙ୍ଖଳ ସହିତ ପରିଚାଳନା କରୁଥିଲେ । ଆଜି ରାତ୍ରୀ ୭ଟା ସୁଦ୍ଧା ସରପଂଚ, ସମିତି ସଦସ୍ୟଙ୍କ ଭୋଟ ଗଣତି ସରିନଥିବା ବେଳେ ୭ନଂ ଜିଲା ପରିଷଦର ୬ଷ୍ଠ ପର୍ଯ୍ୟାୟ ଗଣତି ସୁଦ୍ଧା ବିଜେଡି ଦଳର ତୁଳସୀ କିସ୍କୁ ୮୬୨୨, ବିଜେପିର ବିଜେତା ଟୁଡୁ ୩୩୯୬, କଂଗ୍ରେସର ମନିକା ମାରାଣ୍ଡି ୧୬୭୯ ଓ ସ୍ୱାଧିନ ମଂଜୁଲତା ମାରାଣ୍ଡି ୮୫ ଭୋଟ ପାଇଥିବା ସୂଚନା ମିଳିଛି । ତୁଳସୀ କିସ୍କୁ ତାଙ୍କ ନିକଟତମ ବିଜେପି ପ୍ରାର୍ଥୀଙ୍କ ଠାରୁ ୫୨୨୬ ଭୋଟରେ ଆଗୁଆ ଅଛନ୍ତି । ଦିନକୃଷ୍ଣ ପରିସରରେ ଭୋଟଗଣତି କାର୍ଯ୍ୟ ଚାଲୁଥିବା ବେଳେ କଲେଜ ଅଧ୍ୟକ୍ଷ ରାଧାରଂଜନ ସେନାପତି ଉପସ୍ଥିତ ଥିଲେ । ନିୟମ ଅନୁଯାୟୀ ବିଜେଡି, ବିଜେପି ଓ କଂଗ୍ରେସ କର୍ମୀମାନେ ଗଣତିକେନ୍ଦ୍ରରେ ପ୍ରତିନିଧି ଦେଇଥିବା ବେଳେ ଶହ ଶହ ସମର୍ଥକ ଉତ୍କଣ୍ଠାର ସହ ବାହାରେ ଜଗି ରହିଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୨୮ ପଜିଟିଭ୍

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶନିବାର ଦିନ ୨୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୯ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୯ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୭୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୬୨୪୫ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୪୫୪୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୮୩ ରେ ପହଂଚିଛି । ବର୍ତମାନ ଆଉ ୪୯୯ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

## ଉତ୍ତରାଖଣ୍ଡ : ଉଚ୍ଚ ସ୍ଥାନରେ ବର୍ଷା ଏବଂ ତୁଷାରପାତ

ଡେରାଡୁନ୍, ୨୬/୦୨ (ନି.ପ୍ର): ପୁଣି ଥରେ ଉତରାଖଣ୍ଡରେ ପାଗ ଏକ ମୋଡ଼ ନେଇଛି । ପାଣିପାଗ ବିଭାଗର ନିର୍ଦ୍ଦେଶକ ବିକ୍ରମ ସିଂଙ୍କ କହିବା ଅନୁଯାୟୀ ରାଜ୍ୟ ବର୍ଷା ଓ ତୁଷାରପାତରୁ ମୁକ୍ତି ପାଇପାରି ନାହିଁ । କେତେକ ଜିଲ୍ଲାରେ ହାଲୁକା ବର୍ଷା ଓ ବର୍ଷା ହୋଇଛି । ପାଣିପାଗ ବିଭାଗର ନିର୍ଦ୍ଦେଶକ ବିକ୍ରମ ସିଂ କହିଛନ୍ତି ଯେ, ଉତରାଖଣ୍ଡ ରାଜ୍ୟର କେତେକ ସ୍ଥାନରେ ହାଲୁକା କିମ୍ବା ମଧ୍ୟମ ଧରଣର ବର୍ଷା ହୋଇପାରେ । ଯାହା ତିନି ହଜାର ମିଟର ତଥା ଅଧିକ ଉଚ୍ଚା ସ୍ଥାନରୁ ତୁଷାରପାତ ହେବାର ସମ୍ଭାବନା ହେବାର ଅଛି । ତେବେ କେତେକ ସ୍ଥାନରେ ହାଲୁକା ବର୍ଷା ଓ ତୁଷାରପାତ ହୋଇଛି ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର, ୨୬/୦୨ (ନି.ପ୍ର): ବିଭାଘରକୁ ୮ମାସ ନ ପୂରୁଣୁ ସଦର ଥାନା ଅନ୍ତର୍ଗତ ଟୁଲଙ୍କସାହି ଅଞ୍ଚଳରେ ଜନୈକ ମହିଳାଙ୍କର ମୃତ ଶରୀର ଶୋଇବା ଘରୁ ଶନିବାର ଉଦ୍ଧାର ହୋଇଛି । ମୃତ ମହିଳା ଜଣକ ହେଲେ ଜୟନ୍ତ ଜେନାଙ୍କ ପତ୍ନୀ ଭାଗ୍ୟଶ୍ରୀ ଜେନା (୨୧) । ପ୍ରତିଦିନ ଭଳି ସ୍ୱାମୀ ଜୟନ୍ତ କାର୍ଯ୍ୟକୁ ଚାଲିଯାଇଥିବା ବେଳେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ବେଳେ ପରିବାରର ଅନ୍ୟ ଲୋକଙ୍କ ଦୃଷ୍ଟି ଆଢୁଆଳରେ ନିଜ ଶୋଇବାଘର ଫ୍ୟାନରେ ଭାଗ୍ୟଶ୍ରୀ ଫାଶୀ ଦେଇଥିଲେ । ତେବେ ଘରଲୋକେ ଦେଖି ତାଙ୍କୁ ଉଦ୍ଧାର ସହ ଡାକ୍ତରଖାନାକୁ ନେଇ ଯାଇଥିଲେ । ମାତ୍ର ଡାକ୍ତର ଭାଗ୍ୟଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପ୍ରଥମ ଦିନର ଟ୍ରେଣ୍ଡରୁ ବିଜେଡି ....

ମଧ୍ୟରୁ ୨୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୨୨ ଟି ଆସନରେ ବିଜେଡି ଆଗୁଆ ରହିଛି । ଗଜପତି ଜିଲ୍ଲାର ମୋଟ ୧୪ ଟି ଆସନ ମଧ୍ୟରୁ ୭ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୨ ଆସନରେ ଆଗୁଆ ରହିଛି । ଝାରସୁଗୁଡା ଜିଲ୍ଲାର ମୋଟ ୯ ଟି ଆସନ ମଧ୍ୟରୁ ୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୫ ଟି ଆସନରେ ବିଜେଡି ଆଗୁଆ ରହିଛି । ଯାଜପୁର ଜିଲ୍ଲାର ମୋଟ ୩୯ ଟି ଆସନ ମଧ୍ୟରୁ ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୦ ଟି ଆସନରେ ବିଜେଡି ଆଗୁଆ ରହିଛି । ଖୋର୍ଦ୍ଧା ଜିଲ୍ଲାର ମୋଟ ୩୦ଟି ଆସନ ମଧ୍ୟରୁ ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୨ ଆସନରେ ଆଗୁଆ ରହିଛି । କେନ୍ଦୁଝର ଜିଲ୍ଲାର ମୋଟ ୩୭ ଟି ଆସନ ମଧ୍ୟରୁ ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି । କନ୍ଧମାଳ ଜିଲ୍ଲାର ମୋଟ ୧୮ ଟି ଆସନ ମଧ୍ୟରୁ ୧୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଓ କଂଗ୍ରେସ ୨ଟି ଆସନରେ ଆଗୁଆ ରହିଛି । କୋରାପୁଟ ଜିଲ୍ଲାର ମୋଟ ୨୯ ଟି ଆସନ ମଧ୍ୟରୁ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୫ଟି ଓ ଅନ୍ୟ ୧ ଆସନରେ ଆଗୁଆ ରହିଛି । କେନ୍ଦ୍ରାପଡା ଜିଲ୍ଲାର ମୋଟ ୩୨ ଟି ଆସନ ମଧ୍ୟରୁ ୯ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୯ ଟି ଆସନରେ ବିଜେଡି ଆଗୁଆ ରହିଛି । ମାଲକାନଗିରି ଜିଲ୍ଲାର ମୋଟ ୧୫ ଟି ଆସନ ମଧ୍ୟରୁ ୬ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୧ଟି ଆସନରେ ଆଗୁଆ ରହିଛି । ମୟୁରଭଂଜ ଜିଲ୍ଲାର ମୋଟ ୫୬ ଟି ଆସନ ମଧ୍ୟରୁ ୨୬ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୨୩ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଅନ୍ୟ ୩ ଆସନରେ ଆଗୁଆ ରହିଛି । ନବରଙ୍ଗପୁର ଜିଲ୍ଲାର ମୋଟ ୨୬ ଟି ଆସନ ମଧ୍ୟରୁ ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଅନ୍ୟ ୧ ଆସନରେ ଆଗୁଆ ରହିଛି । ନୂଆପଡା ଜିଲ୍ଲାର ମୋଟ୧୪ ଟି ଆସନ ମଧ୍ୟରୁ ୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୫ ଟି ଆସନରେ ବିଜେଡି ଆଗୁଆ ରହିଛି । ନୟାଗଡ ଜିଲ୍ଲାର ମୋଟ ୨୪ ଟି ଆସନ ମଧ୍ୟରୁ ୮ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୮ ଟି ଆସନରେ ବିଜେଡି ଆଗୁଆ ରହିଛି । ପୁରୀ ଜିଲ୍ଲାର ମୋଟ ୩୩ ଟି ଆସନ ମଧ୍ୟରୁ ୧୧ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୧ ଟି ଆସନରେ ବିଜେଡି ଆଗୁଆ ରହିଛି । ରାୟଗଡା ଜିଲ୍ଲାର ମୋଟ ୨୨ ଟି ଆସନ ମଧ୍ୟରୁ ୧୧ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୬ ଟି ଆସନରେ ଆଗୁଆ ରହିଛି । ସମ୍ବଲପୁର ଜିଲ୍ଲାର ମୋଟ ୧୮ ଟି ଆସନ ମଧ୍ୟରୁ ୯ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଟି ଆସନରେ ଆଗୁଆ ରହିଛି । ସୁବର୍ଣ୍ଣପୁର ଜିଲ୍ଲାର ମୋଟ ୧୩ ଟି ଆସନ ମଧ୍ୟରୁ ୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୩ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୧ ଟି ଆସନରେ ଆଗୁଆ ରହିଛି । ସୁନ୍ଦରଗଡ ଜିଲ୍ଲାର ମୋଟ ୩୫ ଟି ଆସନ ମଧ୍ୟରୁ ୧୭ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଟି ଓ ଅନ୍ୟ ୧ ଆସନରେ ଆଗୁଆ ରହିଛି । କଳାହାଣ୍ଡି ଜିଲ୍ଲାର ମୋଟ ୩୬ ଟି ଆସନ ମଧ୍ୟରୁ ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୪ ଟି ଆସନରେ ଆଗୁଆ ରହିଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଶନିବାର ସକାଳ ୮ଟାରୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଭୋଟ୍ ଗଣତି ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ରାଜ୍ୟର ୩୧୫ଟି ଜିଲ୍ଲା ପରିଷଦ ଜୋନରେ ଭୋଟ୍ ଗଣତି ହୋଇଛି । ରବିବାର ଆଉ ୩୦୭ଟି ଏବଂ ସୋମବାର ୨୨୯ଟି ଜିଲ୍ଲା ପରିଷଦ ଜୋନ୍ ର ଭୋଟ୍ ଗଣତି ହେବ । ପ୍ରତିଦିନ ଧାର୍ଯ୍ୟ ଜୋନ୍ ର ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ଭୋଟ୍ ଗଣତି ହେବ । ୨୮ତାରିଖ ସୁଦ୍ଧା ସମସ୍ତ ଜୋନ୍ ରେ ଭୋଟ୍ ଗଣତି ଶେଷ ହେବ । ରାଜରେ ଗତ ୧୬ ତାରିଖଠାରୁ ୫ ଟି ପର୍ଯ୍ୟାୟରେ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ମୋଟ ୨.୭୯ କୋଟି ଭୋଟର ୯୧୯୧୩ଟି ବୁଥ୍ ମାଧମରେ ୧ଲକ୍ଷ ୬ହଜାର ୩୫୩ଟି ବିଭିନ୍ନ ପଦବୀ ନିମନ୍ତେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ।

### ଆଭିମୁଖ୍ୟ ବଦଳାଇଲା....

ୟୁକ୍ରେନ୍‌ର ମନବଳକୁ ବୃଦ୍ଧି କରିଛି । ଅନ୍ୟପଟେ ଭାରତର ପ୍ରଧାମନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହାୟତା ଲୋଡ଼ିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ଯୁଦ୍ଧରେ ସାହାୟତା କରିବାକୁ ନିବେଦନ କରିଥିଲେ । ପ୍ରତିଉତ୍ତରରେ ଯୁଦ୍ଧକୁ ନେଇ ମୋଦି କଡ଼ା ନିନ୍ଦା କରିବା ସହ ଯୁଦ୍ଧ ବନ୍ଦ ହେବା ଦରକାର ବୋଲି ଆଶ୍ୱସନା ଦେଇଛନ୍ତି । ପୂର୍ବରୁ ଆମେରିକା ସମେତ ୟୁରୋପୀୟ ଦେଶ ଗୁଡ଼ିକ କେବଳ ସମବେଦନା ଓ ନିନ୍ଦା କରିଥିବା ବେଳେ ଏହା ଯଥେଷ୍ଟ ନୁହେଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି କହିଥିଲେ । ୟୁକ୍ରେନନ ରାଷ୍ଟ୍ରପତିଙ୍କ ଅନୁରୋଧ ପରେ ଆମେରିକା ପ୍ରଥମେ ସାହାଯ୍ୟ ପାଇଁ ଅମଙ୍ଗ ହୋଇଥିଲା । ସବୁ ନାଟର ଗୋବର୍ଦ୍ଧନ ନାଟୋ ବ୍ୟାକ୍‌ଫୁଟ୍‌କୁ ଆସିଥିଲା । ତେବେ ରୁଷର ପ୍ରଚଣ୍ଡ ଆକ୍ରମଣରେ ୟୁକ୍ରେନ୍ ଧ୍ୱଂସବିଧ୍ୱଂସ ହେବା ସହ ସବୁଠି ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି ।

### ସଦର ବ୍ଲକ ପଞ୍ଚାୟତ....

ରହିଥିବା ଲକ୍ଷ୍ୟ କରାଯାଇଛି । ପ୍ରାରମ୍ଭିକ ଟ୍ରେଣ୍ଡରେ ବିଜେଡି ବହୁ ଆସନରେ ଆଗୁଆ ଥିବାର ଜଣାପଡ଼ିଛି । ବାହାନଗା, ବାଲେଶ୍ୱର, ବାଲିଆପାଳରେ ବିଜେଡି ଆଗରେ ରହିଛି । ସେହିପରି ବସ୍ତା, ଭୋଗରାଇ, ଜଳେଶ୍ୱର, ଖଇରା, ସୋରରେ ମଧ ବିଜେଡି ଆଗରେ ରହିଛି । ମୋଟ ୮ଟି ଜୋନରେ ବିଜେଡି ଆଗରେ ରହିଛି । ଭୋଗରାଇର ଗୋଟିଏ ଜୋନରେ କଂଗ୍ରେସ ଆଗରେ ରହିଛି । ବାଲେଶ୍ୱରର ୭ଟି ବିଧାନସଭା କ୍ଷେତ୍ରରେ ୪୫ ଜିଲ୍ଲା ପରିଷଦ ଜୋନ୍ ରହିଛି । ୨୦୧୭ରେ ବିଜେଡିକୁ ୩୧, ବିଜେପିକୁ ୧୩ ଓ କଂଗ୍ରେସକୁ ଗୋଟିଏ ମିଳିଥିଲା । ଉତ୍ତର ବାଲେଶ୍ୱରରେ ବିଜେଡିକୁ ଗତଥର ଏକତରଫା ସଫଳତା ମିଳିଥିଲା । ଭୋଗରାଇ, ଜଳେଶ୍ୱର, ବସ୍ତା ଓ ସିମୁଳିଆରେ ବିଜେଡି ବିଜୟ ହାସଲ କରିଥିଲା । ସଦର, ରେମୁଣା, ନୀଳଗିରିରେ ବିଜେଡିକୁ ବିଜେପି କଡା ଟକ୍କର ଦେଇଥିଲା ।

### ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ....

ରୁଷ ଆକ୍ରମଣ କରୁଥିଲା ଠିକ୍ ସେତିବେଳେ ଫୋନ୍ ଆସିଥିଲା । ଏନେଇ ପିଏମଓ ପକ୍ଷରୁ ଏକ ବାର୍ତ୍ତା ଜାରି କରାଯାଇଛି । ରୁଷ ଏବଂ ୟୁକ୍ରେନ ମଧ୍ୟରେ ଉପୁଜିଥିବା ସଙ୍କଟ ବିଷୟରେ ୟୁକ୍ରେନ ରାଷ୍ଟ୍ରପତିଙ୍କ ସହ ଆଲୋଚନା ହୋଇଛି । ୟୁକ୍ରେନରେ ଚାଲିଥିବା ଯୁଦ୍ଧକୁ ପ୍ରଧାନମନ୍ତ୍ରୀ କଡ଼ା ନିନ୍ଦା କରିଛନ୍ତି । ଯୁଦ୍ଧରେ ନଷ୍ଟ ହୋଇଥିବା ଧନଜୀବନ ଓ ସମ୍ପତ୍ତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ମୋଦି । ତେବେ ଆଲୋଚନା ମାଧ୍ୟମରେ ଯୁଦ୍ଧ ବନ୍ଦ ହେବା ଉଚିତ ବୋଲି ମୋଦି ପ୍ରସ୍ତାବ ଦେଇଛନ୍ତି । ଏଥିପାଇଁ ମୋଦି ବ୍ୟକ୍ତିଗତ ଭାବେ ନିଜ ତରଫରୁ ଉଦ୍ୟମ କରିବେ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ୟୁକ୍ରେନ୍‌ରେ ଫସିଥିବା ଭାରତୀରୟ ଛାତ୍ରମାନଙ୍କୁ ସୁରକ୍ଷା ନେଇ ମୋଦି ଚିନ୍ତା ପ୍ରକଟ କରିଛନ୍ତି । ଭାରତୀୟ ଛାତ୍ରଙ୍କୁ ସ୍ଥାନାନ୍ତର ପାଇଁ ସହାୟତା କରିବାକୁ ମୋଦି ମଧ ୟୁକ୍ରେନ ରାଷ୍ଟ୍ରପତିଙ୍କୁ ନିବେଦନ କରିଛନ୍ତି ।

## ରକ୍ତଦାନ କରି ଜନ୍ମଦିନ ପାଳିଲେ ସମାଜସେବୀ ରଞ୍ଜନ ମହାପାତ୍ର

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଜାତୀୟତାର ମହାନ୍ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ନିଜ ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି ସମାଜସେବୀ ରଞ୍ଜନ କୁମାର ମହାପାତ୍ର । ଆଜି ନିଜର ୨୯ତମ ଜନ୍ମଦିନ ଅବସରରେ ରଞ୍ଜନ କ୍ୟାପିଟାଲ ହସ୍ପିଟାଲ ବ୍ଲଡ଼ବ୍ୟାଙ୍କ ପରିସରରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ରକ୍ତଦାନ କରି ନିଜର ଜନ୍ମଦିନଟିକୁ ସ୍ମରଣୀୟ କରିଛନ୍ତି । ନିୟମିତ ରକ୍ତ ଆବଶ୍ୟକ କରୁଥିବା ରକ୍ତଶୂନ୍ୟତା ଭୋଗୁଥିବା ଶିଶୁ, ପୋଡ଼ାଜଳା ରୋଗୀ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏବଂ ଥାଲାସେମିଆ, ଅସହାୟ ଓ ନିରାଶ୍ରୟ ରୋଗୀମାନଙ୍କୁ ବଞ୍ଚାଇ ରଖିବା ପାଇଁ ଦୈନିକ ରକ୍ତର ଆବଶ୍ୟକତା ହୋଇଥାଏ । ରକ୍ତଦାତା ନ ରହିଲେ ରକ୍ତ ଆବଶ୍ୟକ କରୁଥିବା ପୀଡ଼ିତଙ୍କ ଜୀବନରକ୍ଷା କରିବା ସମ୍ଭବ ନୁହେଁ । ତେଣୁ ପ୍ରତ୍ୟେକ ବଦାନ୍ୟ ବକ୍ତି ନିଜର ଜନ୍ମଦିନରେ ରକ୍ତଦାନ କରିପାରିଲେ, ଅନେକ ପୀଡ଼ିତଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ରଞ୍ଜନ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ଭୁବନେଶ୍ୱରସ୍ଥିତ ରସୁଲଗଡ଼ ରାମକୃଷ୍ଣ ବାଳାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ଅନ୍ନ, ଡ଼ାଲମା, ଖଟା ଓ କ୍ଷିରୀ ଭୋଜନରେ ଆପ୍ୟାୟିତ କରିବା ସହିତ କିଛି ସମୟ ତାଙ୍କ ସହିତ ଅତିବାହିତ କରି ନିଜ ଜନ୍ମଦିନର ଖୁସିକୁ ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଏସିପି ଲଳିତେନ୍ଦୁ ମହାନ୍ତି, ମିଶନ ରକ୍ତ ବନ୍ଧନର ମୁଖ୍ୟ ହରପ୍ରସାଦ ମହାପାତ୍ର, ନାରାୟଣ ବେହେରା, ସୁଶ୍ରୀ ବିଭାରାଣୀ ପାତ୍ର, କାଞ୍ଚନ ପାଉଣ୍ଡେସନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ, ବିଶ୍ୱଜିତ ସାମନ୍ତରାୟ, ତପନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରଞ୍ଜନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

## ପ୍ରତିଶ୍ରୁତିରେ ରହିଯାଇଛି ଲଙ୍ଗଳେଶ୍ୱର ଷ୍ଟାଡିଅମ



ଲଙ୍ଗଳେଶ୍ୱର, ୨୬/୦୨ (ନି.ପ୍ର): ସ୍ଥାନୀୟ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆରେ ନିର୍ମାଣ ହେବାକୁଥିବା ଖେଳ ଷ୍ଟାଡିଅମ କେବେ ନିର୍ମାଣ ହେବ ବୋଲି ଯୁବ ଗୋଷ୍ଠି ମନରେ ଉତକଣ୍ଠା ଲାଗିରହିଛି । ଷ୍ଟାଡିଅମ ପାଇଁ ପ୍ରତିଶ୍ରୁତିର ପଦ୍ମ ଘୁରି ଘୁରି ଯାଉଛି । ଅଭିଯୋଗ ଅନୁଯାୟୀ ଗତ କୋଡିଏ ବର୍ଷ ତଳେ ସ୍ଥାନୀୟ ହାଇସ୍କୁଲର ସ୍ୱାଧୀନତା ଦିବସରେ ଅତିଥି ହୋଇ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଏଠାରେ ଷ୍ଟାଡିଅମ ହେବାର ପ୍ରତିଶୃତି ଦେଇଥିଲେ କିନ୍ତୁ ଫଳ ସୁନ । ପୂର୍ବତନ ସାଂସଦ ଶ୍ରୀକାନ୍ତ ଜେନା, ରବୀନ୍ଦ୍ର କୁମାର ଜେନା ମଧ ପ୍ରତିଶୃତି ଦେଇଥିଲେ ହେଁ ଏ ଯାଏଁ ପଦ୍ମ ଘୁରି ଘୁରି ଯାଉଛି । ଏଠାରେ ପ୍ରକାଶ ଥାଉ କି ବାଲିଆପାଳ ବ୍ଲକର ଏହା ଦ୍ୱିତୀୟ ମୁଖ୍ୟ କେନ୍ଦ୍ର ସ୍ଥଳ । ଏଇ ପଡିଆ ଟି ଲମ୍ବ ପ୍ରସ୍ତ ରେ ସୁଦୀର୍ଘ ହୋଇଥିବାରୁ ଷ୍ଟାଡିଅମ ହେବାପାଇଁ ଉପଯୁକ୍ତ । ପ୍ରତିବର୍ଷ ଦଶ ପନ୍ଦରଟି କ୍ରିକେଟ ମେଚ ଏଠାରେ ଅନୁଷ୍ଠିତ ହୁଏ । ଏହାବ୍ୟତୀତ ପ୍ରତିଦିନ ଆଖ ପାଖ ଅଞ୍ଚଳ ର ଖେଳାଳି ମାନେ ଏଠାରେ ପ୍ରାକ୍ଟିସ କରିବାପାଇଁ ଆସନ୍ତି । ସିଟି ସ୍କୁଲ, ସଚିନ୍ଦ୍ର କୁମାର ହାଇସ୍କୁଲ, ନୋଡାଲ ସ୍କୁଲ ର ଛାତ୍ରଛାତ୍ରୀ ମାନେ ମଧ ଏଠାରେ ବିଭିନ୍ନ ପ୍ରକାର ଖେଳ ଖେଳିଥାନ୍ତି । ଏଠାରେ ଷ୍ଟାଡିଅମ ହେବା ଶୁଣି ସମସ୍ତ ଯୁବ ଗୋଷ୍ଠି ତଥା ଖେଳାଳି ମାନଙ୍କର ଉତ୍ସାହିତ ହୋଇଥିବା ବେଳେ ଦୀର୍ଘ ଦିନ ଧରି ନିର୍ମାଣ ନ ହେବାରୁ ଅଞ୍ଚଳ ବାସୀଙ୍କ ମନରେ ଉଦବେଗ ପ୍ରକାଶ ପାଇଛି । ଏଠାରେ ଷ୍ଟାଡିଅମ ହେଲେ ଏ ଅଞ୍ଚଳର କ୍ରୀଡ଼ାବିତ ମାନଙ୍କ ମନରେ ଉତ୍ସାହ ଜାଗ୍ରତ ହେବା ସହ ବିକାଶ ମଧ ହୋଇପାରନ୍ତା ।

## ଓଡ଼ିଶା ଉଦ୍ୟୋଗୀ ପରିବାରର ପ୍ରଥମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଓଡ଼ିଶା ଉଦ୍ୟୋଗୀ ପରିବାରର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ସୁତୃପ୍ତି ହୋଟେଲ ପରିସର ମଧରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଭାରତ ନିର୍ବାଚନ ଆୟୋଗଙ୍କ ପୂର୍ବତନ ଉପଦେଷ୍ଟା ଡଃ ଭଗବାନ ପ୍ରକାଶ, ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଡଃ ସହଦେବ ସାହୁ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ, ସମାଜସେବୀ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଉଦ୍ୟୋଗୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହିତ ସବୁଜିମା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ସମସ୍ତେ ପ୍ରୟାସ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ଓଡ଼ିଶା ଉଦ୍ୟୋଗୀ ପରିବାରର ପ୍ରତିଷ୍ଠାତା ଓ ସଭାପତି ସମାଜସେବୀ ଶିବ ନାରାୟଣ ମିଶ୍ର ସଭା କାର୍ଯ୍ୟକୁ ପରିଚଳନା କରିବା ସହିତ ମତବ୍ୟକ୍ତ କରିଥିଲେ ଯେ, ଉଦ୍ୟୋଗୀମାନଙ୍କର ସମ୍ମାନ, ସୁରକ୍ଷା ଓ ସମୃଦ୍ଧି ପାଇଁ ଏହି ସଙ୍ଗଠନ ବଦ୍ଧ ପରିକର । ଏହି ଅବସରରେ ୨୦୨୧ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ ସମ୍ମାନ ଭବାନନ୍ଦ ଦାସଙ୍କୁ ପ୍ରଦାନ କରାଯାଇଥିବା ବେଳେ ହୃଦୟ ରଞ୍ଜନ ମହାନ୍ତିଙ୍କୁ "ପ୍ରାଉଡ୍ ମେମ୍ବର" ରୂପେ ସମ୍ମାନିତ କରାଯାଇଥିଲା । ଏହା ସହିତ ସିଦ୍ଧାର୍ଥ ଶେଖର ପଟ୍ଟନାୟକ, ଅଚ୍ୟୁତାନନ୍ଦ ବରାଳ, ବି. ପି. ସିଂ, ଚୈତନ୍ୟ ପାଲ ଓ ଆଦିତ୍ୟ ମହାନ୍ତିଙ୍କୁ ଶ୍ରେଷ୍ଠ ନେତୃତ୍ୱ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ବଜାର ଭିତରେ ସିମେଣ୍ଟ ବୋଝେଇ ପାଇଁ ଜନ ଅସନ୍ତୋଷ




ଲଙ୍ଗଳେଶ୍ୱର, ୨୬/୦୨ (ନି.ପ୍ର): ସ୍ଥାନୀୟ ଲଙ୍ଗଳେଶ୍ୱର ମୁଖ୍ୟ ରାସ୍ତା ତଥା ବଜାର ରେ ସିମେଣ୍ଟ ଦୋକାନ କରିବା ସହିତ ସିମେଣ୍ଟ ଲୋଡ୍ ଆନଲୋଡ୍ କରିବା ଦ୍ୱାରା ସିମେଣ୍ଟ ଧୂଳି ଉଡି ଲୋକଙ୍କ ଆଖିରେ ଭର୍ତି ହେଇଯିବାରୁ ସାଧରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହା ଏକ ପ୍ରମୁଖ ବଜାର ହୋଇଥିବାରୁ ଆଖ ପାଖ ଷାଠିଏ ସତୁରିଟି ଗ୍ରାମର ହଜାର ହଜାର ଲୋକ ପ୍ରତିଦିନ ଏଇ ବଜାର ଉପରେ ନିର୍ଭର କରିଥାନ୍ତି । ବଜାରରେ ତିନି ଶହ ରୁ ଉର୍ଦ୍ଧ୍ୱ ଦୋକାନ ବ୍ୟବସାୟ କରନ୍ତି । ବଜାରର ମଝିରେ ଜନୈକ ଦୋକାନୀ ଗୋଚର ଜମି ଜବରଦଖଲ କରି ସିମେଣ୍ଟ ଗୋଦାମ କରିଥିବାରୁ ପ୍ରତିଦିନ ରିକ୍ସା ଅଟୋ ପିକଅପ, ଟ୍ରାକ୍ଟର ଲୋଡ୍ କରି ଗରାଖ ସିମେଣ୍ଟ ନେବା ସହ ବଡ଼ ବଡ଼ ଗାଡ଼ିରେ ସିମେଣ୍ଟ ଆସି ଗୋଦାମ ରେ ରଖାଯାଏ । ଲୋଡ୍ ଅନଲୋଡ୍ ସମୟରେ ସିମେଣ୍ଟ ଧୂଳି ଉଡି ଅନ୍ୟ ଦୋକାନରେ ପଶିବା ସହିତ ବଜାରରେ ଥିବା ଲୋକ ଧୂଳି ଧୂସରିତ ହୁଅନ୍ତି । ଯାହାଫଳରେ ସାଧରଣରେ ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ୨୮ରେ ଖୋଲିବ ପ୍ରାଥମିକ ବିଦ୍ୟାଳୟ

ବାଲେଶ୍ୱର, ୨୬।୨ (ସିଟି): ମହାମାରୀ କରୋନା ପାଇଁ ଗତ ୨ବର୍ଷ ଧରି ବନ୍ଦ ରହିଥିବା ପ୍ରାଥମିକ ବିଦ୍ୟାଳୟ ଆସନ୍ତା ୨୮ ତାରିଖ ଖୋଲିବାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନେଇଥିବା ନିଷ୍ପତ୍ତି ଅନୁସାରେ ଏବେ ଅଭିଭାବକଙ୍କୁ ସଚେତନ କରିବା ନିମନ୍ତେ ଆରମ୍ଭ ହୋଇଛି ଉଦ୍ୟମ । ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ପରାମର୍ଶ କ୍ରମେ ଜିଲା ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ପ୍ରତ୍ୟେକ ବ୍ଲକରେ ଜାରି ରହିଛି 'ବିଦ୍ୟାଳୟ ଫେରି ଚାଲ' ସଚେତନତା । ଏନେଇ ସମଗ୍ର ବାଲେଶ୍ୱର ଜିଲାରେ ସଚେତନତା ରଥ ପରିକ୍ରମା ଆରମ୍ଭ କରିଛି । ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହା ପ୍ରତ୍ୟେକ ବ୍ଲକର ପଞ୍ଚାୟତ, ଗ୍ରାମ, ପଡ଼ା ପ୍ରଭୃତି ଅଞ୍ଚଳ ବୁଲୁଛି । ଆସନ୍ତା ୨୮ ତାରିଖରୁ ପିଲାଙ୍କୁ ପୁଣିଥରେ ବିଦ୍ୟାଳୟକୁ ପଠାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନ ଜାରି ରହିଛି ।

## ମୁଖ୍ୟ ଶାସନ ସଚିବଙ୍କ ମୟୁରଭଞ୍ଜ ଗସ୍ତ : ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମୀକ୍ଷା



ବାରିପଦା, ୨୬/୦୨ (ନି.ପ୍ର): ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ପାଂଚପୀଢ ଉପଖଣ୍ଡର କରଞ୍ଜିଆ ବ୍ଲକ ଅନ୍ତର୍ଗତ ହାତୀବାରି ଠାରେ କାର୍ଯ୍ୟକାରୀ କରାଯାଇଥିବା ଦେଓ ମଧ୍ୟମ ଜଳ ସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହିତ କାର୍ଯ୍ୟଧାରା ନିରୀକ୍ଷଣ କରିଛନ୍ତି । ଉକ୍ତ ଜଳସେଚନ ପ୍ରକଳ୍ପର (ଡ୍ୟାମ୍) ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଂଚି ଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଏ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଦେଓ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିବା ସହିତ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ମୋଟ ୯୯୦୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ଥାଇ, ୨୦୨୧ ଖରିଫ୍ ଋତୁରେ ପ୍ରକଳ୍ପ ଜଳ ଭଣ୍ଡାରରୁ ଟ୍ରାଏଲ୍ ବେସିସ୍‌ରେ ୩୫୦୦ ହେକ୍ଟର ଚାଷ ଜମିକୁ କେନାଲ ମାଧ୍ୟମରେ ଜଳସେଚନ ଯୋଗାଇ ଦିଆଯାଇଅଛି । ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ବାବଦରେ ପ୍ରସ୍ତାବିତ ୯୪୧ କୋଟି ଟଙ୍କା ଆପାତତଃ ବ୍ୟୟ ଅଟକଳ ବରାଦ କରାଯାଇଅଛି । ମୁଖ୍ୟ ଶାସନ ସଚିବଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ଦେଓ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର କ୍ଷେତ୍ର ସ୍ତରୀୟ ନିରୀକ୍ଷଣ ତଥା ସମୀକ୍ଷାରେ ଜିଲ୍ଲାପାଳ ମୟୂରଭଞ୍ଜ ବିନୀତ୍ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ ରିଷିକେଶ୍ ଦ୍ୟାନଦେଓ ଖିଲାରୀ, ଉପ-ଜିଲ୍ଲାପାଳ ପାଂଚପୀଢ କରଞ୍ଜିଆ ଡ. ରଜନୀକାନ୍ତ ବିଶ୍ୱାଳ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦେଓ ଜଳସେଚନ ପ୍ରକଳ୍ପ ଇଂ ବାଦଲ କୁମାର ସାହୁ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅଜିତ୍ କୁମାର ଜେନା, ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ସାହୁ, ଓଡିଶା ନିର୍ମାଣ ନିଗମ ଲିମିଟେଡ୍‌ର ଜେନେରାଲ ମେନେଜର ଇଂ ପ୍ରଫୁଲ୍ଲ କୁମାର ପ୍ରଧାନ, ସିନିୟର ମେନେଜର (ସିଭିଲ୍) ବିଜୟ ଦାସ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ଯନ୍ତ୍ରୀ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଚାଲିଛି ପଞ୍ଚାୟତ ନିର୍ବଚନର ଭୋଟ ଗଣନା : ମଦ, ମାଂସର ଦୁର୍ଗନ୍ଧରେ ଫାଟି ପଡୁଛି ପଞ୍ଚାୟତ ସମିତି କାର୍ଯ୍ୟାଳୟ



ଉଦଳା, ୨୬/୦୨ (ନି.ପ୍ର): ନିକଟରେ ସରିଥିବା ତ୍ରୀ ସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣନା ଆଜି ଠାରୁ ଆରମ୍ଭ ହୋଇଛି । ଏଥିପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ତେବେ ଉଦଳାସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟର ବାହାର ପଟ ଆଜି ପ୍ରଭାତରୁ ଲୋକାରଣ୍ୟ ହୋଇ ଉଠିଛି । ଖାଲି ସେତିକି ନୁହେଁ ନିର୍ବାଚନରେ ଜିତିଥିବା ପ୍ରାର୍ଥିଙ୍କୁ ପ୍ରଶେସନ କରି ଗାଁ ପର୍ଯ୍ୟନ୍ତ ନେବା ପାଇଁ ମଦ ମାଂସ ଖାଇ ଅଭିର ବୋଳା ବୋଲି ହୋଇ ତାମସିକ ନୃତ୍ୟ ପରିବେଷଣ ପାଇଁ ପ୍ରସ୍ତୁତ ହେଉଛନ୍ତି ନିର୍ଲଜ । ଏଥିପାଇଁ ଆଜି ପଞ୍ଚାୟତ ସମିତି କାର୍ଯ୍ୟାଳୟର ବାହାର ପଟ ମଦ ମାଂସର ଦୁର୍ଗନ୍ଧରେ ଫାଟି ପଡୁଛି ।

ବାଲେଶ୍ୱର, ରବିବାର, ୨୭ ଫେବୃଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ଆଜିଠାରୁ ତିନି ଦିନ ପର୍ଯ୍ୟନ୍ତ ପୋଲିଓ ବୁନ୍ଦା ପ୍ରଦାନ ଅଭିଯାନ

ପୁରୀ, ୨୬/୦୨ (ନି.ପ୍ର): ପୁରୀ ଜିଲ୍ଲାରେ ଚଳିତ ବର୍ଷ ଆସନ୍ତାକାଲି ଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ ବର୍ଷ ବୟସ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ । ଆସନ୍ତାକାଲି ବୁଥ ସ୍ତରରେ ଏବଂ ୨୮ ଓ ମାର୍ଚ୍ଚ ପହିଲାରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ । ଚଳିତ ବର୍ଷ ଏହି ଅଭିଯାନରେ ଜିଲ୍ଲାର ୧,୮୫,୯୦୧ ଜଣ ଶିଶୁଙ୍କୁ ବୁନ୍ଦା ଦିଆଯିବ । ଟିକାଦାତା ମାନେ ୩,୬୮,୮୦୫ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ । ସହରାଂଚଳରେ ୫୫,୧୦୦ ଓ ଗ୍ରାମାଂଚଳରେ ୧,୩୦,୮୦୧ ଜଣଙ୍କୁ ପୋଲିଓ ବୁନ୍ଦା ଦିଆଯିବ । ଏଥିପାଇଁ ୭୬୬ଟି ବୁଥ ପ୍ରସ୍ତୁତ ରହିଛି । ସେହିଭଳି ଉକ୍ତ ଦିନ ଗୁଡିକରେ ଜିଲ୍ଲା ବାହାରୁ ଆସୁଥିବା ଶିଶୁ ମାନଙ୍କୁ ବୁନ୍ଦା ଦେବା ନିମନ୍ତେ ଶ୍ରୀମନ୍ଦିର ନିକଟସ୍ଥ,ବସଷ୍ଟାଣ୍ଡ, ଷ୍ଟେସନ, ଶ୍ରୀମନ୍ଦିର ଓ ଅନ୍ୟ ଜନଗହଳି ଭଳି ୫୬ଟି ସ୍ଥାନ ଚିହ୍ନଟ କରାଯାଇଛି । ଏଥିସହ ୨୪ ଟି ଭ୍ରାମ୍ୟମାଣ ଦଳ ସାମିଲ ରହିବେ । ଏହି ଅଭିଯାନରେ ୩,୦୬୪ ଜଣ ବୁନ୍ଦା ପ୍ରଦାନକାରୀ ଓ ୧୬୨ ଜଣ ସୁପରଭାଇଜରଙ୍କ ସମେତ ୩୩୮୬ ବ୍ୟକ୍ତି ଓ ଅଙ୍ଗନୱାଡି କର୍ମୀ ସାମିଲ ରହିବେ । କୋଭିଡ କଟକଣା ମଧ୍ୟରେ ଏହି ଅଭିଯାନ ଜାରି ରହିବ ଏବଂ ପ୍ରତ୍ୟେକ ବୁଥରେ ଏକଥରରେ ୫ ଜଣଙ୍କୁ ପ୍ରବେଶାନୁମତି ଦିଆଯିବ । ଶିଶୁ ମାନଙ୍କୁ ଟୀକାଦାତାଙ୍କ ବିନା ସ୍ୱର୍ଶରେ ବୁନ୍ଦା ପ୍ରଦାନ କରାଯିବ । ଏଥିପାଇଁ ଅଭିଭାବକ ମାନେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ସକାଳ ୮ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ବୁନ୍ଦାଦାନ କରାଯିବ ଏବଂ ଏଥିନିମନ୍ତେ ୨,୩୬,୦୯୫ ଡୋଜର ଆବଶ୍ୟକତା ରହିଛି । ପୋଲିଓ ବୁନ୍ଦା ବୋତଲ ସୁରକ୍ଷିତ ଭାବେ ରଖିବା ପାଇଁ ୪୩ଟି ଉତ୍କୃଷ୍ଟ Chain Point ରହିଛି । ଗତବର୍ଷ ପ୍ରାୟ ଏକ ଲକ୍ଷ ୫୭ ହଜାର ଶିଶୁଙ୍କୁ ବୁନ୍ଦା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୮୪ ପ୍ରତିଶତ ଟିକାଦାନ କେନ୍ଦ୍ରରେ ବୁନ୍ଦା ଗ୍ରହଣ କରିଥିଲେ । ଚଳିତ ବର୍ଷ ବୁଥରେ ଅଧିକ ପ୍ରତିଶତ ପିଲାଙ୍କୁ ସାମିଲ କରାଯିବା ଲକ୍ଷ ରଖାଯାଇଛି । ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ରୋଟାରୀ ଓ ଲାୟନ୍ସ କ୍ଲବକୁ ମଧ୍ୟ ପୂର୍ବରୁ ସାମିଲ କରାଯାଇଛି ।

## ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଫିକ୍ସିଂ ଅଭିଯୋଗ

ପୁରୀ, ୨୬/୦୨ (ନି.ପ୍ର): ଓଡ଼ିଶାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ କିପରି ଓଡ଼ିଆ ଛାତ୍ରଛାତ୍ରୀ ନଯାଇ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ସୁବିଧାରେ ପାଠପଢି ପାରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଚଳିତବର୍ଷ ଛାତ୍ରଛାତ୍ରୀମାନେ ବିଭିନ୍ନ ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ସିଟ୍‌ରେ ପଢିବା ପାଇଁ ଅନଲାଇନରେ ଆବେଦନ କରିଥିଲେ । ଅନଲାଇନରେ ଆବେଦନ ପତ୍ର ଗ୍ରହଣ କରିବା ପରେ ପରୀକ୍ଷା ଦେବା ପାଇଁ ଆଡ଼ମିଟ୍ କାର୍ଡ଼ ସେହି ଅନଲାଇନରେ ଲୋଡ୍ ହୋଇଥିଲା । ପରୀକ୍ଷାର୍ଥୀମାନେ ଡ଼ାଉନଲୋଡ଼ କରି ଆଡ଼ମିଟ୍‌କାର୍ଡ଼ ପ୍ରିଂଟ ବାହାର କରିଥିଲେ । ପରୀକ୍ଷାରେ ସଫଳତା ପାଇଁ ଛାତ୍ରଛାତ୍ରୀମାନେ ଦିନରାତି କଠିନ ପରିଶ୍ରମ କରିଆସୁଥିଲେ । ଅଭିଭାବକମାନେ ମଧ୍ୟ ପିଲାମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏତେ ପରିଶ୍ରମ ପରେ ଛାତ୍ରଛାତ୍ରୀ ମାନଙ୍କ ମୋବାଇଲ କୁ ଏକ ମେସେଜ ଆସଛି ତୁମେ ଯେଉଁ ସେଂଟରରେ ଖାଲିଥିବା ସିଟ୍ ପାଇଁ ଆବେଦନ କରିଥିଲ ସେଥିରେ ଆଉ ସିଟ୍ ଖାଲି ନାହିଁ । ଏହା ପଢିବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମାନସିକ ସ୍ତରରେ ପ୍ରବଳ ଆଘାତ ପାଇଛନ୍ତି । ଏହି ମେସେଜ ପଠାଇବା ଓ ସିଟ୍ ଫିଲପ୍ କରିବାରେ କିଛି ବ୍ୟକ୍ତି ଫିକ୍ସିଂ କରିଥିବା ଅଭିଯୋଗ ଶୁଣିବାକୁ ମିଳୁଛି । କେତେକ ପ୍ରଭାବଶାଳି ବ୍ୟକ୍ତି ଓ ରାଜନେତାଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ପିଲାମାନଙ୍କ ଏହି ସ୍କୁଲରେ ପଢିବା ପାଇଁ ବ୍ୟାପକ ଲବି କରିଥିବା ଆଲୋଚନା ହେଉଛି । ଡ଼ିସେମ୍ବର ୧୭ ତାରିଖରେ ଏହି ବିଦ୍ୟାଳୟରେ ପାଠ ପଢିବା ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା । ଫେବୃଆରୀ ୧୪ରେ ଆଡ଼ମିଟ୍ କାର୍ଡ଼ ଶିକ୍ଷା ବିଭାଗ ୱେବ ସାଇଟ୍‌ରୁ ଡ଼ାଉନଲୋଡ଼ କରିବା ପାଇଁ ସୂଚନା ଦିଆଯାଇଥିଲା । ମାର୍ଚ୍ଚ ୪ରେ ପ୍ରବେଶିକା ପରୀକ୍ଷା ହେବା ପାଇଁ ଚୂଡ଼ାନ୍ତ ହୋଇଥିଲା । ଏବେ ଛାତ୍ରଛାତ୍ରୀମାନେ ସେମାନଙ୍କ ଭବିଷ୍ୟତକୁ ନେଇ ଦୋଛକିରେ ପଡ଼ିଛନ୍ତି । ଏହି ଫିକ୍ସିଂ ଓ ଦୁର୍ନୀତି ସଂପର୍କରେ ଶିକ୍ଷା ବିଭାଗ ଜବାବ ନଦେଲେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ନ୍ୟାୟଳୟର ଆଶ୍ରୟ ନେବେ ବୋଲି ଚେତାବନି ଦେଇଛନ୍ତି ।

## ବିଜେଡିରେ ଯୋଗ ଦେଲେ ବିଜେପି କର୍ମୀ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଭୁବନେଶ୍ୱର ୪୦ ଓ ୪୧ ନମ୍ବର ୱାର୍ଡର ୨୦୦ରୁ ଅଧିକ କର୍ମୀ ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କ ମଧ୍ୟରେ ଅଛନ୍ତି ବିଜେପି ବନଦୁର୍ଗା ମଣ୍ଡଳ ସଭାପତି ଫିରୋଜ ଖାନ୍ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ସ୍ୱଚ୍ଛ ଶାସନରେ ପ୍ରଭାବିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଛନ୍ତି । ଏହାଦ୍ୱାରା ଦଳ ଓ ୱାର୍ଡ ଆହୁରି ମଜବୁତ ହେବ । ଯାହାକୁ ବି ପୌର ନିର୍ବାଚନରେ ନବୀନ ବାବୁ ଟିକେଟ ଦେବେ, ଆମେ ଦଳର ଶୃଙ୍ଖଳିତ କର୍ମୀ ଭାବେ ତାଙ୍କୁ ସମର୍ଥନ କରିବୁ ବୋଲି ସାମିଲ ପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସମସ୍ତ କର୍ମୀ ।

## 'ଗ୍ଲୋବାଲ ଇଣ୍ଡିଆ ଆଚିଭ୍‌ମେଣ୍ଟ୍' ପୁରସ୍କାରପ୍ରାପ୍ତ ବରିଷ୍ଠ ସାମ୍ବାଦିକ ରବି ରଥ ଓ ଚିକିତ୍ସାବିତ୍ ଡ଼ା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧିତ



ବ୍ରହ୍ମପୁର,୨୬/୨ : ନୂଆଦିଲ୍ଲୀରୁ ସମ୍ମାନଜନକ ଗ୍ଲୋବାଲ ଇଣ୍ଡିଆ ଏକ୍ସଲେନ୍ସ ଆଚିଭମେଣ୍ଟ ଆୱାର୍ଡ-୨୦୨୧ରେ ସମ୍ମାନିତ ବ୍ରହ୍ମପୁର ମହାନଗରର ଦୁଇ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ବରିଷ୍ଠ ସାମ୍ବାଦିକ ତଥା 'ନବୀନ'ର ସମ୍ପାଦକ ରବି ରଥ ଓ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ଼ା.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଭଗବତ ଚାରିଟେବଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବୈକୁଣ୍ଠ ନଗରସ୍ଥିତ ସାଇ ସଦନ କଲ୍ୟାଣ ମଣ୍ଡପ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବର୍ଷୀୟାନ ଭେଷଜ୍ ବିଶେଷଜ୍ଞ ଡ଼ା. ପି.ସି. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ସମ୍ମାନିତ ପ୍ରତିଭାଙ୍କୁ ଉପଢ୍ୌକନ, ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ଼. ଡ଼ମ୍ବରୁଧର ସାହୁ ଓ ବର୍ଷୀୟାନ ଶିକ୍ଷାବିତ ତଥା କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭଗବତ ଚାରିଟେବଲ ଟ୍ରଷ୍ଟର ଏଭଳି ପ୍ରତିଭା ପୂଜା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରଘୁନାଥ ପ୍ରସାଦ ପାଢ଼ୀ ଶର୍ମା, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପରିବହନ ଅଧିକାରୀ ଇଂ. ଦେବୀ ପ୍ରସାଦ ପାଢ଼ୀ, ସମାଜସେବୀ ରାମକୃଷ୍ଣ ପାତ, ଡ଼. ଗୋପାଳକୃଷ୍ଣ ପାଣିଗ୍ରାହୀ, ସବିତା ସାହୁକର, ସରିତା ପଣ୍ଡା, ସନ୍ତୋଷିନୀ ବେହେରା, ସୁଶାନ୍ତ କୁମାର କର, କପିଳ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ବି. ସତ୍ୟମ୍ ଆଚାରୀ ଭଜନ ଗାନ କରିଥିବା ବେଳେ ଶେଷରେ ସୁଶ୍ରୀ ଇଶାନୀ ପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

## ଦୂରଦର୍ଶୀ ନେତା ଏବଂ ମହାନ ସମାଜ ସୁଧାରକ ଥିଲେ ସାବରକର : ଶାହା

ନୂଆଦିଲ୍ଲୀ, ୨୬/୦୨ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୀର ସାବରକରଙ୍କ ପୁଣ୍ୟତିଥି ଉପରେ ତାଙ୍କୁ ମନେପକାଇ କହିଛନ୍ତି ଯେ ସେ ଏକ ଦୂରଦର୍ଶୀ ନେତା ଏବଂ ମହାନ୍ ସମାଜ ସୁଧାରକ ଥିଲେ । ଶ୍ରୀ ଶାହା ଶନିବାର ଦିନ ଟ୍ୱିଟ୍ କରି କହିଛନ୍ତି, "ପରମ ରାଷ୍ଟ୍ରଭକ୍ତ ଏବଂ ଅଦମ୍ୟ ସାହସୀ ବୀର ସାବରକର ଜୀ ଭାରତୀୟ ସ୍ୱତନ୍ତ୍ରତା ଆନ୍ଦୋଳନର ଏକ ଏପରି ତେଜସ୍ୱୀ ନକ୍ଷତ୍ର ଥିଲେ, ଯିଏ ନିଜ ଜୀବନର କ୍ଷଣ କ୍ଷଣ ଓ ଶରୀରର କଣ କଣ ମାତୃଭୂମିର ସେବାରେ ସମର୍ପିତ କରିଥିଲେ । କାଳ କୋଠରୀର ଅମାନବୀୟ ଯନ୍ତ୍ରଣା ମଧ୍ୟ ତାଙ୍କୁ ମାତୃଭୂମିର ଆଜାଦୀ ଓ ଅଖଣ୍ଡତାର ସଂକଳ୍ପରେ ମଧ୍ୟ ବିଚଳିତ କରିପାରି ନାହିଁ । କେନ୍ଦ୍ର ଗୃହମନ୍ତ୍ରୀ ଆହୁରି କହିଛନ୍ତି, "ସାବରକର ଜୀ ଏକ କ୍ରାନ୍ତିକାରୀ ଚିନ୍ତକ, ଲେଖକ, କବି, ଦୂରଦର୍ଶୀ ରାଜନେତା ହେବା ସହିତ ଏକ ମହାନ୍ ସମାଜ ସୁଧାରକ ମଧ୍ୟ ଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ଅସ୍ପୃଶ୍ୟତା, ଜାତିବାଦ ଏବଂ ତୁଷ୍ଟିକରଣ ବିରୁଦ୍ଧରେ ସଂଘର୍ଷ କରିଥିଲେ । ତାଙ୍କ ତ୍ୟାଗ, ତପ ଏବଂ ସଂଘର୍ଷ ବନ୍ଦନୀୟ । ସ୍ୱାଧୀନତାର ଏପରି ମହାନାୟକଙ୍କ ପୁଣ୍ୟତିଥିରେ ତାଙ୍କ ଚରଣରେ କୋଟି କୋଟି ବନ୍ଦନ ।"

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥାବାର୍ତ୍ତା ପାଇଁ ବିଜେପି କର୍ମୀମାନେ ଉତ୍ସାହିତ

ବାରାଣସୀ, ୨୬/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗମନ ପାଇଁ ପ୍ରସ୍ତୁତି ଶେଷ କରିବା ପାଇଁ ଶନିବାର ଦିନ ବିଜେପି କାଶୀ ଅଂଚଳର ଅଫିସରମାନେ ବ୍ୟସ୍ତ ଅଛନ୍ତି । ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ କାର୍ଯ୍ୟକର୍ତ୍ତା ମାନଙ୍କ ଉତ୍ସାହ ସର୍ବୋଚ୍ଚ ସ୍ତରରେ ରହିଛି । ପ୍ରଧାନମନ୍ତ୍ରୀ ମୋଦି ରବିବାର ବାରାଣସୀ ଜିଲ୍ଲାର ଆଠଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦ ହଜାର ବୁଥ କର୍ମଚାରୀଙ୍କ ସହ ସିଧାସଳଖ ଯୋଗାଯୋଗ କରିବେ । ଏଥିପାଇଁ କାର୍ଯ୍ୟକ୍ରମ ସ୍ଥାନରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ପ୍ରଧାନମନ୍ତ୍ରୀ ମଂଚରୁ ଗଲ୍ଫ କାର୍ଟରେ ଶ୍ରମିକ ମାନଙ୍କ ନିକଟକୁ ଯିବେ । ପ୍ରତ୍ୟେକ ଶ୍ରମିକ ତାଙ୍କ ଆଖିରେ ଦେଖିବେ । ଏକ ଗଲ୍ଫ କାର୍ଟରେ ଚଢ଼ିବା ବେଳେ ପ୍ରଧାନମନ୍ତ୍ରୀ ବୁଥ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ । ପ୍ରତ୍ୟେକ ବ୍ଲକ ମଧ୍ୟରେ ୧୫ ଫୁଟର ରାସ୍ତା ନିର୍ମାଣ କରାଯାଇଛି । ପ୍ରଧାନନ୍ତ୍ରୀ ଏହିପରି ଶ୍ରମିକ ମାନଙ୍କ ମଧ୍ୟରେ ଯିବେ ।

## ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କବାଡି ଖେଳକୁ ପ୍ରୋତ୍ସାହନ



ବାରିପଦା, ୨୬/୦୨ (ନି.ପ୍ର): ସ୍ଥାନୀୟ ଛଉ ପଡିଆରେ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କବାଡି ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଏକ କୋଟକୁ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଉଦଘାଟନ କରିଛନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ କୁମାର ପଟ୍ଟନାୟକ, ହର ପ୍ରସାଦ ପାତ୍ର, ଭଲିବଲ କୋଚ ମନୋରଞ୍ଜନ ଜୀଉ, କ୍ରୀଡ଼ାବିତ ସୋମନାଥ ସିଂହ, ବିଜୟ କୁମାର ଦାସ (ମଣ୍ଟୁଦା), ଭାନୁ ପ୍ରତାପ ଭଞ୍ଜଦେଓ, ଯୋଗେଶ୍ୱର ପାଲବାବୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ନିକଟ ଅତୀତରେ ମୟୂରଭଞ୍ଜ ଜୁନିଅର ଦଳ ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ ଜୁନିଅର କବାଡି ଚାମ୍ପିୟନସିପରେ ଅଂଶ ଗ୍ରହଣ କରିଥିଲେ । ଜାତୀୟ ସ୍ତରୀୟ ଖେଳାଳି ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ୧୮ ଜଣ ଖେଳାଳିଙ୍କୁ ନେଇ ଆଜିଠାରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବା ସହ ଏହି ପ୍ରୟାସ ଆଗାମୀ ଦିନରେ ମୟୂରଭଞ୍ଜ କବାଡି ଖେଳରେ ଉଚ୍ଚ ମାନର ପ୍ରଦର୍ଶନ କରିବ ବୋଲି ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଆଶା ପ୍ରକାଶ କରିଛନ୍ତି ।

## ବାଲିଆପାଳ ୨୧ ନଂ ଜିଲ୍ଲାପରିଷଦ ଜୋନରେ ବିଜେଡି ପ୍ରାର୍ଥନୀ ୩୬୨୪ ଖଣ୍ଡ ଭୋଟରେ ଆଗୁଆ



ବାଲିଆପାଳ, ୨୬/୦୨ (ନି.ପ୍ର): ଆଜି ସକାଳ ୮ଟାରୁ ବାଲିଆପାଳ ବ୍ଲକରେ ଶାନ୍ତି ଶୃଙ୍ଖଳ ସହିତ ଭୋଟ ଗଣିତି ଆରମ୍ଭ ହୋଇଛି । ଭୋଟ ଗଣିତି ହେଉଥିବା ସ୍ଥାନ ବାଲିଆପାଳ ପଂଚାୟତ ଅଫିସ ପରିସର ଲୋକାରଣ୍ୟ ହୋଇଛି । ୪ଟି ଜିଲାପରିଷଦ ଜୋନ ମଧ୍ୟରୁ ୨୧ନଂ ଜିଲାପରିଷଦ ଜୋନ ଏବଂ ଏହି ଜୋନ ଅନ୍ତର୍ଗତ ୮ଟି ପଂଚାୟତର ଗଣତି ଆରମ୍ଭ ହୋଇଛି । ସେ ସବୁ ପଂଚାୟତ ଗୁଡିକ ହେଲା ଅସ୍ତି, ବଳରାମପୁର, ବାଲିକୁଟୀ, ଦେଭୋଗ, ଘଣ୍ଟୁଆ, ନିକ୍‌ରା, ଶ୍ରୀରାମପୁର ଏବଂ କୁମ୍ଭାରୀ । ବର୍ତମାନ ସୁଧା ମିଳିଥିବା ଫଳାଫଳ ଅନୁଯାୟୀ ବିଜେଡି ପ୍ରାର୍ଥନୀ କାଂଚନ ବାଲା ଜେନା ୮୨୯୪ ଖଣ୍ଡ, କଂଗ୍ରେସ ପ୍ରାର୍ଥନୀ ବିନିତା ରାଣୀ ଜେନା ୫୬୭୦ ଖଣ୍ଡ ଏବଂ ବିଜେପି ପ୍ରାର୍ଥନୀ ଝରଣା ଜେନା ମାତ୍ର ୧୦୩୪ ଖଣ୍ଡ ପାଇଛନ୍ତି । ବିଜେଡି ପ୍ରାର୍ଥନୀ କାଂଚନ ବାଳା ଜେନା ତାଙ୍କର ନିକଟମ ପ୍ରତିଦ୍ୱନ୍ଦୀ କଂଗ୍ରେସର ବିନିତାରାଣୀ ଜେନାଙ୍କ ଠାରୁ ୩୬୩୪ ଖଣ୍ଡ ଭୋଟ ଆଗୁଆ ଅଛନ୍ତି । ଅନ୍ୟ ପକ୍ଷରେ ପଂଚାୟତରେ ସ୍ତରରେ ସରପଂଚ ଓ ସମିତି ସଦସ୍ୟ ପାଇଁ ଉଭୟ ବିଜେଡି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ଚାଲିଛି । କୁମ୍ଭାରୀ, ବଳରାମ ପଂଚାୟତରେ ବିଜେଡିର ସମର୍ଥୀତ ସଂରପଚ ଓ ସମିତି ସଦସ୍ୟ ପ୍ରାର୍ଥୀ ମାନେ ଆଗୁଆ ଥିବା ବେଳେ ଶ୍ରୀରାମପୁର ବାଲିକୁଟୀ ପଂଚାୟତରେ କଂଗ୍ରେସ ସମର୍ଥୀତ ପ୍ରାର୍ତୀମାନେ ଆଗୁଆ ଅଛନ୍ତି । ଘଣ୍ଟୁଆ ପଂଚାୟତରେ କଂଗ୍ରେସ ସମର୍ଥୀତ ସଦସ୍ୟା ପ୍ରାର୍ଥନୀ ରଂଜିତା ନାୟକ ବହୁ ଭୋଟରେ ଆଗୁଆ ଥିବା ବେଳେ ସରପଂଚ ପ୍ରାର୍ଥୀ ଭବେଶ ପ୍ରଧାନ ପଛରେ ଅଛନ୍ତି । ଅସ୍ତି , ନିଖିରା, ଦେଭୋଗ ପଂଚାୟତରେ ଉଭୟ କଂଗ୍ରେସ ଓ ବିଜେଡି ମଧ୍ୟରେ କଡା ଟକ୍କର ଚାଲିଛି । ଆଜି ବିଳମ୍ବିତ ରାତି ସୁଧା ସମସ୍ତ ୮ଟି ପଂଚାୟତରେ ଫଳାଫଳ ସ୍ୱଷ୍ଟ ହୋଇଯିବ । ଭୋଟ କେନ୍ଦ୍ର ନିକଟରେ ଶାନ୍ତି ଶରଙ୍ଖଳ ଦାୟିତ୍ୱରେ ବସ୍ତା ଏସଡିପିଓ ଜଳନ୍ଦର ଜାଲି,ବାଲିଆପାଳ ଆଇଆଇସି ପର୍ଶୁରାମ ସାହୁ ପୋଲିସ ଫୋର୍ସ ସହ ରହିଛନ୍ତି । ବିଡିଓ ଲଳିତ ସରେଙ୍ଗ, ତହସିଲଦାର ଦୀପକ କୁମାର ଦାସ, ବିଇଓ ସୁଧାଂଶୁ ଶେଖର ଜେନା,ଏବିଇଓ ଦୁଃଖୀଶ୍ୟାମ ଦାସ ପ୍ରମୁଖ ପରିଚାଳନା ଦାୟିତ୍ୱ ଅଛନ୍ତି ।

## ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଶେଷ ମ୍ୟାଚରେ ଏମସିଏ ଦଳ ବିଜୟୀ




ବାରିପଦା, ୨୬/୦୨ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଏମସିଏ ଦଳ ଷ୍ଟେସନ ଏଥଲେଟିକ ଆସୋସିଏସନକୁ ୫ଉଇକେଟରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଷ୍ଟେସନ ଏଥଲେଟିକ ଆସୋସିଏସନ ୨୦ ଓଭରରେ ୬ ଉଇକେଟ ହରାଇ ୧୨୭ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ମୃଣ୍ମୟ କୁମାର ଜେନା ୪୮ ଓ ଚନ୍ଦନ ପାତ୍ର ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ମନୋଜ ପ୍ରଧାନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଏମସିଏ ଦଳ ୧୯.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଅଜୁ ମହାନ୍ତ ଅପରାଜିତ ୭୪ ରନ ଓ ଅନୁଭବ ବ୍ରହ୍ମା ୨୨ ରନ କରିଥିବା ବେଳେ ବିପକ୍ଷ ଦଳର ଚନ୍ଦନ ପାତ୍ର ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଅଜୁ ମହାନ୍ତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପୂର୍ବତନ କାଉନସିଲ ସଦସ୍ୟ ନବ କୁମାର ସାହୁ ଓ ପୂର୍ବତନ ଜାତୀୟ ସ୍ତରୀୟ ବୋକ୍ସର ବିଜୟ ଚନ୍ଦ୍ର ଦାସ ଆଜିର ମ୍ୟାଚକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ତଥା ସହ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ବୈଦ୍ୟନାଥ ରଥ ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ରବିବାର ଡିଆରକେ(ଏ) ଓ ଡିଆରକେ (ବି) ମଧ୍ୟରେ ଫାଇନାଲ ଖେଳ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ।

## ଗୋଟିଏ ଦିନରେ ୨୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୬/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୪୬୧୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୨୪୨୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୦୭୯ ରହିଛି । ଆଜି ଚିହ୍ନଟ ହୋଇଥିବା ୨୯୩ ଜଣଙ୍କ ମଧ୍ୟରୁ ୧୭୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ସବୁଠାରୁ ଅଧିକ ୩୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩୫ , ବାଲେଶ୍ୱର ଜିଲ୍ଲାରୁ ୯ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧ , କଟକରୁ ୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨, ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୫, ଗଂଜାମ ଜିଲ୍ଲାରେ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୨୦. ଖୋର୍ଦ୍ଧାରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଓଡ଼ିଶାର ଇସ୍ପାତ କମ୍ପାନୀଙ୍କ ସହିତ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

### ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ : ରାମ ଚନ୍ଦ୍ର ପ୍ରସାଦ ସିଂ




ଭୁବନେଶ୍ୱର, ୨୬/୦୨ (ନି.ପ୍ର): ଇସ୍ପାତ ମନ୍ତ୍ରଣାଳୟ ଓଡିଶାର ଇସ୍ପାତ କମ୍ପାନୀଗୁଡିକ ସହିତ ଏକ ମତ ବିନିମୟ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି । ଆଜି ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ରାମ ଚନ୍ଦ୍ର ପ୍ରସାଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଓଡ଼ିଶାରେ ଥିବା ପ୍ରାଥମିକ ଓ ଦ୍ୱିତୀୟକ ଇସ୍ପାତ କମ୍ପାନୀର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ଇସ୍ପାତ କ୍ଷେତ୍ରରେ ଦେଖା ଦେଉଥିବା ଆହ୍ୱାନ ଗୁଡ଼ିକୁ କମ୍ପାନୀ ଅଧିକାରୀମାନେ ଉପସ୍ଥାପନ କରିଥିଲେ, ଯେଉଁଥିରେ ଏହି ଶିଳ୍ପ ପାଇଁ ଏକ ଉତ୍ତମ ପରିସଂସ୍ଥାନ ବିଶେଷ ଭାବରେ ପୁଞ୍ଜି, କଞ୍ଚାମାଲ ଯୋଗାଣ, ଯୋଗାଯୋଗ ସୁବିଧା ଓ ଦ୍ୱିତୀୟକ କମ୍ପାନୀ ଗୁଡ଼ିକ ପାଇଁ ସହାୟତା ଅନ୍ତର୍ଭୁକ୍ତ ଥିଲା । ଏହି ଅଧିବେଶନକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂ ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି କହିଛନ୍ତି । ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ଭୁବନେଶ୍ୱର ଭଳି ଅନୁଷ୍ଠାନ ମାଧ୍ୟମରେ ଓଡ଼ିଶା ସରକାର ଦକ୍ଷତା ବିକାଶ ଉପରେ ସଠିକ୍ ଧ୍ୟାନ ଦେଇଛନ୍ତି ଯାହାକି ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ମଧ୍ୟ ଖଣିଜ, ପ୍ରାକୃତିକ ସମ୍ପଦ, ପରିବହନ ସୁବିଧା ତଥା ପର୍ଯ୍ୟାପ୍ତ ବିଦ୍ୟୁତ ଶକ୍ତି ରହିଛି, ଯାହାକି ଓଡ଼ିଶାକୁ ଏକ ଉତ୍କୃଷ୍ଟ ନିବେଶ ସ୍ଥାନରେ ପରିଣତ କରିଛି ବୋଲି ସେ କହିଛନ୍ତି । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ତଥା ଯୋଜନା ଯେପରିକି ଗତିଶକ୍ତି ମାଷ୍ଟରପ୍ଲାନ ଦ୍ୱାରା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ, ଯେଉଁଥିରେ ଦ୍ୱିତୀୟକ ଇସ୍ପାତ କ୍ଷେତ୍ରର ଅବଦାନ ବହୁତ ଅଧିକ ହେବ । ଏହି କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେଉଛି ବୋଲି ମଧ୍ୟ ସେ ସୂଚନା ଦେଇଥିଲେ । ମନ୍ତ୍ରଣାଳୟର ଅଧିକାରୀମାନେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଇସ୍ପାତ ଶିଳ୍ପ ସମସ୍ୟାର ସମାଧାନ ପାଇଁ ସରକାର ସକ୍ରିୟ ଭାବରେ ସମସ୍ତ ପଦକ୍ଷେପ ନେଉଛନ୍ତି ଏବଂ ଏହି ଉଦ୍ୟୋଗରେ ବିଶେଷ ଭାବରେ ଦ୍ୱିତୀୟକ ଇସ୍ପାତ କମ୍ପାନୀଗୁଡିକର ପ୍ରଗତିରେ ବାଧା ସୃଷ୍ଟି କରୁଥିବା ନିର୍ଦ୍ଦିଷ୍ଟ ବିଷୟ ଉପରେ ମତାମତ ଏବଂ ପରାମର୍ଶକୁ ସ୍ୱାଗତ କରିଛନ୍ତି । ଏହି ମତ ବିନିମୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଇସ୍ପାତ କମ୍ପାନୀ ଗୁଡିକର ପ୍ରତିନିଧି ଏବଂ ଇସ୍ପାତ ମନ୍ତ୍ରଣାଳୟ ଓ ରାଷ୍ଟ୍ରାୟତ ଉଦ୍ୟୋଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo